January 2025 . Vol- I . Issue- I

# ବିନ୍ଦୁ ବିମର୍ଶ

BINDU BIMARSHA...

ଜାନୁଆରୀ - ମାର୍ଚ୍ଚ 2025



ସମାଲୋଚନାତ୍ମକ ଓଡ଼ିଆ ପତ୍ରିକା

ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା

ଜାନୁଆରୀ - ମାର୍ଚ୍ଚ ୨୦୨୫

Volume No:. 01, Issue No:. 01

JANUARY - MARCH 2025

**ପ୍ରତିଷ୍ଠାତା, ସମ୍ପାଦକ ଓ ପ୍ରକାଶକ**

ଡ. ସୌମ୍ୟଜିତ୍ ପଣ୍ଡା

**Founder, Editor & Publisher**

Dr. Soumyajit Panda

**ଯୋଗଯୋଗ**

ସଂକଳ୍ପ, କରଜଙ୍ଗା, ରାଜେନ୍ଦ୍ରପୁର,
ଯାଜପୁର, ଓଡ଼ିଶା ୭୫୫୦୦୯
bindubimarsha@gmail.com
୯୪୩୯୫୧୫୫୭୯

**Contact**

Sankalpa, At– Karajanga,
Po– Rajendrapur, Ps– Kuakhia,
Jajpur , odisha, 755009
bindubimarsha@gmail.com
9439515579

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ନାରାୟଣ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ**
ସଂଯୁକ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ପ୍ରଫେସର ମନୋରଞ୍ଜନ ପ୍ରଧାନ**
ଓଡ଼ିଆ ବିଭାଗ ମୁଖ୍ୟ,
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଦେବାଶିଷ ପାତ୍ର**
ବିଭାଗ ମୁଖ୍ୟ, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ଡ. କଳ୍ପତରୁ ନାୟକ**
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧ

## ସମ୍ପାଦକ ମଣ୍ଡଳୀ

**ଡ. ସୌମ୍ୟଜିତ୍ ପଣ୍ଡା**
ସହାୟକ ଅଧ୍ୟାପକ, ଦୂରନ୍ତର ଶିକ୍ଷାକେନ୍ଦ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ଡ. ପ୍ରୀତିରଞ୍ଜନ ମାଝୀ**
ସହାୟକ ଅଧ୍ୟାପକ, ସଂସ୍କୃତ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ଡ. ମନୀଷା ସାହୁ**
ଓଡ଼ିଆ ଅଧ୍ୟାପକ
ଇସ୍ପାତ ମହାବିଦ୍ୟାଳୟ, ରାଉରକେଲା

**ଡ. ମନୋରଞ୍ଜନ ସାହୁ**
ଓଡ଼ିଆ ବିଭାଗ ମୁଖ୍ୟ,
ବ୍ରାହ୍ମଣୀ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

**ରଶ୍ମୀତା ସାହୁ**
ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷିକା
ବିଶ୍ୱଭାରତୀ, ଶାନ୍ତିନିକେତନ

**ବାବୁଲୁ ପଧାନ**
ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷକ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

## Advisory Board

**Prof.Narayan Sahoo**
Retired Professor Department of Odia Language and Literature
Utkal University, Bhubaneswar

**Prof. Krushnachandra Pradhan**
Adjunct Professor Department of Language and Literature
Fakir Mohan University, Balasore

**Prof. Manoranjan Pradhan**
Head, Department of Odia
Language and Literature
Principal, Bhasa Bhavana, Visva Bharati, Santiniketan

**Prof. Debashis Patra**
Head, Department of Language and Literature
Fakir Mohan University, Balasore

**Dr. Kalpataru Nayak**
Assistant Professor, Department of Odia Language and Literature
Bouda Government Model
College, Bouda

## Editorial Board

**Dr. Soumyajit Panda**
Assistant Professor in Odia
CDOE, Fakir Mohan University, Balasore

**Dr. Pritiranjan Majhi**
Assistant Professor
P.G. Department of Sanskrit
Fakir Mohan University, Balasore

**Dr. Manisha Sahoo**
Lecturer in Odia
ISPAT AUTONOMOUS COLLEGE, ROURKELA

**Dr.Manoranjan Sahu**
Lecturer in Odia
Brahmani College, Bidyanagar, Dandisahi, Kendrapara

**Rasmita Sahu**
PhD Research Scholar
Visva Bharati, Santiniketan

**Babulu Padhan**
PhD Research Scholar
Fakir Mohan University, Balasore

# ଆମ ବିଷୟରେ

- ବିନ୍ଦୁ ବିମର୍ଶ ଏକ ତ୍ରୈମାସିକ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଆଧାରିତ ସମାଲୋଚନାଧର୍ମୀ ପତ୍ରିକା ।
- ଏଣୁ ଏଥିରେ କୌଣସି ପ୍ରକାର ସର୍ଜନାତ୍ମକ ରଚନା (ଗଳ୍ପ, କବିତା, ଉପନ୍ୟାସ, ଅନୁବାଦ ବା ନାଟକ ଆଦି) ଗ୍ରହଣୀୟ ନୁହେଁ।
- ଏହି ପତ୍ରିକା ମଧ୍ୟରେ କେବଳ ଓଡ଼ିଆ ଭାଷାରେ ରଚିତ ସାହିତ୍ୟ ଓ ସଂସ୍କୃତି ଆଧାରିତ ଗବେଷଣାଧର୍ମୀ ପ୍ରବନ୍ଧ ପ୍ରକାଶ ହେବ ।
- ଏହା ବ୍ୟତୀତ ଏହି ପତ୍ରିକାରେ ପୁସ୍ତକ ସମୀକ୍ଷା ଓ ଗବେଷକମାନଙ୍କ ସହିତ ହୋଇଥିବା ପତ୍ରାଳାପ ଓ ଲିଖିତ ସାକ୍ଷାତକାର ସ୍ଥାନ ପାଇବ ।
- ପତ୍ରିକାଟି କେବଳ ମୌଳିକ ସମାଲୋଚନାପାଇଁ ଉଦ୍ଦିଷ୍ଟ । ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ଲେଖା ଏଥିରେ ଗ୍ରହଣୀୟ ହେବନାହିଁ।
- ଲେଖାଗୁଡ଼ିକ କେବଳ ୟୁନିକୋଡ଼ ଅକ୍ଷରରେ ଓ ମାଇକ୍ରୋସଫ୍ଟ ୱାର୍ଡ଼ ଫାଇଲରେ ଗ୍ରହଣୀୟ।
- ଲେଖାର ଅକ୍ଷର ଓଡ଼ିଆ କଳିଙ୍ଗ ଲିପିରେ ରହିବା ଆବଶ୍ୟକ।
- ଲେଖାର ନାମ ୧୬(ବୋଲ୍ଡ), ଲେଖକଙ୍କର ନାମ ୧୩ (ବୋଲ୍ଡ) ଓ ତାଙ୍କର ଠିକଣା ୧୧ ଅକ୍ଷର ସାଇଜରେ ରହିବ। ଏହା ସହିତ ଆଲୋଚନାଟି ୧୨ ଅକ୍ଷର ସାଇଜରେ ରହିବ । ଆଲୋଚନା ମଧ୍ୟରେ ଉପଶୀର୍ଷକ ଥିଲେ ଏହା ୧୨ ବୋଲ୍ଡ ଅକ୍ଷର ସାଇଜରେ ରହିବା ବିଧେୟ ।
- ଏହା ଏକ ଦେୟମୁକ୍ତ ପ୍ରକାଶନ ମଞ୍ଚ ଏଣୁ ସମୀକ୍ଷକ ଓ ସମ୍ପାଦକମଣ୍ଡଳୀଙ୍କର ଅନୁମୋଦନ ପରେ ଲେଖାଟି ପ୍ରକାଶ ପାଇବ ।
- ଏହା ତ୍ରୈମାସିକ ଆଧାରରେ ପ୍ରକାଶ ପାଉଥିବାରୁ ଲେଖା ପଠାଇବା ପରେ ପ୍ରେରକଙ୍କୁ ୬ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅନୁରୋଧ ।
- ପ୍ରବନ୍ଧ ପ୍ରେରଣ ସମୟରେ ଲେଖକ ପ୍ରକାଶକଙ୍କୁ ଲେଖାଟି ପ୍ରକାଶ କରିବାପାଇଁ ନିଜର ସ୍ୱୀକୃତି ପତ୍ର ପ୍ରେରଣ କରିବା ଅନିବାର୍ଯ୍ୟ । ଏହା ବିନା ଲେଖାଟି ଗ୍ରହଣୀୟ ନୁହେଁ ।

**-ସମ୍ପାଦକ ମଣ୍ଡଳୀ**

# About Us.

- Bindu Bimarsha is a quarterly Odia literary and cultural criticism magazine. Therefore, it does not accept any form of creative writing such as stories, poems, novels, translations, or plays Etc .
- This magazine publishes research-based articles focused on literatur and culture written only in the Odia language.
- Additionally, the magazine includes book reviews, written interviews, and correspondences with researchers.
- The magazine is dedicated solely to original critiques. Previously published works are not accepted.
- Submissions must be made in Unicode font and in Microsoft Word format.
- The articles should be written in the Odia Kalinga script.
- The title of the article should be in 16-point bold font, the author's name in 13-point bold font, and the address in 11-point font. The body of the discussion should be in 12-point font. If there are subheadings within the article, they should be in 12-point bold font.
- This is a non-commercial publication platform, and articles are published only after approval from the reviewers and editorial board.
- As the magazine is published quarterly, contributors are requested towait up to 6 months after submission.
- At the time of submission, the author must send a consent letter authorizing the publisher to publish the article. Without this letter, the submission will not be accepted.

**-Editorial Board**

# ସମ୍ପାଦକୀୟ

ବିବୁଧେ ଆମ୍ଭର ସହୃଦୟ ପ୍ରଣାମ ଘେନିବେ। ନୂଆକରି କୌଣସି କାର୍ଯ୍ୟ ଆରମ୍ଭ କରିଲେ ପ୍ରଥମେ ବିଘ୍ନରାଜ ଓ ବାଣୀ ଦେବୀଙ୍କର ସାନ୍ନିଧ୍ୟ ଓ ଆଶିଷ ଅପରିହାର୍ଯ୍ୟ। ପୁଣି ଗୁରୁକୃପା ନହେଲେ ଯେ ନ ଚଳେ। ଏଣୁ ସମସ୍ତଙ୍କର ଆଶିଷ ଆଶା କରି ମକର ସଂକ୍ରାନ୍ତି ଓ ବ୍ୟାସକବି କଥାସମ୍ରାଟ ସରସ୍ୱତୀ ଫକୀରମୋହନ ସେନାପତିଙ୍କର ଜୟନ୍ତୀ ପରି ଶୁଭ ଲଗ୍ନରେ ଓଡ଼ିଆ ସମାଲୋଚନା ଓ ବାଣୀଭଣ୍ଡାରକୁ ଛୋଟିଆ ରେଣୁଟିଏ ଦାନ କରିପାରିଲେ ଆମ୍ଭର ଜୀବନ ସାର୍ଥକ ହୋଇଛି ବୋଲି ଆମ୍ଭେ ମଣିବୁ।

ଜ୍ୟାମିତିରେ **ବିନ୍ଦୁ** ଏକ ସଂଜ୍ଞାବିହୀନ ଶକ୍ତିଶାଳୀ ଶବ୍ଦ। ଏହାକୁ ଏକ ସ୍ୱୀକାର୍ଯ୍ୟ ଭାବେ ଗ୍ରହଣ କରାଯାଇଛି। ପୁଣି ଏହାକୁ ଆଧାର କରି ଅନ୍ୟ ତତ୍ତ୍ୱର ବ୍ୟାଖ୍ୟା ଓ ମୂଲ୍ୟ ନିରୂପିତ। ଜ୍ୟାମିତିରେ ବିନ୍ଦୁ ହେଉଛି ଶୂନ୍ୟ-ଆୟାମୀ (zero -dimensional) ଯାହାର କ୍ଷେତ୍ରଫଳ, ଘନଫଳ ବା ଲମ୍ବ ନଥାଏ କିମ୍ବା ଅନ୍ୟ କୌଣସି ବହୁ-ଆୟାମୀ (higher-dimensional) ବସ୍ତୁର ଅନୁରୂପ ହୋଇନଥାଏ। ପୁଣି ଏହି ଶୂନ୍ୟରୁ ସକଳ ବିଶ୍ୱର ସଂଚାର ବୋଲି ଆମ୍ଭର ବିଶ୍ୱାସ। ଆମ୍ଭର ପ୍ରାଚୀନ ବେଦ ଓ ଉପନିଷଦରେ ବ୍ରହ୍ମ ବା ପରମ ପୁରୁଷଙ୍କୁ ଅରୂପରୁ ରୂପ, ଅଣାକାରରୁ ଆକାର ବୋଲି ବିବେଚନା କରାଯାଇଛି। ଈଶୋପନିଷଦର ଶାନ୍ତି ପାଠ ପରିପ୍ରେକ୍ଷୀରେ କୁହାଯାଇଛି,

"ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ॥"

ଅର୍ଥାତ୍- "ଓଁ, ସେହି (ବ୍ରହ୍ମ) ପୂର୍ଣ୍ଣ, ଏହି (ବ୍ରହ୍ମାଣ୍ଡ) ପୂର୍ଣ୍ଣ। ପୂର୍ଣ୍ଣରୁ ପୂର୍ଣ୍ଣ ନିର୍ଗତ ହୁଏ। ପୂର୍ଣ୍ଣରୁ ପୂର୍ଣ୍ଣକୁ ହଟାଇଲେ, ଶେଷ ଥାଏ ପୂର୍ଣ୍ଣ।" ଏହି ଶ୍ଲୋକଟି ଅପରିମିତତା ଓ ସମ୍ପୂର୍ଣ୍ଣତାର ଧାରଣାକୁ ପ୍ରତିପାଦିନ କରେ, ଯାହାକି ଶୂନ୍ୟ ଓ ଅନନ୍ତର ଦାର୍ଶନିକ ଅର୍ଥକୁ ସୁଧୀଜନଙ୍କ ନିକଟରେ ଉପସ୍ଥାପିତ କରେ। ଯେଉଁ ଶୂନ୍ୟରୁ ସକଳେ ସୃଷ୍ଟ, ସେହି ଶୂନ୍ୟ ଆମ୍ଭର ଆଧାର ହେଉ।

ପୁଣି **ବିମର୍ଶ** ବୋଇଲେ ଯେ କ'ଣ ? ଏହା ଆପଣମାନଙ୍କ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ। ବିମର୍ଶ ଶବ୍ଦଟି 'ବି' ଉପସର୍ଗ 'ମୃଶ୍' ଧାତୁ ଓ ଭାବ ଅର୍ଥରେ 'ଅ' ଯୋଗେ ସୃଷ୍ଟ, ଯାହାର ଅର୍ଥ ବିଶେଷ ବିବେଚନା ବା ଯୁକ୍ତିଦ୍ୱାରା ପରୀକ୍ଷା କରିବା ପ୍ରଣାଳୀ। ଏଣୁ ବିନ୍ଦୁ ବିମର୍ଶ ବୋଇଲେ ଯେ ନିରାକାରରୁ ଆକାର, ସୂକ୍ଷ୍ମରୁ ସ୍ଥୂଳ ଶୂନ୍ୟରୁ ସ୍ଥାବର ସାହିତ୍ୟର ପ୍ରତ୍ୟେକ ଦିଗ ବିଷୟରେ ସଚେତନ ହୋଇ ଏହାର ନିରପେକ୍ଷ ବ୍ୟାଖ୍ୟା ଓ ବିବେଚନା କରିବା। ଯାହା ଆମ୍ଭର ପାଠକମାନଙ୍କ ସାଧନାରେ ସହଯୋଗୀ ଓ ସମୃଦ୍ଧିର ଧେୟ ହୋଇପାରିବ। ସେହି ଉଦ୍ଦେଶ୍ୟରେ ଆମ୍ଭର ଏହି ପତ୍ରିକାର ନାମ "**ବିନ୍ଦୁ ବିମର୍ଶ**"।

ଆମ୍ଭର ଏହି ନିରୁତା ପ୍ରୟାସରେ ଅପଣମାନଙ୍କ ପରି ପାଠକେ ପ୍ରେରଣାଦାତା ଭାବରେ ଯେ ଆମ୍ଭଙ୍କୁ ସର୍ବଦା ଉତ୍ସାହିତ କରିବେ ଏହା ଆମ୍ଭର ଆଶା ଓ ବିଶ୍ୱାସ।

**-ସମ୍ପାଦକ**

**ସୌମ୍ୟଜିତ୍ ପଣ୍ଡା**

ବିନ୍ଦୁ ବିମର୍ଶ
BINDU BIMARSHA

ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା,ଜାନୁଆରୀ - ମାର୍ଚ୍ଚ ୨୦୨୫
Volume No:. 01, Issue No:. 01
JANUARY - MARCH 2025

# ଏହି ଅଙ୍କରେ...

## ପ୍ରବନ୍ଧ ଓ ସମାଲୋଚନା

ଭୁବନେଶ୍ୱରର କଳଙ୍କିତ ଇତିହାସର ଇସ୍ତାହାର : ‘ଦସ୍ୟୁ’ ଉପନ୍ୟାସ — ଡ. ଜୟନ୍ତ କୁମାର ଦାସ

ଓଡ଼ିଆ ଆଦିବାସୀ ଉପନ୍ୟାସରେ ସଂସ୍କୃତି — ବର୍ଷା ମିଶ୍ର

ଗୋପବନ୍ଧୁ ଦାସଙ୍କ ସ୍ତମ୍ଭ ଓଡ଼ିଆ ସାହିତ୍ୟରେ ଏକ ନୂତନ ପରୀକ୍ଷଣ — ଚନ୍ଦ୍ରିକାରାଣୀ ପଣ୍ଡା

ଓଡ଼ିଆ ନାଟ୍ୟ ସାହିତ୍ୟରେ ଆଦିବାସୀ ପ୍ରସଙ୍ଗ : ଏକ ଅଧ୍ୟୟନ — ଚିନ୍ମୟ ସାମଲ

ରୀତିଯୁଗୀୟ କବୟିତ୍ରୀ ବୃନ୍ଦାବତୀ ଦାସୀ — ଡ. ସୁଶ୍ରୀ ସଂଗୀତା ସ୍ୱାଇଁ

## ପୁସ୍ତକ ସମୀକ୍ଷା

ଦାଶରଥି ଦାସଙ୍କର ପ୍ରସଙ୍ଗ ପୁରୁଣା ଭାବନା ନୂଆ — ଶୁଭଶ୍ରୀ ଜେନା

## ସାକ୍ଷାତକାର

କବି ତୁହିନାଂଶୁ ରଥଙ୍କ ସହିତ ପତ୍ରାଳାପ — -ସମ୍ପାଦକ



ପ୍ରଚ୍ଛଦ ପଛର କାହାଣୀ

ଓଡ଼ିଆ ସାହିତ୍ୟର କଥା ସମ୍ରାଟ ଓ ଭାଷା ଆନ୍ଦୋଳନର ପୁରୋଧା ବ୍ୟାସକବି ଫକୀରମୋହନ ସେନାପତିଙ୍କର ଜୟନ୍ତୀ ଅବସରରେ ଆମର ଏହି ନବପ୍ରୟାସର ପ୍ରଚ୍ଛଦ ପୃଷ୍ଠାଟି ତାଙ୍କ ଚରଣରେ ଏକ କ୍ଷୁଦ୍ର ଶ୍ରଦ୍ଧାଞ୍ଜଳି ସ୍ୱରୂପ ଅର୍ପଣ କରୁଛୁ।

ଆମ ସହିତ ଯୋଡ଼ି ହୁଅନ୍ତୁ ଓ ନିଜର ମତାମତ ପ୍ରଦାନ କରନ୍ତୁ ।
ଇ-ମେଲ୍- bindubimarsha@gmail.com
ଦୂରଭାଷ- ୯୪୩୯୫୧୫୫୭୯
www.bindubimarsha.in

# ଭୁବନେଶ୍ୱରର କଳଙ୍କିତ ଇତିହାସର ଇସ୍ତାହାର : 'ଦସ୍ୟୁ' ଉପନ୍ୟାସ

**ଡ. ଜୟନ୍ତ କୁମାର ଦାସ**

ଭାଷା ଓ ସାହିତ୍ୟ ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର

**ସଂକ୍ଷିପ୍ତସାର :**

ଭୁବନେଶ୍ୱର ହିଁ ଖଳନାୟକ ଏବଂ ତାକୁ ଦସ୍ୟୁ ରୂପେ ଏଠାରେ ଅଭିବ୍ୟଞ୍ଜିତ କରାଯାଇଛି । ତାର ଦସ୍ୟୁ ପ୍ରବୃତି ସହ, ତା ଇସାରାରେ ତା ଚତୁପାର୍ଶ୍ୱରେ ଆତଯାତ କରୁଥିବା ଓ ଭୁବନେଶ୍ୱର ସହରରେ ନାନା ପ୍ରକାରେ ହତ୍ୟା, ଧର୍ଷଣ, ଲୁଣ୍ଠନ, ଗୁଣ୍ଡାଗିରି ଓ ଯାବତୀୟ ଦସ୍ୟୁ କର୍ମରେ ସଂଶ୍ଲିଷ୍ଟ ଥିବା ଲୋକମାନଙ୍କର ରୂପରେଖ ଆକଳନ କରିଛନ୍ତି ଔପନ୍ୟାସିକ ଡ. ପଣ୍ଡା । ଭୁବନେଶ୍ୱର ସହରର ଉଦ୍ଭବ ଓ ବିକାଶ ସହିତ ଭୁବନେଶ୍ୱର ନାମକ ଚରିତ୍ରର ଏହି ସହରରେ ନାନା ଅପକର୍ମ ସହିତ ତାର ଛତ୍ରଛାୟା ତଳେ ରହି ଲୋକମାନେ ନାନା କୁକାର୍ଯ୍ୟରେ ଲିପ୍ତ ରହିଛନ୍ତି । ଭୁବନେଶ୍ୱର ସହର ଆମର ବର୍ତ୍ତମାନର ରାଜଧାନୀ ସହ ସାମଞ୍ଜସ୍ୟ ରକ୍ଷା କରୁଥିଲେ ହେଁ ଭୁବନେଶ୍ୱର ଚରିତ୍ରଟି ଆମର ସାଂପ୍ରତିକ କ୍ଷମତାଧାରୀ ରାଜନେତାମାନଙ୍କୁ ପ୍ରତୀକିତ କରୁଛି । ଦୁଷ୍କର୍ମା, ବିଚାରଶୂନ୍ୟ, ଦୁଷ୍ଟ, ଅମଣିଷ ହିଁ ଦସ୍ୟୁ ଅଟେ । ଏହି ସତ୍ୟର ଉଦ୍‌ଘାଟନ କରିବା ଏହି ଉପନ୍ୟାସର ଲକ୍ଷ୍ୟ ।

**ପ୍ରମୁଖ ଶବ୍ଦାବଳୀ :** ଦୁଷ୍କର୍ମା, ଦୁଷ୍ଟ, ବିଚାରଶୂନ୍ୟ, ଅମଣିଷ, ଲୁଣ୍ଠନ, ଛତ୍ରଛାୟା, ଅପକର୍ମ, କ୍ଷମତସମ୍ପନ୍ନ ବ୍ୟକ୍ତି, ସ୍ଖଳିତ ମୂଲ୍ୟବୋଧ, ପାପାତ୍ମା, ଟହଲିଆ, କ୍ଷମତାସମ୍ପନ୍ନ ବ୍ୟକ୍ତି, ଭୂଲୁଣ୍ଠିତ, ବ୍ୟଙ୍ଗାତ୍ମକ ଉପସ୍ଥାପନା, କ୍ରୀଡ଼ାଙ୍ଗନ

ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଡ. ହୃଷୀକେଶ ପଣ୍ଡା ଜଣେ ପରିଚିତ ନାମ। ୧୯୮୦ ପରଠାରୁ ଆଜି ପର୍ଯ୍ୟନ୍ତ ତାଙ୍କର ଲେଖନୀ ସକ୍ରିୟ ରହିଛି। ନିଜର ପ୍ରଚଣ୍ଡ ପ୍ରତିଭା ଓ ଅନୁଭୂତିକୁ ପଥେୟ କରି ସେ ରଚନା କରିଛନ୍ତି ଆଠଟି ଗଳ୍ପ ସଂକଳନ ଓ ନଅଟି ଉପନ୍ୟାସ। ଏଥିରେ ପ୍ରତିଫଳିତ ହୋଇଛି ସାମ୍ପ୍ରତିକ ସମୟର ବହୁବିଧ ଘଟଣା, ମଣିଷର ବିକୃତ ମାନସିକତା, ରାଜନୀତିକ ବ୍ୟଭିଚାର, ପଦସ୍ଥ ଅଫିସରମାନଙ୍କର ଅର୍ଥଲାଳସା ଏବଂ ସମାଜର ସ୍ଖଳିତ ମୂଲ୍ୟବୋଧ। ତାଙ୍କର 'ଦସ୍ୟୁ' ଉପନ୍ୟାସରେ ଏସବୁର ମିଶ୍ରିତ ରୂପ ପରିଲକ୍ଷିତ ହୋଇଛି। ଉକ୍ତ ଉପନ୍ୟାସରେ ଭୁବନେଶ୍ୱରର ଦୁଇଟି ରୂପ ସମ୍ପର୍କରେ ଧାରଣା ଦେବାକୁ ଚେଷ୍ଟା କରିଛନ୍ତି କଥାକାର। ଗୋଟିଏ ବ୍ୟକ୍ତି ଭୁବନେଶ୍ୱର ଓ ଅନ୍ୟଟି ସ୍ଥାନ ଭୁବନେଶ୍ୱର। ଭୁବନେଶ୍ୱରର ବାର୍ତ୍ତମାନିକ ସ୍ଥିତିକୁ ତାର ଅତୀତ ସହିତ ପରିଚିତ କରେଇବାକୁ ଚେଷ୍ଟା କରିଛନ୍ତି। ଯାହା ଆଜି ଚାକଚକ୍ୟପୂର୍ଣ୍ଣ ମନେହେଉଛି ତାର କଳଙ୍କିତ ଇତିହାସର ରୋମନ୍ଥନ କରିବା ସହିତ ବ୍ୟକ୍ତି ଭୁବନେଶ୍ୱରର ନିକୃଷ୍ଟ ମାନସିକତାକୁ ବ୍ୟଙ୍ଗାତ୍ମକ ବିଶ୍ଳେଷଣ କରାଯାଇଛି।

ଦୁଷ୍କର୍ମା, ବିଚାରଶୂନ୍ୟ, ଦୁଷ୍ଟ, ଅମଣିଷ ହିଁ ଦସ୍ୟୁ ଅଟେ। ଏହି ପ୍ରବୃତ୍ତି ଥିବା ମଣିଷମାନଂକର ସ୍ୱରୂପ ଉଦ୍‌ଘାଟିତ ହୋଇଛି 'ଦସ୍ୟୁ' ଉପନ୍ୟାସରେ। ଭୁବନେଶ୍ୱର ସେମାନଂକର ପୁରୋଧା। ଭୁବନେଶ୍ୱର ହିଁ ଖଳନାୟକ ଏବଂ ତା'କୁ ଦସ୍ୟୁ ରୂପେ ଏଠାରେ ଅଭିବ୍ୟଞ୍ଜିତ କରାଯାଇଛି। ତା'ର ଦସ୍ୟୁ ପ୍ରବୃତ୍ତି ସହ, ତା ଇସାରାରେ ତା' ଚତୁର୍ପାର୍ଶ୍ୱରେ ଆତଯାତ କରୁଥିବା ଓ ଭୁବନେଶ୍ୱର ସହରରେ ନାନା ପ୍ରକାରେ ହତ୍ୟା, ଧର୍ଷଣ, ଲୁଣ୍ଠନ,

ଗୁଣ୍ଡାଗିରି ଓ ଯାବତୀୟ ଦସ୍ୟୁ କର୍ମରେ ସଂଶ୍ଳିଷ୍ଟ ଥିବା ଲୋକମାନଂକର ରୂପରେଖ ଆକଳନ କରିଛନ୍ତି ଔପନ୍ୟାସିକ ଉକ୍ତ ଉପନ୍ୟାସରେ।

ଡ. ପଣ୍ଡାଙ୍କର ଅନ୍ୟାନ୍ୟ ଉପନ୍ୟାସ ପରି ଏହି ଉପନ୍ୟାସଟି ମଧ୍ୟ ଏକ ବକ୍ତବ୍ୟପ୍ରଧାନ ଉପନ୍ୟାସ। ଜୀବନର ବାସ୍ତବ ପରିପ୍ରକାଶ ତାଙ୍କ ଉପନ୍ୟାସର ସ୍ୱାତନ୍ତ୍ର୍ୟ। କଥାକାର ଭୁବନେଶ୍ୱର ସହରର ପ୍ରକୃତ ରହସ୍ୟ ଉନ୍ମୋଚନ କରିଛନ୍ତି। ଭୁବନେଶ୍ୱର ସହରର ଉଦ୍ଭବ ଓ ବିକାଶ ସହ ଭୁବନେଶ୍ୱର ନାମକ ଚରିତ୍ରର ଏହି ସହରରେ ନାନା ଅପକର୍ମ ସହିତ ତା'ର ଛତ୍ରଛାୟା ତଳେ ରହି ଲୋକମାନେ କୁକାର୍ଯ୍ୟରେ ଲିପ୍ତ ରହିଛନ୍ତି। ଭୁବନେଶ୍ୱର ସହର ଆମର ବର୍ତ୍ତମାନର ରାଜଧାନୀ ସହ ସାମଂଜସ୍ୟ ରକ୍ଷା କରୁଥିଲେ ହେଁ ଭୁବନେଶ୍ୱର ଚରିତ୍ରଟି ଆମର ସାଂପ୍ରତିକ କ୍ଷମତାଧାରୀ ରାଜନେତାମାନଂକୁ ପ୍ରତୀକିତ କରୁଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନେତାମାନେ ହେଲେ ସବୁଠୁ କ୍ଷମତାସଂପନ୍ନ ବ୍ୟକ୍ତି, ଯେଉଁମାନଂକ ଇସାରାରେ ସୃଷ୍ଟିହୁଏ ସମସ୍ତ ପ୍ରକାର ପାପକାର୍ଯ୍ୟ। 'ଦସ୍ୟୁ' ଉପନ୍ୟାସରେ ଭୁବନେଶ୍ୱର ସେହିପରି ଏକ ପାପାତ୍ମା ଯାହାର ଦସ୍ୟୁତ୍ୱରେ ସାରା ଭୁବନେଶ୍ୱର ସହର କବଳିତ। ତା'ର ସାମାନ୍ୟ ଇଂଗିତରେ ହୁଏ ଚାକିରି, ବଦଳି ଓ ପ୍ରମୋସନ ତ ପୁଣି କେତେବେଳେ ସୃଷ୍ଟିହୁଏ ହତ୍ୟା, ଧର୍ଷଣ ଓ ଲୁଣ୍ଠନ। ଏହିପରି ପାପାଚାର ଓ ଅବକ୍ଷୟଗ୍ରସ୍ତ ଆଧୁନିକ ବ୍ୟକ୍ତି ମାନସର ଅଂଧକାରମୟ ଦିଗ ଉନ୍ମୋଚିତ ହୋଇଛି କଥାକାର ହୃଷୀକେଶ ପଣ୍ଡାଙ୍କ 'ଦସ୍ୟୁ' ଉପନ୍ୟାସରେ।

କଥାକାର ଉପନ୍ୟାସଟିରେ ସାଂପ୍ରତିକ ସ୍ଥିତିକୁ ବର୍ଣ୍ଣନା କରିଥିଲେ ହେଁ ପାଠକକୁ ନେଇଯା'ନ୍ତି ଷାଠିଏ ସତୁରୀ ବର୍ଷ ପଛକୁ। ଏହା ମାଧ୍ୟମରେ ଭୁବନେଶ୍ୱର ସହର ଓ ଭୁବନେଶ୍ୱର ନାମକ ଚରିତ୍ରର ପ୍ରାକ୍ ସୂଚନା ଆମକୁ ମିଳିଥାଏ। "ସେବେ ଭୁବନେଶ୍ୱର, ଉଲେନ୍‌ବାକ୍‌ର ଭୁବନେଶ୍ୱର ଆରଂଭ ହୋଇନଥାଏ। କି ହେଉଥାଏ। ଥାନା, କିଛି ଘର, ପୁରୁଣା ସଚିବାଳୟ, ଗୋଟେ ଛୋଟିଆ ହାଟ, ଧାନ ଖେତ, ମଣ୍ଡିଆ ଖେତ, ହାତୀ, ଭାଲୁ, ବାଘ, ସାପ, ଯେ ହେଲା ଭୁବନେଶ୍ୱର।" (ସେଇବହି, ପୃଷ୍ଠା- ୧୯) ଏହାସହ ଷ୍ଟେସନ୍ ତଳି, ମାଳିସାହି, ବୁଦ୍ଧେଶ୍ୱରୀ ଷ୍ଟେସନ୍ ଇତ୍ୟାଦିର ବର୍ଣନା ମଧ୍ୟ ରହିଛି। କଳାତ୍ମକ ଭାବେ କଥାକାର ବର୍ଣନା ଦେଇଛନ୍ତି। "ମାଳିସାହିରେ ସେତେବେଳକୁ ବେଶ୍ୟା ଆସିଲେଣି। ଷ୍ଟେସନ୍ ତଳି। ସେତେବେଳେ ଷ୍ଟେସନ୍ ତ ଥିଲା ବୁଦ୍ଧେଶ୍ୱରୀ, ଭୁବନେଶ୍ୱର ଷ୍ଟେସନର ଆରପଟେ ପୂର୍ବଦିଗକୁ। ତ' ଭୁବନେଶ୍ୱର ପଟଟା ଥିଲା ଅଂଧାର, ସେଠି ଝୋପଡ଼ିରେ ବେଶ୍ୟାବୃତ୍ତି ସହଜ ଥିଲା। ସେଠିକି କଂଟ୍ରାକ୍ଟରଠୁ ଚାକିରିଆ, ଛାତ୍ର, ଦଲାଲ୍, ବେପାରୀ, ମଜୁରିଆ ଯାଏ ବହୁ ପ୍ରକାରର ଲୋକଯାଆନ୍ତି। କୋଡ଼ିଏ ତିରିଶ ଘର ଥିବା।" (ସେଇବହି, ପୃଷ୍ଠ–୨୩) ଏହିପରି ଭାବେ ଷାଠିଏ ସତୁରୀ ବର୍ଷର ଭୁବନେଶ୍ୱର ଆଜି ପରିଣତ ହୋଇଛି ମହାନଗରୀରେ। ଏହା ସହିତ ବଢ଼ିଯାଇଛି କଳାଧନ୍ଦା, ହତ୍ୟା, ଲୁଣ୍ଠନ, ବ୍ୟଭିଚାର, ରେପ୍, ମର୍ଡର ପରି ନାରକୀୟ ଘଟଣା। ଭୁବନେଶ୍ୱର ସହରର ଅତୀତ ବର୍ଣନା କରିବା ସହିତ ଉପନ୍ୟାସର ଅନ୍ୟତମ ମୁଖ୍ୟ ଚରିତ୍ର ଉଦ୍ଧବ ଓ ନାୟକ ଭୁବନେଶ୍ୱରର ଇତିହାସ ମଧ୍ୟ ବର୍ଣ୍ଣନା କରାଯାଇଛି। ଉଦ୍ଧବ ନୂଆ ରାଜଧାନୀ ଗଠନ ସମୟରେ ବର୍ତ୍ତମାନର ସେକ୍ରେଟେରିଏଟ୍‌ର ପଛପଟେ ଖାଲିଜାଗାରେ ଝୋପଡ଼ି ହୋଟେଲ କରି ରାଜ ରାଜଧାନୀ ଗଠନରେ ସଂପୃକ୍ତ ଲୋକଂକୁ ଖାଇବାକୁ ଦେଲା। ତା'ର ଏହି ବରା, ପିଆଜି, ଗୁଲୁଗୁଲା, ସୁଜିହାଲୁଆ ଓ ଭାତ- ତରକାରୀ ବନେଇବାରେ ଓ ପରଷିବାରେ ସାହାଯ୍ୟ କରିବା ପାଇଁ ଆସି ପହଂଚିଲା ଗାଁର ଗାଈଆଳ ଟୋକା, ହାଫ୍ ପ୍ୟାଣ୍ଟ ଓ ଗଂଜିପିନ୍ଧା ମାତ୍ର ଚଂଚଳ ଆଖିବାଲା ଉପନ୍ୟାସ ନାୟକ ଭୁବନେଶ୍ୱର। ନିଜର ବିଚକ୍ଷଣ ବୃଦ୍ଧି, ଛଳନା, ପ୍ରତାରଣା ଓ କୁଚକ୍ରାନ୍ତକୁ

ଉପଜୀବ୍ୟ କରି ଟହଲିଆରୁ ସେ ବନିଗଲା ଭୁବନେଶ୍ୱର ପରି ସଂଭ୍ରାନ୍ତ ସହରର ଏକଛତ୍ରବାଦୀ ଶାସକ; ଅର୍ଥାତ୍ ନୂଆ ରାଜଧାନୀର ବର୍ତ୍ତମାନର ମାଲିକ।

ଉପନ୍ୟାସଟିରେ ପୂର୍ବ ସୂଚନା ଦିଆଯାଇଥିଲେ ସୁଦ୍ଧା ଭୁବନେଶ୍ୱର ସହରର ସାଂପ୍ରତିକ ପରିସ୍ଥିତିର ବିଶ୍ଳେଷଣ ହିଁ ମୁଖ୍ୟ ଉଦ୍ଦେଶ୍ୟ। ସମାନ୍ତରାଳ ଭାବେ ଚରିତ୍ରମାନଙ୍କର ଓ ପରିବେଶର ଇତିହାସ ବର୍ଣ୍ଣନା ମାଧ୍ୟମରେ କଥାକାର ପାଠକକୁ ସେମାନଂକର ବାସ୍ତବତା ସହିତ ପରିଚୟ କରେଇ ଦେଇଛନ୍ତି। ମାତ୍ର ଉପନ୍ୟାସଟି ବର୍ତ୍ତମାନର ଭୁବନେଶ୍ୱର ସହର ଓ ଭୁବନେଶ୍ୱର ନାମକ ଚରିତ୍ରର ଅବକ୍ଷୟକୁ ନେଇ ହୋଇଛି ପୁଷ୍ଟ। ବାଲ୍ୟକାଳରେ ଗାଈ ଚରାଉଥିବା ଓ ଉଦ୍ଧବ ପରି ଏକ ଝୋପଡି ହୋଟେଲବାଲାର ଟହଲିଆ କାର୍ଯ୍ୟ କରୁଥିବା ଭୁବନେଶ୍ୱର ସମୟକ୍ରମେ ରୂପାଂତରିତ ହୁଏ ଜଣେ କ୍ଷମତା ସଂପତ୍ତି ଓ ଏକଛତ୍ରବାଦୀ ନେତା ଭାବେ। ରାଜଧାନୀ ଭୁବନେଶ୍ୱର ପରି ସହର ତା'ର କ୍ରୀଡ଼ାଙ୍ଗନ। ତା'ର ବହୁତଳ ପ୍ରାସାଦ। ତା' ସୁବିଧାର୍ଥେ ଅଛି ମାଲମାଲ ଗାଡ଼ି, ଗଣ୍ଡାଗଣ୍ଡା ପୋଲିସ ଓ ଶହଶହ ଲୋକ। ପୋଲିସ ମହାନିର୍ଦ୍ଦେଶକ, ପୋଲିସ ଅଫିସର, ମନ୍ତ୍ରୀ, ଯନ୍ତ୍ରୀ, ଯୁବକର୍ମୀ, କଣ୍ଟ୍ରାକ୍ଟର, ନୃତ୍ୟାଙ୍ଗନା ଓ ବାରାଂଗନା ସମସ୍ତେ ତା'ର ଶରଣପ୍ରାର୍ଥୀ। ଚାକିରି, ବଦଳି, ପ୍ରମୋସନ ପାଇଁ ସମସ୍ତେ ତା'କୁ ଗୁହାରି କରନ୍ତି। ତା' ସାମାନ୍ୟ ସାକ୍ଷାତ୍ ପାଇଁ ବିତିଯାଏ ଦିନଦିନ, ମାସମାସ। ନିଜର ପ୍ରତିପତ୍ତିର ବୃଦ୍ଧି ସହିତ ତା ଇଂଗିତରେ ପ୍ରଶାସନର ଦୁର୍ବୃତ୍ତମାନଂକର ପାପକର୍ମ ବଢ଼ିଚାଲେ। ବିଶେଷକରି ଯୁବତୀମାନଂକର ନଗ୍ନଦେହ ସଂଭୋଗ ଦର୍ଶନରେ ତା' କାମବିକାର ଚରିତାର୍ଥ ହୁଏ। ଏହିପରି ନାନା ପ୍ରକାର କୁକାର୍ଯ୍ୟର ପଙ୍କିଳତା ମଧ୍ୟରେ ଭୁବନେଶ୍ୱର ଚରିତ୍ର ହୋଇଯାଏ ସଂପୂର୍ଣ ଆଚ୍ଛନ୍ନ। ଭୁବନେଶ୍ୱର ପରି ଉପନ୍ୟାସରେ ଅନ୍ୟାନ୍ୟ ଚରିତ୍ର ଯଥା- ପଞ୍ଚାୟତ ସମିତି ଅଧ୍ୟକ୍ଷ ମାଇକେଲ୍, ନିଗମ ଅଧ୍ୟକ୍ଷ ସୁବୁଦ୍ଧି, ସାଂବାଦିକ ନରେନ୍ଦ୍ର, ହାକିମ ସବ୍ୟସାଚୀ, ମଦବେପାରୀ ଗନ୍ଧର୍ବ ସାହୁ ଓରଫ ଗଂଧୀ, ଓକିଲ ଚିକିଣା ସୁବୁଦ୍ଧି ପ୍ରଭୃତି ଗୋଟେଗୋଟେ କଳଂକିତ ଚରିତ୍ର, ଯେଉଁମାନେ ସର୍ବଦା ଦୁର୍ନୀତିଗ୍ରସ୍ତ ଓ ସମସ୍ତ ପ୍ରକାର ପାପକର୍ମରେ ସଂଶ୍ଳିଷ୍ଟ। ଏସବୁ ଚରିତ୍ରର କଳଂକମୟ ଜୀବନକୁ ଔପନ୍ୟାସିକ ଉନ୍ମୋଚନ କରିଛନ୍ତି।

ନିଜର ସ୍ୱାର୍ଥସିଦ୍ଧି ପାଇଁ ଶାସନ କଳକୁ ହାତମୁଠାରେ ରଖିବାକୁ ସମସ୍ତେ ବ୍ୟଗ୍ର। ତା' ପ୍ରତିବଦଳରେ ଶାସନ ମୁଖ୍ୟଙ୍କୁ ଉପହାର ଦେବାକୁ ହୁଏ ବିଭିନ୍ନ ଉପଭୋଗ୍ୟ ସାମଗ୍ରୀ। ସରକାରଂକର ନିଗମର ଅଧ୍ୟକ୍ଷ ପଦ ପାଇଁ ସୁବୁଦ୍ଧି ଭୁବନେଶ୍ୱରକୁ ନିଜ ସ୍ତ୍ରୀ ଶ୍ରଦ୍ଧାଞ୍ଜଳିକୁ ଦିଏ ଶ୍ରଦ୍ଧାଞ୍ଜଳି। ପୁଅକୁ ସରକାରୀ ଓକିଲ କରେଇବା ପାଇଁ ଲାଞ୍ଚଦିଏ ଖୁଚୁରା ଟଂକାର ବସ୍ତା। ପ୍ରଶାସନର ବଡ଼ପଣ୍ଡାମାନଂକର ଲାଞ୍ଚଖୋର ମନୋବୃତ୍ତି ଓ ଲମ୍ପଟତାକୁ ଏଠାରେ ବିଦ୍ରୂପ କରାଯାଇଛି।

ସଂପ୍ରତି ନେତା ବା ପଦସ୍ଥ ଅଫିସରମାନେ ଉପରକୁ ଯାହା ଦେଖେଇ ହୁଅନ୍ତି ବାସ୍ତବରେ ସେମାନେ ସଂପୂର୍ଣ ଭିନ୍ନ। ଏହି ପରିପ୍ରେକ୍ଷୀରେ କଥାକାରଂକର ମଦଦୋକାନୀର ମଦବିରୋଧୀ ଅଭିଯାନର ପରିକଳ୍ପନା ଖୁବ୍ ଚମତ୍କାର। ସର୍ବଦା ଅପକର୍ମରେ ଲିପ୍ତଥାଇ ସମାଜକୁ ନୂତନ ଆଲୋକ ଦେବାପାଇଁ ସୁବୁଦ୍ଧି ବାବୁ, ଗଂଧୀ ସାହୁ ଓ ମାଇକେଲ୍ ଯେଉଁ ଯୋଜନା କଲେ ତାହା ହିପୋକ୍ରାସିର ଜ୍ୱଳନ୍ତ ନମୁନା। ଲୋକପ୍ରିୟତା ପାଇଁ ଚାଲିଲା ମଦବିରୋଧୀ ଅଭିଯାନର ବାହାନା। ଏଥିପାଇଁ ମଦ ବ୍ୟବସାୟୀ ଗଂଧର୍ବ ସାହୁକୁ ମରୁଡ଼ି ପାଇଁ ଆସିଥିବା ଏକଲକ୍ଷ ଟଂକାର ପୋଖରୀ ପୁନରୁଦ୍ଧାର ଓ ମାଟି ଟଂଚ୍ଛା କାମର ଠିକା ଦେଇ ସେଥିରୁ ପଚାଶ ହଜାର ଲାଭ ରଖିବାକୁ କୁହାଗଲା। ବି.ଡି.ଓ.ଙ୍କ ନିର୍ଦ୍ଦେଶରେ ଅଗ୍ରିମ ଟଂକା ମଧ୍ୟ ଯୋଗାଡ଼ ହୋଇଗଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ମାଇକେଲ, ଯିଏ ପ୍ରତି ରାତିରେ ୫୦/୧୦୦ ଟଂକା

ଦେଇ ନିଜ ବ୍ଲକ୍ କ୍ୱାଟରରେ କୁଚିଆଣୀ ଜ୍ୱାହିଦାକୁ ଉପଭୋଗ କରେ, ସେହି ଜ୍ୱାହିଦା ପାଲଟିଗଲା ମଦ ନିବାରଣ ସମିତିର ଅଧ୍ୟକ୍ଷା। ଶୋଭାଯାତ୍ରା ବାହାରିଲା। ଶୋଭାଯାତ୍ରାରେ ଜ୍ୱାହିଦା ସମେତ ଅନେକ କୁଚିଆଣୀ, ବିଭିନ୍ନ କଲୋନୀରେ ବାସନ ମାଜୁଥିବା ସ୍ତ୍ରୀ ଲୋକେ ଓ ସାନସାନ ଝିଅପୁଅ ଥିଲେ। ଶୋଭାଯାତ୍ରାରେ ଯେମିତି ଜଣେ ବି ପୁରୁଷଲୋକ ନ ମିଶନ୍ତୁ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା। କ୍ୟାମେରାବାଲା ଆସିଲେ, କେବୁଲ ଟିଭିବାଲା ବି ଆସିଲେ। ଫଟୋ ଉଠାଗଲା। ତିନି ପ୍ରକାର ପ୍ଲାକାର୍ଡରେ ଲେଖାଥିଲା-

"ଆମର ନେତା ସୁବୁଦ୍ଧି ବାବୁ; ସୁବୁଦ୍ଧି ବାବୁ ରାଜା ହ, ଆମ ରାଇଜେ ମନ୍ତ୍ରୀ ହ;

ସୁବୁଦ୍ଧି ଆମର ନେତା, ସେ ମନ୍ତ୍ରୀ ହଅଂତା'।

'ମଦ୍ୟ ପାନ ବଂଦ କର, ଇତି; କହଂତି ଗାନ୍ଧୀ ମଦ ନିବାରଣ ସମିତି';

'ମଦ ଛାଡ଼. ପାଠ ପଢ଼'।

'ଗେନ୍ଧି ବାବୁଙ୍କର ଜୟ ହେଉ। ଗେନ୍ଧି ମଦ ନିବାରଣ ସମିତି'।" (ସେଇବହି, ପୃଷ୍ଠା -୫୪)

ଏହା ହିଁ ହେଉଛି ଭାରତ ପରି ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ରାଷ୍ଟ୍ର ନିୟନ୍ତା ମାନଂକର ମାନସିକ ସ୍ଥିତି ଏବଂ ପ୍ରକୃତ ଚାରିତ୍ରିକ ପରିଚୟ। ଏହାର ମୁଖ୍ୟ କାରଣ ଭୁବନେଶ୍ୱର ପରି କ୍ଷମତାସଂପନ୍ନ ଲୋକମାନଂକର ମନମୁଖୀ ଶାସନ। ଯାହାର ସାମାନ୍ୟ ଇଂଗିତରେ ପୋଲିସ ଅଫିସର୍ ଉଠ ବସ୍ ହୁଏ, ଡାକ୍ତର ଜାଲ୍ ରିପୋର୍ଟ ପ୍ରସ୍ତୁତ କରେ, ସାଂବାଦିକ ମିଛ ଖବର ଛାପିବାକୁ ବାଧ୍ୟହୁଏ, ଏଥିରୁ ବ୍ୟତିକ୍ରମ ହେଲେ ପରିଣାମ ସ୍ୱରୂପ କିଏ ଶାସ୍ତି ପାଏ ତ କାହାର ବଦଳି ହୋଇଯାଏ ଦୂର ସ୍ଥାନକୁ। ଉକ୍ତ ଉପନ୍ୟାସରେ ସାଂବାଦିକ ନରେନ୍ଦ୍ର 'ମଦ ବିରୋଧୀ ଅଭିଯାନ'ର ଯେଉଁ ବିବରଣୀ ପ୍ରକାଶ କଲା ତାହା ସଂପୂର୍ଣ ରାଜନେତାଂକ ସପକ୍ଷରେ ଯିବାରୁ ଏହି ଭ୍ରଷ୍ଟାଚାରୀ ଶାସକମାନଂକର ଭାବମୂର୍ତ୍ତି ସେହିପରି ପରଦା ଆଢୁଆଳରେ ରହିଯାଇଛି। ଯାହାଫଳରେ ସାଧାରଣ ଜନତାଂକ ବିଶ୍ୱାସ, ଭରସା ପ୍ରତି ମୁହୂର୍ତ୍ତରେ ହୋଇଛି ଭୂଲଂଠିତ।

ଦେଶର ଶାସନକୁ ହାତମୁଠାରେ ରଖି ଏବଂ କ୍ଷମତାକୁ ଅପବ୍ୟବହାର କରି ଦୁର୍ନୀତି ଓ ବ୍ୟଭିଚାରରେ ଜଡ଼ିତ ଥିବା ଚରିତ୍ରମାନେ ହିଁ ଉପନ୍ୟାସର ମୁଖ୍ୟ ଚରିତ୍ର। ଭୁବନେଶ୍ୱର ସେମାନଂକର ମାର୍ଗ ଦର୍ଶକ ଓ ତା'ର ଶକ୍ତି ଅସୀମ। ହତ୍ୟା, ଧର୍ଷଣ ଓ ଲୁଣ୍ଠନ ତା' ଇସାରାରେ ହୁଏ ସଂଗଠିତ। ଶ୍ରଦ୍ଧାଞ୍ଜଳି, ଶ୍ରଦ୍ଧାଞ୍ଜଳିର ସ୍ୱାମୀ ଓ ଜ୍ୱାହିଦାର ମୃତ୍ୟୁ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେରେ ସେ ହିଁ ଦାୟୀ। ତା'ର ମାନସିକ ଶାଂତି ପାଇଁ ଶ୍ରଦ୍ଧାଞ୍ଜଳି ଓ ଅନ୍ୟାନ୍ୟ ଯୁବତୀମାନେ ବାରଂବାର ହୋଇଛନ୍ତି ଧର୍ଷଣର ଶିକାର। ଆହୁରି ମଧ୍ୟ ତା' କୁଚକ୍ରାନ୍ତ ଯୋଗୁଁ ନିରୀହ ଦେହୁରୀ ହିକିରିମା ଆଜୀବନ ସଶ୍ରମ କାରାଦଣ୍ଡ ଭୋଗ କରିଛି। ଜ୍ୱାହିଦାର ପୋଷ୍ଟମର୍ଟମ ରିପୋର୍ଟ ଲେଖିଥିବା ଡାକ୍ତରକୁ ଦଂଡିତ କରିବା ସହ ମାନବିକତାର କଦର୍ଯ୍ୟ ନିଦର୍ଶନ ସ୍ୱରୂପ ପିଲାବେଳର ଆଶ୍ରୟଦାତା ସରଳ ଉଦ୍ଧବର ଝୋପଡ଼ି ହୋଟେଲ ଭାଂଗି ଦେଇଛି। ଏହିପରି ଭାବେ ସବୁ ପ୍ରକାର ଦସ୍ୟୁ କର୍ମରେ ସେ ସଂଶ୍ଳିଷ୍ଟ। ବାସ୍ତବିକ୍ ସେ ଅଧର୍ମା, ବିବେକହୀନ, ଦୁଷ୍ଟ ଓ ଅମଣିଷ। ଏହିପରି ଦୁଷ୍ଟ ଶକ୍ତିର ବିନାଶ ପାଇଁ କଥାକାର ଯେପରି ଏକ ଅଲୌକିକ ଶକ୍ତିକୁ ଆହ୍ୱାନ ଜଣେଇଛନ୍ତି। ସେଥିପାଇଁ ଉପନ୍ୟାସର ଆରଂଭରେ ସେ ଋଗ୍‌ବେଦରୁ ଏକ ଉଦ୍ଧୃତିକୁ ନେଇଛନ୍ତି।

"ଅକର୍ମା ଦସ୍ୟୁଃ ଅଭି ନଃ ଅମନ୍ତୁଃ
ଅନ୍ୟବ୍ରତୋ ଅମାନୁଷଃ।
ତ୍ୱଂ ତସ୍ୟ ଅମିତ୍ରହନ୍
ବଧଃ ଦାସସ୍ୟ ଦମ୍ଭୟ।"

"ଦୁଷ୍କର୍ମା, ବିଚାରଶୂନ୍ୟ, ଦୁଷ୍ଟ, ଅମଣିଷ ନିଶ୍ଚୟ ଦସ୍ୟୁ ଅଟେ। ହେ ଶତ୍ରୁସଂହାରକ! ତେମେ ସେହି ଦସ୍ୟୁକୁ

କଷ୍ଟ ଦିଅ, ସେହି ଦସ୍ୟୁତ୍ୱକୁ ବଧ କର।" ପାପର କ୍ଷୟ ଓ ଧର୍ମର ଜୟ ଯୁଗେ ଯୁଗେ ରହିଆସିଛି। ଏହି ବିଶ୍ୱାସବୋଧ ମଧ୍ୟ କଥାକାରଂକ ପାଖରେ ପରିଲକ୍ଷିତ। ଉପନ୍ୟାସଟିରେ ଅପ୍ରତିହତ ମନେହେଉଥିବା ଦସ୍ୟୁତ୍ୱର ଅଂତିମ ପରିଣାମ ମଧ୍ୟ ସୂଚିତ ହୋଇଅଛି। ଭୁବନେଶ୍ୱରର ସଇତାନୀ ଓ ଆସୁରିକ ଶକ୍ତିର ବିଷମୟ ପରିଣତି ହୋଇଛି। ଏହି ପାପଶକ୍ତିର ଏକ ଭୟଂକର ପଙ୍କିଳ ପରିବେଶରେ ବୀଭତ୍ସ ଭାବେ ମୃତ୍ୟୁ ହୋଇଛି।

ଔପନ୍ୟାସିକ ଉକ୍ତ ଉପନ୍ୟାସରେ ଦସ୍ୟୁତ୍ୱର ବହୁବିଧ ରୂପ ପାଠକ ସାମ୍ନାରେ ଉପସ୍ଥାପନ କରିଛନ୍ତି। ମାତ୍ର ସବୁଠାରୁ କଦର୍ଯ୍ୟ ବର୍ଣ୍ଣନା କରିଛନ୍ତି ଯୁବତୀମାନଂକ ଉପରେ ହେଉଥିବା ଯୌନଶୋଷଣ। ମୁଖ୍ୟ ଚରିତ୍ର ଭୁବନେଶ୍ୱରର ଶୟନକକ୍ଷ ପରିଣତ ହୋଇଛି ଏକ ସଂଭୋଗଶାଳାରେ। ଯୁବତୀମାନଂକର ନଗ୍ନଦେହ ଓ ଅଲଗା ଅଲଗା ପୁରୁଷମାନଂକ ସହ ରମଣକ୍ରିୟା ଦେଖି ସେ ନିଜର କାମନାକୁ ଚରିତାର୍ଥ କରେ। କାରଣ ନିଜର ପୁରୁଷତ୍ୱ ନାହିଁ; ସେ ନପୁଂସକ। ପିଲାଦିନେ ଗାଈ ଚରାଉଥିବା ସମୟରେ ସମଲିଂଗୀ ମୈଥୁନ କ୍ରିୟା କରିବା ସମୟରେ ଅନ୍ୟ ଗୋଟେ ଗାଈଆଳ ଟୋକାର ପାହାରରେ ଭୁବନେଶ୍ୱର ହରେଇଥିଲା ସଂଗମ କ୍ଷମତା। ମାତ୍ର ଯୌନ ଉତ୍ତେଜନା ତା' ମନକୁ ଆଚ୍ଛାଦିତ କରିରଖିଥିଲା। ଶାରୀରିକ ଭାବେ ଅକ୍ଷମ ହୋଇଥିବାରୁ ମାନସିକ ଶାଂତି ପାଇଁ ସେ ତା' ନିଜ କୋଠରୀରେ ଯୌନକ୍ରୀଡ଼ାର ଆୟୋଜନ କରେ। ତା'କଥାରେ ଶ୍ରଦ୍ଧାଞ୍ଜଳି ନିର୍ବସ୍ତ୍ର ହୁଏ। ତା' ଲଂଗଳା ଦେହ ଉପରେ ରିକ୍ସାବାଲା ଠାରୁ ଆରଂଭ କରି ପାନ ଦୋକାନୀ, ବେସରକାରୀ ମହାବିଦ୍ୟାଳୟରେ ତିନିଶହ ଟଂକା ଦରମା ପାଉଥିବା ଅଧ୍ୟାପକ, ଯୁବନେତା ଓ କଂସେଇ ପର୍ଯ୍ୟନ୍ତ ସମସ୍ତେ ଜଣକ ପରେ ଜଣେ ସବାର ହୁଅନ୍ତି। ଭୁବନେଶ୍ୱର ଇସାରା ଅନୁସାରେ ବିଭିନ୍ନ ଅଂଗଭାଂଗୀ କରନ୍ତି। କେହି ନଥିଲେ ତା' ପିଏ କୃଷ୍ଣକୁ ମଧ୍ୟ ଏହି ଅମାନବିକ ଅଭିନୟ କରିବାକୁ ହୁଏ। ଏହି ନାଟକ ପ୍ରତ୍ୟେକ ଦିନ ପୁନରାବୃତ୍ତ ହୁଏ। ଦେହଦାନ କରିକରି ଶ୍ରଦ୍ଧାଞ୍ଜଳି ଦେହ ଶିଥିଳ ହୋଇଗଲେ ଭୁବନେଶ୍ୱରର ଆଦେଶ ଅନୁସାରେ ତା'କୁ ରମଣଯୋଗ୍ୟା କରିବାକୁ ଔଷଧ ଓ ଇଂଜେକ୍‌ସନ ଦିଆଯାଏ ଓ ଯୌନାଂଗରେ ମଲମ ଲଗାହୁଏ। ଏହାସତ୍ତ୍ୱେ ବି ଡାକ୍ତରର ମାଲକାନାଗିରି ବଦଳିର ଭୟଥାଏ। ଏହିପରି ବୀଭତ୍ସ, ନାରକୀୟ ଓ ପୈଶାଚିକ କର୍ମରେ ଅତିଷ୍ଠ ହୋଇ ଶ୍ରଦ୍ଧାଞ୍ଜଳି କହେ- "ଭୁବନେଶ୍ୱରଟା ଗୋଟେ ନପୁଂସକ ପିଶାଚ, ବଳାତ୍କାର ପାଇଁ ଏତେସବୁ ଦଣ୍ଡ ଅଛି; ନପୁଂସକ ପିଶାଚ ପାଇଁ କିଛି ଦଣ୍ଡ ନାହିଁ, ଯେଉଁ ଲୋକ ବଂଚି ଥାଉ ଥାଉ ପିଶାଚ, ସେ ମରିଗଲେ କ'ଣ ହେବ ?'" (ସେଇବହି, ପୃଷ୍ଠା- ୯୪)

ଉପନ୍ୟାସଟିରେ ସମସ୍ତେ ଯେପରି ଯୌନବିକାର ଗ୍ରସ୍ତ। ଭୁବନେଶ୍ୱର ପରି ପଞ୍ଚାୟତ ସମିତି ଚେୟାରମ୍ୟାନ୍ ମାଇକେଲ୍, ଜନ ସୁଆଲ ସିଂର ପତ୍ନୀ ଜାହିଦା ସହ ରାତ୍ରି ଯାପନ କରେ ଓ ତା'କୁ ଶୋମ୍ପା ବା ବେଶ୍ୟା ବୋଲି ସଂବୋଧନ କରେ। ସାରା ରାତି ଦେହ ଭୋଗ ପରେ ସକାଳୁ ଭଦ୍ର ପାଲଟିଯାଏ। ରାତି ପାହିବା ପୂର୍ବରୁ ସେ ଜାହିଦାକୁ ଘରୁ ବାହାର କରିଦିଏ, ଏବଂ କହେ- "ଏଇ ବ୍ଲକ୍ ଅଫିସରୁ ତୁ ସକାଳୁ ବାହାରିବୁ ତ କେମିତି ଲାଗିବ ? ତୁ ବି ବଦନାମ ହେବୁ, ମୁଁ ବି ବଦନାମ ହେବି, ଏ ସହର ବଦନାମ ହେବ।" (ସେଇବହି, ପୃଷ୍ଠା-୪୮) ବାସ୍ତବିକ୍ ସାରା ଭୁବନେଶ୍ୱର ପାଲଟିଯାଇଛି ନେତା, ମନ୍ତ୍ରୀ ଓ ପଦସ୍ଥ ଅଫିସରମାନଂକର ଚାରଣଭୂମିରେ। ଜନତାର ଏହି ସେବକମାନେ ରାତିରେ ଧାରଣ କରଂତି ରାକ୍ଷସ ରୂପ, ଯାହା ସକାଳୁ ଅନ୍ତର୍ହିତ ହୋଇଯାଏ। ବାସ୍ତବତା ରହିଯାଏ ଲୋକମାନଂକର ଅଂତରାଳରେ। ସେମାନଂକର ଏହି କୁତ୍ସିତ ରୂପକୁ ସାର୍ଥକ ରୂପେ ସାମ୍ନାକୁ ଆଣିଛନ୍ତି କଥାକାର। ଯାହାଫଳରେ ସେମାନଂକ ଜୀବନର

କଳଂକମୟ ଦିଗପ୍ରତି ପାଠକ ସଚେତନ ହୋଇପାରିବ।

କଥାକାର ଡ. ପଣ୍ଡା ଗଳ୍ପ ହେଉ ବା ଉପନ୍ୟାସ ହେଉ, ସବୁଥିରେ ସମାଜ ପାଇଁ ରଖିଥାନ୍ତି ବାର୍ତ୍ତା ଏବଂ ସ୍ୱପ୍ନ ଦେଖନ୍ତି ଏକ ନିଷ୍କଳଂକ ପୃଥିବୀର ଓ ନିର୍ମଳ ସମାଜର। ଏହି ଆବର୍ଜନାମୟ ପରିବେଶକୁ ସୁଧାରିବା ପାଇଁ ଶତଚେଷ୍ଟା ପରେ ନିଷ୍ଫଳ ହୋଇ ସେ ଈଶ୍ୱର ବିଶ୍ୱାସୀ ହୋଇପଡ଼ିଛନ୍ତି। ସେଥିପାଇଁ ପାପାଚାରୀ ଭୁବନେଶ୍ୱରର ମୃତ୍ୟୁ ପାଇଁ ଏକ ବୀଭତ୍ସ ପରିକଳ୍ପନା କରିଛନ୍ତି। ସେ ଏକ ଅସ୍ୱାଭାବିକ ମୃତ୍ୟୁବରଣ କରିଛି। ଅପ୍ରତ୍ୟାଶିତ ଭାବେ ତା' ଘର ଭିତରକୁ ପ୍ରଚୁର ପାଣି ପଶିଆସିଛି। ପାଣି ଧିରେଧିରେ ବଢ଼ି ଦେଢ଼ ଫୁଟ ଉଚ୍ଚର ହେଲା, ମାତ୍ର ଗୋଟେ ବି ତରଂଗ ନଥିଲା। ସେ ପାଣି ବହୁତ ଅପରିଷ୍କାର ଥିଲା। ସେଥିରେ ଭାସୁଥିଲା ମଣିଷ, ପାରା, ଘର ଚଟିଆ, କୁକୁର, ବିଲେଇଂକ ମଳ; ବାଲି, ଗୋଡ଼ି, ବଜୁରି, ଇଟା, କାଠ, କୁଟା, ବାଉଁଶ; ପରିବା ଚୋପା, କୁକୁଡ଼ା ହାଡ଼, ଅଣ୍ଡା ଖୋଳପା; ପ୍ଲାଷ୍ଟିକ୍ ବୋତଲ, କାଚଶିଶି, ମଲା ମୂଷା, ପ୍ଲାଷ୍ଟିକ ଖୋଳ; ଏବଂ କିଛି ଟଂକା। ପରିବେଶ ହୋଇଛି କର୍ଦ୍ଦମାକ୍ତ ଓ ପଙ୍କିଳ, ସାଲୁବାଲୁ ହୋଇଛନ୍ତି ଘୋଡ଼ାପୋକ ଓ ଲିଂଗୁଡ଼ିଆ ପୋକ। ଏକ ପୂତିଗନ୍ଧମୟ ପରିବେଶ ଭିତରେ ତା' ଆଖି ଦୁଇଟିକୁ ଛାଡ଼ି ସବୁକିଛି ବୁଡ଼ିରହିଛି। ସେଠାରୁ ନିସ୍ତାର ପାଇବାର ସମସ୍ତ ରାସ୍ତା ବଂଦ ହୋଇଯାଇଛି। ତା'ର ସମସ୍ତ ଆତ୍ମୀୟ, ସହଯୋଗୀ ଓ ଚେଲାମାନଂକର ସମସ୍ତ ପ୍ରଚେଷ୍ଟା ନିଷ୍ଫଳ ପ୍ରାୟ। ସେ ଶୋଇଥିବା ଖଟ, ଖଟର ଗୋଡ଼, ଭୁବନେଶ୍ୱରର ପାଦ, ଗୋଡ଼, ଆଣ୍ଠୁ, ଦେହ, ଛାତି, ସବୁକିଛି ଉଠେଇବା ମାତ୍ରେ ପଙ୍କ ପାଲଟିଯାଉଥିଲା। ଏହିପରି ଭାବେ ତା ସମଗ୍ର ଶରୀରଟି ଏକ କର୍ଦ୍ଦମାକ୍ତ, ପଙ୍କିଳ ଓ ଆବର୍ଜନାମୟ ପରିବେଶ ମଧ୍ୟରେ ନିଶେଷ ହୋଇଗଲା। ତା' ସହିତ ତା'ର ଅତି ଘନିଷ୍ଠ ସହଯୋଗୀ ପାଦହୀନ ଲୋକଟି ମଳମୂତ୍ର ଓ ଆବର୍ଜନା ପାଣିରେ ଘାଣ୍ଟି ହେଲା ଏବଂ ସୁବୁଦ୍ଧି ଓ ତା ପୁଅ ଚିକିଣା ମଧ୍ୟ ଆକସ୍ମିକ ଟ୍ରକ୍ ଧକ୍କାରେ ମୃତ୍ୟୁବରଣ କଲେ। ଏକ ଆଧିଭୌତିକ ଚେତନାରେ ଉଦ୍‌ବୁଦ୍ଧ ହୋଇ ଲେଖକ ଦଣ୍ଡବିଧାନର ବ୍ୟବସ୍ଥା କରିଛନ୍ତି। ଏହା ସହିତ ହିକିରିମାର ବିଚାରପତି, ହିନ୍ଦୁସ୍ଥାନୀ ବାବା ଓ ଉଦୟଗିରିର ପୋଲିସ ଅଫିସର, ଇତ୍ୟାଦି ଚରିତ୍ରମାନଂକର ଆତ୍ମୋପଲବ୍ଧି କରାଇ ସତ୍ ଓ ଅସତ୍ ମଧ୍ୟରେ ଥିବା ଲକ୍ଷ୍ମଣରେଖାକୁ ଆହୁରି ଦୃଢ଼ କରିଦେଇଛନ୍ତି।

ଆମେମାନେ ଭାରତୀୟ ଦର୍ଶନରେ ଉଦ୍‌ବୁଦ୍ଧ ଯାହା ବେଦ ଓ ଉପନିଷଦ ଉପରେ ଆଧାରିତ। ଯେଉଁଠାରେ ପାପର ମାତ୍ରା ଅସହ୍ୟ ହେଲେ ଜଣେ ଜଣେ ଶତ୍ରୁ ସଂହାରକଂକର ହୋଇଥାଏ ଆବିର୍ଭାବ। ଦସ୍ୟୁତ୍ୱ ଯେତେ ଭୟଂକର ହେଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଥାଏ ଆବଦ୍ଧ। ଯେଉଁ ଦସ୍ୟୁତ୍ୱର ବିଲୋପ ମଣିଷର ସାଧ୍ୟାତୀତ ସେଠାରେ ଆଧିଭୌତିକ କ୍ରିୟାର କରାମତିକୁ ଆମେ ବିଶ୍ୱାସ କରନ୍ତି। ଏହି ପାର୍ଥିବ ଜଗତରୁ ପାପୀମାନେ ବର୍ତ୍ତିଗଲେ ମଧ୍ୟ ଈଶ୍ୱରଂକ ଦରବାରରେ ତା'ର ନିସ୍ତାର ନାହିଁ; ଏହା ହିଁ ଆମର ଧର୍ମ ଓ ଦର୍ଶନ। ଏହି ଆଭିମୁଖ୍ୟ 'ଦସ୍ୟୁ' ଉପନ୍ୟାସରେ ପ୍ରତିଫଳିତ। ଔପନ୍ୟାସିକ ପାପ ଓ ପୁଣ୍ୟର ବିଚାରବୋଧକୁ ଆହୁରି ପ୍ରାଞ୍ଜଳ କରିବା ପାଇଁ ହିନ୍ଦୁସ୍ଥାନୀ ବାବା ପ୍ରସଂଗ ଉପସ୍ଥାପନ କରିଛନ୍ତି। ଭୁବନେଶ୍ୱରର ପାପ କ'ଣ ଓ କେଉଁ କାର୍ଯ୍ୟ କଲେ ତା'ର ପାପ ଲାଘବ ହୋଇପାରିଥା'ନ୍ତା। ସବ୍ୟସାଚୀ ସାମ୍ନାରେ ଏହାର ବ୍ୟାଖ୍ୟା କରି ବାବା କହିଛନ୍ତି – "ହେ ସହ– ନର୍କଗାମୀ ଶୁଣ, ଭଲକରି ଶୁଣ। ଭୁବନାର ଦୋଷ ରହିଲା ଦେହୁରୀ ହିକିରିମାର ଦଣ୍ଡରେ। ବୁଝିଲୁ? ସେ ପାପର ବ୍ୟାଖ୍ୟା ଶୁଣ। ଯେତେ ଯେତେ ଆଉ ଆଉ ଲୋକଂକୁ ତୁଉ, ତୁଉମାନେ, ତମେ ଆପଣମାନେ ହଇରାଣ କଲ, ତଳିତଳାନ୍ତ କଲ, ସେମାନଂକ ବିବେକକୁ ହତ୍ୟା କରିବାକୁ

ବାଧ୍ୟ କଲ, ସେମାନେ ସମସ୍ତେ ସଚେତନ ନାଗରିକ ଥିଲେ। ସେମାନେ ଶିକ୍ଷିତ, ସ୍ୱଚ୍ଛଳ ଓ ଏ ସଂସାରର କାରବାରରେ ପଟୁଥିଲେ। x x x ଶ୍ରଦ୍ଧାଜଳି ସିନା ପଛକୁ ଓଷଦପତର ହେତୁ କିଛି ଜାଣିପାରିଲା ନାହିଁ, କିନ୍ତୁ ଆରଂଭରେ ତା' ନିଜର ଯୌନକ୍ଷୁଧା ଓ ପରେ କ୍ଷମତାଲିପ୍‌ସା, ଏହାକୁ ଭୁବନା ଭଲକରି ବୁଝିଥିଲା। ହିକିରିମା କଥା ଅଲଗା। ସେ ଜଂଗଲେ ଥିଲା। ତା ଜୀବନ ଜୀଇଁଥିଲା। ସେପରି ଲୋକଂକ ପାଇଁ ଭୁବନା ତ କେବେ କିଛି କଲା ନାହିଁ। ତୁ ତ ଜାଣି ବି ନଥିବୁ ଏପରି ଲୋକ ଥାଆଂତି ବୋଲି। ତା' ପାଇଁ ତୁ କ'ଣ କରିଚୁ, ଏ ପ୍ରଶ୍ନ ହିଁ ଉଠୁନାହିଁ। ଓଲଟି ମିଛ ହତ୍ୟାକାଣ୍ଡ ମକଦ୍ଦମାରେ ପକେଇଲୁ ତାକୁ। ସେଇ ପାପରୁ ଭୁବନା ମଲା। ମଲାନି ତ ଗଳିତ ହୋଇଗଲା। ଗଳିତ ମାନେ କ'ଣ ଜାଣୁ?" (ସେଇବହି, ପୃଷ୍ଠା-୧୪୦)

ଭୁବନେଶ୍ୱର ଓ ତା'ର ସହଯୋଗୀମାନଂକର ଅସ୍ୱାଭାବିକ ମୃତ୍ୟୁ ନିଶ୍ଚିତ ଭାବେ ଉପରେ ପୁଣ୍ୟର ବିଜୟ। ସେ ପାଣି, ପଙ୍କ, କାଦୁଅ ଯାହା ବି ହେଉ, ତାହା ନିଶ୍ଚୟ ଭାବେ ଗୋଟିଏ ଶକ୍ତି, ଯାହା ପାପାତ୍ମାର ସଂହାରକ। ଏସବୁ ସତ୍ତ୍ୱେ ସପ୍ତଦଶ ପରିଚ୍ଛେଦ ଅର୍ଥାତ୍ ଶେଷ ପରିଚ୍ଛେଦରେ କଥାକାର ଏସବୁର ସରଳ ପ୍ରତିକାର ବାବା ଓ ସବ୍ୟସାଚୀ ଉକ୍ତି ମାଧ୍ୟମରେ ଦେଇଛନ୍ତି। ପାପକର୍ମରେ ଲିପ୍ତ ନରହି ପୁଣ୍ୟର ପଥ ଅବଲମ୍ବନ କଲେ ହୁଏତ ମଂଗଳ ବିଧାନ ହୋଇପାରିବ। ବାବାଂକର ଉକ୍ତି ହେଉଛି- "ଯାହା ସଂପତ୍ତି ଅର୍ଜିଛୁ, ସେଥିରୁ କିଛି ଲୋକଙ୍କ କାମରେ ଲଗା। x x x ମହାଜନମାନେ ଚଢ଼ା କଳଂତରରେ ଋଣ ଦେଉଛନ୍ତି।। ତୁ ଅଳପ ସୁଧରେ ଋଣ ଦେଇପାରିବୁ। ଧାନଗୁଡା ଶସ୍ତାରେ ବେପାରୀ କିଣିନେଉଛନ୍ତି। ତୁ ଠିକ୍ ଦାମରେ କିଣିପାରିବୁ। କଣ୍ଟ୍ରାକ୍ଟରଗୁଡ଼ା ସ୍ତ୍ରୀଲୋକଂକୁ ମଜୁରି ଠିକରେ ଦେଉନାହାନ୍ତି। ତୁ ଠିକରେ ମଜୁରି ଦେଇପାରିବୁ। ଯାଃ ପଳା. . . ତୁ କ'ଣ ଏ ସବୁକଥା ଜାଣିନାହୁଁ?" (ସେଇବହି. ପୃଷ୍ଠା-୧୪୨) ବାସ୍ତବିକ୍ ଏହି ଉପାୟରେ ପ୍ରାୟଶ୍ଚିତ ହେବା ସହିତ ପାପ ଲାଘବ ମଧ୍ୟ ହୋଇପାରିବ। ମାତ୍ର ପ୍ରତ୍ୟେକ ମଣିଷର ଇଚ୍ଛା ଯେତେ କଦର୍ଯ୍ୟ ଓ ଅମାନୁଷିକ କାର୍ଯ୍ୟ ହେଉ ପଛ ପଛକେ, ତାହା ମାଧ୍ୟମରେ ରାତାରାତି ବଡ଼ଲୋକ ବନିଯିବା, କିନ୍ତୁ ସେମାନେ ଏହାର ବିଷମୟ ପରିଣତି ସଂପର୍କରେ ସଚେତନ ନଥାନ୍ତି। ଏହା କ୍ଷଣସ୍ଥାୟୀ ଓ ଭୟଂକର। ପରିଶେଷରେ ସମସ୍ତଂକୁ ଭୁବନେଶ୍ୱର ପରି ଭୟଂକର ମୃତ୍ୟୁର ସାମ୍ନା କରିବାକୁ ପଡ଼େ। ସେଥିପାଇଁ ତା' ପୂର୍ବରୁ ଆମକୁ ସଚେତନ ହେବାକୁ ପଡ଼ିବ ଓ ଯଥାସଂଭବ ଭଗବତ୍ ବିଶ୍ୱାସୀ ହେବା ସହିତ ସମାଜର ମଂଗଳ ପାଇଁ କାର୍ଯ୍ୟ କରିବାକୁ ହେବ। ଯାହାଫଳରେ ପାପଭାର ସାମାନ୍ୟ ଲାଘବ ହେବ।

'ଦସ୍ୟୁ' ଉପନ୍ୟାସରେ କଥାକାରଂକର ଦୁଇଟି ବକ୍ତବ୍ୟ ପରିଲକ୍ଷିତ ହୁଏ। ଗୋଟିଏ ହେଲା ପ୍ରଶାସନିକ ସ୍ତରରେ ଦେଖାଦେଇଥିବା ଅବକ୍ଷୟ ଓ ଅରାଜକତା ପରି ବାସ୍ତବ ଦିଗ ଉନ୍ମୋଚନ ଏବଂ ଦ୍ୱିତୀୟଟି ହେଲା ଏହାର ପ୍ରତିକାର ପାଇଁ ଧର୍ମୀୟ ବିଶ୍ୱାସବୋଧ ଓ ସାମାଜିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ପ୍ରଦାନ। ଭାରତ ପରି ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଗତି ଓ ଅଗଣିତ ସାଧାରଣ ନାଗରିକଂକର ଭବିଷ୍ୟତ ଉପରେ ନିର୍ଭର କରେ ସେମାନଂକର ଚାରିତ୍ରିକ ସଂସ୍କାର ଆବଶ୍ୟକ ସେମାନେ ସଚ୍ଚୋଟ ଓ ସେବା ମନୋବୃତ୍ତି ପୋଷଣ କରିବା ଉଚିତ୍। ସବ୍ୟସାଚୀ ପରି କ୍ଷଣିକ ଚାରିତ୍ରିକ ସ୍ଖଳନକୁ ପାଶୋରି ଗୁରଙ୍କ ଶରଣାପନ୍ନ ହେବା ଜରୁରୀ। ତା' ହେଲେ ସେମାନଙ୍କର ପାପଭାର କମିବା ସହିତ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ। ଉକ୍ତ ଉପନ୍ୟାସ ମାଧ୍ୟମରେ ଔପନ୍ୟାସିକ ରାଜନୀତିକ ବ୍ୟକ୍ତି ଓ ପଦସ୍ଥ ଅଫିସରମାନଂକୁ କୁକାର୍ଯ୍ୟର ବିଷମୟ ଓ ଭୟଂକର ପରିଣତି ସଂପର୍କରେ ସୂଚେଇ ଦେବା ସହିତ ସ୍ୱାର୍ଥତ୍ୟାଗ

ବା ସେବା ମନୋଭାବ ନେଇ କାର୍ଯ୍ୟକଲେ ତାର ସୁଫଳ ସମ୍ପର୍କରେ ମଧ୍ୟ ଧାରଣା ଦେଇଛନ୍ତି। ଉପନ୍ୟାସଟିରେ ଔପନ୍ୟାସିକଙ୍କର ଆତ୍ମୋପଲବ୍ଧି ବାସ୍ତବ ଓ ଅନୁଭବ ସାପେକ୍ଷ।

**ସହାୟକ ଗ୍ରନ୍ଥସୂଚୀ :**

୧. କର, ବାଉରୀବନ୍ଧୁ- ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ବିଦ୍ୟାପୁରୀ, କଟକ-୨୦୦୪

୨. ନାୟକ, ରଞ୍ଜିତା- ଓଡ଼ିଆ ଉପନ୍ୟାସର ଇତିବୃତ୍ତ, ଓଡ଼ିଶା ବୁକ ଷ୍ଟୋର, କଟକ- ୧୯୯୧

୩. ପଣ୍ଡା, ହୃଷୀକେଶ- ଦସ୍ୟୁ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ୨୦୦୨

୪. ଶତପଥୀ, ପ୍ରଫେସର ନିତ୍ୟାନନ୍ଦ- ହୃଷିକେଶୀୟ କଥାଶିଳ୍ପ, ଇସ୍ତାହାର ପବ୍ଲିକେଶନସ, ଭୁବନେଶ୍ୱର- ୨୦୦୬

# ଓଡ଼ିଆ ଆଦିବାସୀ ଉପନ୍ୟାସରେ ସଂସ୍କୃତି

**ବର୍ଷା ମିଶ୍ର**

ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ, ପଶ୍ଚିମବଙ୍ଗ

**ସଂକ୍ଷିପ୍ତସାର :**

ଓଡ଼ିଶାରେ ବସବାସ କରୁଥିବା ବାଷଠି ପ୍ରକାରର ଆଦିବାସୀ ସମୁଦାୟଙ୍କ ସଂସ୍କୃତିରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ଲକ୍ଷ୍ୟ କରାଯାଇପାରେ ଯେ ଏମାନଙ୍କ ସାଂସ୍କୃତିକ ଜୀବନ ଖୁବ୍ ନିଆରା । ପ୍ରତ୍ୟେକ ସଂପ୍ରଦାୟର ନୀତିନିୟମ, ଚଳଣି, ପରଂପରା, ଲୋକବିଶ୍ୱାସ ଭିନ୍ନ ଭିନ୍ନ ଧରଣର । ଏମାନେ ନିଜର ସଂସ୍କୃତିକୁ ଖୁବ୍ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ଯାହାଫଳରେ ଏମାନେ ସ୍ୱତଃ ଅଣଆଦିବାସୀ ସମାଜରେ ନିଜସ୍ୱ ସ୍ୱାତନ୍ତ୍ର୍ୟ ରକ୍ଷା କରିବାରେ ସମର୍ଥ । ଆଲୋଚ୍ୟ ପ୍ରବନ୍ଧଟି ମଧ୍ୟରେ ଓଡ଼ିଆରେ ଏଯାବତ୍ ରଚିତ ହୋଇସାରିଥିବା ଆଦିବାସୀ ଉପନ୍ୟାସଗୁଡ଼ିକ ମଧ୍ୟରୁ କେତେକ ଉପନ୍ୟାସକୁ ଗ୍ରହଣ କରାଯାଇଛି । ଉପନ୍ୟାସଗୁଡ଼ିକ ମଧ୍ୟରେ ବର୍ଣ୍ଣିତ ହୋଇଥିବା କେତେକ ଆଦିବାସୀ ସମୁଦାୟଙ୍କ ସଂସ୍କୃତି ସଂପର୍କରେ ଏହା ମଧ୍ୟରେ ଆଲୋଚନା କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :** ଆଦିବାସୀ, ଅଣଆଦିବାସୀ, ସଂସ୍କୃତି, ସ୍ୱାତନ୍ତ୍ର୍ୟ, ଓଡ଼ିଆ ଉପନ୍ୟାସ, ନାରୀପୁରୁଷ

ଆଦିବାସୀମାନଙ୍କର ଜୀବନ ଓ ସଂସ୍କୃତି ନିଆରା। ଏମାନଙ୍କ ଜୀବନର ଆଭିମୁଖ୍ୟ ଏବଂ ପରଂପରାର ନିଜସ୍ୱ ସ୍ୱାତନ୍ତ୍ର୍ୟ ରହିଛି। ସଭ୍ୟ ସମାଜଠୁଁ ଦୂରରେ ଏମାନେ ନିଜର ସମାଜ, ଚଳଣି, ସଂସ୍କୃତି ଗଠନ କରିଛନ୍ତି। ଏଣୁ ସଭ୍ୟ ମଣିଷର ଏମାନଙ୍କ ସଂସ୍କୃତି ସଂପର୍କରେ କୌତୂହଳ ଥାଏ। ଓଡ଼ିଶାରେ ବାଷଠି ପ୍ରକାରର ଆଦିବାସୀ ସମୁଦାୟ ବସବାସ କରନ୍ତି। ଏମାନଙ୍କ ଜୀବନକୁ କେନ୍ଦ୍ରକରି ବହୁ ଓଡ଼ିଆ ଉପନ୍ୟାସ ଏଯାବତ୍ ରଚିତ। ସେଥିରେ ପ୍ରତ୍ୟେକଙ୍କ ସଂସ୍କୃତିର ଭିନ୍ନତା ଦୃଷ୍ଟି ଆକର୍ଷଣ କରେ। ଗୋପୀନାଥ ମହାନ୍ତିଙ୍କ 'ପରଜା', 'ଅମୃତର ସନ୍ତାନ', କାହ୍ନୁଚରଣଙ୍କ 'ବନଗହନର ତଳେ', ଶଶିଭୂଷଣଙ୍କ 'ଆୟା ମାର୍ଗାରେଟ' ପ୍ରଭୃତି ଉପନ୍ୟାସରେ ଆଦିବାସୀ ସଂସ୍କୃତିର ନିଖୁଣ ଚିତ୍ର ରହିଛି। ମାତ୍ର ୧୯୭୦ ମସିହା ପରବର୍ତ୍ତୀ କାଳରେ ରଚିତ ହୋଇଥିବା ଆଦିବାସୀ ଉପନ୍ୟାସଗୁଡିକରୁ ଆଦିବାସୀ ସଂସ୍କୃତି ଏବଂ ତାର ପରିବର୍ତ୍ତିତ ସ୍ୱରୂପକୁ ଲକ୍ଷ୍ୟ କରାଯାଇପାରେ। ତେବେ ସଂସ୍କୃତି ସମ୍ବନ୍ଧୀୟ ସେହି ବିଶେଷତାଗୁଡ଼ିକ ସମ୍ବନ୍ଧରେ ଓଡ଼ିଆ ଆଦିବାସୀ ଉପନ୍ୟାସଗୁଡିକୁ ଦୃଷ୍ଟିରେ ରଖି ବିଚାର କରାଯାଉ।

**ଜନ୍ମମୃତ୍ୟୁ–** ଆଦିବାସୀ ସମାଜରେ ଜନ୍ମସଂସ୍କାର ବିଧି ଅଣଆଦିବାସୀ ସମାଜ ଠାରୁ ଭିନ୍ନ। ଓଡିଆରେ 'ପରଜା', 'ଅମୃତର ସନ୍ତାନ' , 'ଆଦିଭୂମି', 'ପଲସା', 'ଜଙ୍ଗଲୀ', 'ରକ୍ତର ରଙ୍ଗ' ପ୍ରଭୃତି ଉପନ୍ୟାସରୁ କନ୍ଧ, ପରଜା, ବଣ୍ଡା, ଲୋଧା ପ୍ରମୁଖ ସମୁଦାୟର ଜନ୍ମ ସଂସ୍କାର ବିଧି ସମ୍ବନ୍ଧୀୟ ସୂଚନା ମିଳେ। ଏହି ବିଧିବିଧାନ କ୍ଷେତ୍ରରେ ଉଭୟ ଆଦିବାସୀ ନାରୀ ଓ ପୁରୁଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଶିଶୁର ନାହିକଟା, ନାମକରଣ ଆଦି ଉତ୍ସବକୁ କନ୍ଧ ଓ ବଣ୍ଡା ସମୁଦାୟର ନାରୀ ଓ ପୁରୁଷ ମିଳିତ ଭାବରେ ପାଳନ କରିଥାନ୍ତି। ଆଦିବାସୀ ସମାଜରେ ପୁତ୍ର ଏବଂ କନ୍ୟା ସନ୍ତାନ ମଧ୍ୟରେ କୌଣସି ପ୍ରଭେଦ ନଥାଏ। ଉଭୟେ ପିତାମାତାଙ୍କ ଆଦର ପାଇଥାନ୍ତି। ଶିଶୁର ପିତା ଯେକୌଣସି ବ୍ୟକ୍ତି ହୋଇଥାଉନା କାହିଁକି, ନାରୀକୁ ବିବାହ କରିଥିବା ପୁରୁଷ ହିଁ ଉକ୍ତ ଶିଶୁର ପିତା ଭାବରେ ପରିଚିତ ହୁଏ। କନ୍ଧ ଓ ବଣ୍ଡା ସଂପ୍ରଦାୟରେ ଜନ୍ମପରେ ମା' ହିଁ ତା ଶିଶୁର ନାହି କାଟେ ଏବଂ ସପ୍ତାହର ବାର ଅନୁଯାୟୀ ଶିଶୁର ନାମକରଣ

କରାଯାଇଥାଏ। ଅନ୍ୟତ୍ର ମୃତାହ କ୍ରିୟାରେ ସାଧାରଣତଃ ପୁରୁଷମାନେ ହିଁ ଅଂଶ ଗ୍ରହଣ କରିଥାନ୍ତି। କୌଣସି ସଂପ୍ରଦାୟରେ ନାରୀମାନେ ମୃତଶବ ସହିତ ଶ୍ମଶାନକୁ ଯାଇଥିବାର ସୂଚନା ଉପନ୍ୟାସରୁ ମିଳେନାହିଁ। ମୃତଶବକୁ ଶ୍ମଶାନକୁ ନେବା ପୂର୍ବରୁ ନାରୀମାନେ ତାକୁ ବେଢ଼ିବସି ଐକ୍ୟ ବିଳାପ ଏବଂ ମରଣ ସଂଗୀତ ଗାନ କରିଥାନ୍ତି। ଏହାବ୍ୟତୀତ କୌଣସି ଆଦିବାସୀ ନାରୀ ମୃତ୍ୟୁବରଣ କରିବା ପରେ ତାର ସ୍ୱାମୀ ହିଁ ଶବସତ୍କାର କରିବାକୁ ଯୋଗ୍ୟ ବିବେଚିତ ହୋଇଥାଏ। ଏଥିରେ ଗ୍ରାମର କିମ୍ବା ପରିବାରର ଅନ୍ୟ କୌଣସି ସଦସ୍ୟ ହସ୍ତକ୍ଷେପ କରନ୍ତିନାହିଁ। ସଂପ୍ରତି ଆଦିବାସୀ ଉପନ୍ୟାସର ବୃଦ୍ଧି ଘଟିବା ସହିତ ସେମାନଙ୍କ ମୃତାହ ସଂସ୍କାର ବିଧି ସଂପର୍କିତ ବର୍ଣ୍ଣନା ହ୍ରାସ ପାଇଛି। ୧୯୭୦ ମସିହା ପରବର୍ତ୍ତୀ କାଳର ଉପନ୍ୟାସଗୁଡିକରେ ଆଦିବାସୀମାନଙ୍କର ମୃତ୍ୟୁକର୍ମ ସଂପର୍କିତ ବିବରଣୀ ଆଦୌ ନାହିଁ କହିଲେ ଚଳେ।

**ବେଶ ପୋଷାକ-** ଆଦିବାସୀ ମଣିଷଙ୍କ ପୋଷାକ ସ୍ୱଳ୍ପ ଓ ସଂକ୍ଷିପ୍ତ। ଫୁଙ୍ଗୁଳା ଶରୀର ହିଁ ସେମାନଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରେ। ସରଳ ନିରାଡ଼ମ୍ବର ବେଶଭୂଷାରେ ସେମାନଙ୍କ ଲାଳିତ୍ୟ ପ୍ରକାଶିତ। ବେଶପୋଷାକରେ ସେମାନେ କୃତ୍ରିମତାର ଆଶ୍ରୟ ନିଅନ୍ତି ନାହିଁ। ପ୍ରକୃତି ସେମାନଙ୍କ ପୋଷାକ ପରିଚ୍ଛେଦର ଆଧାର। ଉପନ୍ୟାସଗୁଡ଼ିକରୁ ପରଜା, କନ୍ଧ, ବଣ୍ଡା ,ଡମ ଆଦି ସମୁଦାୟର ନରନାରୀଙ୍କ ପୋଷାକ ସଂପର୍କରେ ବର୍ଣ୍ଣନା ରହିଛି। ପରଜା ନରନାରୀମାନେ ଗାମୁଛା, କସ୍ତା ଧୋତି, ଲୁଗା ବା ପାଂଚିଆ, ଖଦି ପରିଧାନ କରନ୍ତି। ଡମ ଓ କନ୍ଧ ନରନାରୀମାନେ କାଛିଆ ଓ ଲୁଗା ଏବଂ ବଣ୍ଡା ନାରୀମାନେ ତିନିଫୁଟ ଲମ୍ବ ଓ ଫୁଟେ ଓସାରର 'ରିଙ୍ଗା' ପିନ୍ଧିବାକୁ ଭଲପାନ୍ତି ଓ ପୁରୁଷମାନେ ଗୋସି ବା ଲୁଗା ପରିଧାନ କରିଥାନ୍ତି। ଅଧିକାଂଶ ସଂପ୍ରଦାୟର ଉଭୟ ନାରୀପୁରୁଷମାନେ ତମ୍ବା, ପିତ୍ତଳ, ସୁନା, କାଚ, ରସ, ପଥର, ଆଲୁମିନିୟମ, ପ୍ଲାଷ୍ଟିକ ପ୍ରଭୃତି ଧାତୁ ନିର୍ମିତ ବିଭିନ୍ନ ପ୍ରକାରର ଗହଣା ଲଗାନ୍ତି। ନାରୀମାନେ ମୁଣ୍ଡରେ ଅଳସି, କୁସୁମ, ଜଡ଼ା ଆଦି ତେଲ ଲଗାଇ ବିଭିନ୍ନ ଜଙ୍ଗଲୀ ଫୁଲରେ କେଶକୁ ସଜାଇଥାନ୍ତି। ମାତ୍ର ବଣ୍ଡା ନାରୀ ମୁଣ୍ଡରେ କେଶ ରଖନ୍ତି ନାହିଁ। ଏହିକାରଣରୁ ଏମାନେ ମୁଣ୍ଡକୁ ବିଭିନ୍ନ ପ୍ରକାରର ମାଳି, ପତ୍ର, ପଟି ଦ୍ୱାରା ସଜାଇଥାନ୍ତି। ଏହାବ୍ୟତୀତ ଆଦିବାସୀ ମଣିଷମାନେ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ପରିଧାନ କରିବା ସହିତ ନିଜକୁ ସେଥିରେ ସଜାଇବାକୁ ଭଲ ପାଆନ୍ତି।

**ଖାଦ୍ୟପେୟ-** ଆଦିବାସୀ ଜୀବନରେ ଖାଦ୍ୟ ସଂଗ୍ରହ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ପ୍ରତ୍ୟେକ ଦିନ ସେମାନେ ଜଙ୍ଗଲରୁ ଖାଦ୍ୟ ଓ ଜଳେଣି ସଂଗ୍ରହ କରିଥାନ୍ତି। ଉପନ୍ୟାସରେ ବିଭିନ୍ନ ସମୁଦାୟର ନରନାରୀମାନେ ବଣର ଫଳମୂଳ, କନ୍ଦା, ଆମ୍ବ ଓ ତେନ୍ତୁଳି ମଂଜି ଶସ, ମହୁଲ, ଉଇ, ମହୁପୋକ, କାଇଡିମ୍ବ ଓ କାଇ, ଝରିପୋକ, ମାଂସ, ମଦ, ଶାଗ, କନ୍ଦମୂଳ, ଡିମ୍ବ, ଭାତ, ମାଣ୍ଡିଆ ତୂନା ଇତ୍ୟାଦି ଖାଦ୍ୟପାନୀୟ ଖାଉଥିବାର ଚିତ୍ର ଦେଖିବାକୁ ମିଳେ। ଉପନ୍ୟାସରେ ଜଙ୍ଗଲ କ୍ଷୟ, ବିସ୍ଥାପନ ସମସ୍ୟା ଆଦି କେତେକ କାରଣ ଯୋଗୁଁ ସେମାନେ ଚା, ପରଟା, ସୁଜି ହାଲୁଆ,ବିରିବରା ଇତ୍ୟାଦି ଆଧୁନିକ ଖାଦ୍ୟ ପ୍ରତି ମନ ବଳାଇଛନ୍ତି। ଏହା ସେମାନଙ୍କର ସଭ୍ୟ ସମାଜ ପ୍ରତି ଆକର୍ଷଣକୁ ଦର୍ଶାଏ।

**ପର୍ବପର୍ବାଣି-** ଆଦିବାସୀ ସଂସ୍କୃତିର ଏକ ଅଙ୍ଗ ହେଉଛି ପର୍ବପର୍ବାଣି। ଏଥିରେ ଉଭୟ ନାରୀପୁରୁଷ ର୍ନିବିଶେଷରେ ଅଂଶ ଗ୍ରହଣ କରନ୍ତି। ଉପନ୍ୟାସରୁ ବିଭିନ୍ନ ପ୍ରମୁଖ ସଂପ୍ରଦାୟରେ ପ୍ରଚଳିତ ପର୍ବପର୍ବାଣିର ସୂଚନା ମିଳେ। ମାଘ, ଚୈତ, ପୁଷ, ଦଶହରା, ଦିଆଲି, ମେରିଆ, ପ୍ରେତଘଉଡା, ବାଲିକଢା ଇତ୍ୟାଦି ପର୍ବ ଦିନରେ ନାରୀମାନେ ଘରେ ରହି ବିଭିନ୍ନ ଶସ୍ୟ ପେଷିବା, ଗୃହକୁ ସଜାଇବା ଓ ସଫାସୁତରା କରିବା, ନୃତ୍ୟଗୀତରେ ବିଭୋର ହେବା ଆଦି କାର୍ଯ୍ୟ କରିଥାନ୍ତି। ଚଇତ ବା ଚୋକୀଘିଚା ପର୍ବରେ ଅଧିକାଂଶ ସମୁଦାୟରେ ବିବାହର ଆୟୋଜନ କରାଯାଇଥାଏ। ଏହି ପର୍ବରେ ପୁରୁଷମାନେ ଶିକାର ନ ପାଇ ଖାଲି ହାତରେ ଫେରିଥିଲେ ଗ୍ରାମର ନାରୀମାନେ କାଦୁଅ ଓ ଗୋବର ଫିଙ୍ଗି ସେମାନଙ୍କୁ ଅପମାନିତ କରିଥାନ୍ତି। ଏହାବ୍ୟତୀତ ପ୍ରତ୍ୟେକ ପର୍ବପର୍ବାଣିରେ ଉଭୟ ନାରୀପୁରୁଷ ନିର୍ବିଶେଷରେ ମଦ୍ୟପାନ କରିଥିବାର ଲକ୍ଷ୍ୟ କରାଯାଇପାରେ।

**ନୃତ୍ୟଗୀତ-** ଆଦିବାସୀ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ନୃତ୍ୟଗୀତ। ବିଭିନ୍ନ ପର୍ବପର୍ବାଣି, ଯାନିଯାତ୍ରା, ବିବାହ ଉତ୍ସବ ଇତ୍ୟାଦି ଦିନରେ ଏମାନେ ନିଜର ଆନନ୍ଦମୟତାକୁ ନାଚଗୀତ

ମାଧ୍ୟମରେ ପ୍ରଦର୍ଶନ କରିଥାନ୍ତି। ଅନ୍ତରର ପ୍ରେମଭାବନାକୁ ପ୍ରକାଶ କରିବାର ମାଧ୍ୟମ ଭାବରେ ଆଦିବାସୀ ନରନାରୀ ନୃତ୍ୟଗୀତକୁ ଗ୍ରହଣ କରିନେଇଛି। ଏହାବ୍ୟତୀତ କର୍ମକ୍ଷେତ୍ରରେ ଶ୍ରମଲାଘବ ପାଇଁ ଏମାନେ ବିଭିନ୍ନ ପ୍ରକାରର ପ୍ରେମଗୀତ , ଲୋକଗୀତ ଗାନ କରିଥିବାର ଚିତ୍ର ଉପନ୍ୟାସରେ ରହିଛି। ଏହାଦ୍ୱାରା ସେମାନେ କ୍ଳାନ୍ତି ଦୂର କରିବା ସହିତ ଆନନ୍ଦ ଲାଭ କରିଥାନ୍ତି। ଏଣୁ କର୍ମବ୍ୟସ୍ତତାରୁ ବର୍ତ୍ତିବା ପାଇଁ ଉଭୟ ନାରୀପୁରୁଷମାନେ ଗୀତ ଗାଉଥିବାର ବୁଝାପଡେ। ଦୃଷ୍ଟାନ୍ତ ସ୍ୱରୂପ ଉପନ୍ୟାସରେ କର୍ମରତା ଲୋଧା ରମଣୀମାନେ ଗାଇଉଠିଛନ୍ତି –

"ଚୈତ ବୈଶାଖ ମାସେ,/ ନଦୀ ବହେ ରସେ ରସେ / ଧାକିକି ଫୁଲ / ଫୁଟେ ମାଘ ମାସେ, / ବଡରିଜ ଫୁଲ / ଗେଲେ ମାଘ ମାସେ," ( ମହାପାତ୍ର ରାଧାମୋହନ, ରକ୍ତର ରଂଗ, ପୃଷ୍ଠା – ୯୨)।

**ବୃତ୍ତି-** ଆଦିବାସୀମାନଙ୍କର ମୁଖ୍ୟ ବୃତ୍ତି ହେଉଛି ଚାଷ। ସେମାନେ ଉଭୟ ନାରୀ ଓ ପରୁଷ ନିର୍ବିଶେଷରେ ଚାଷକାର୍ଯ୍ୟ କରିଥାନ୍ତି। ପ୍ରତ୍ୟେକ ସଂପ୍ରଦାୟରେ ନାରୀମାନେ ଗୃହ କାର୍ଯ୍ୟ ସୁଚାରୁଭାବରେ ତୁଲାଇବା ସହିତ କାଠହଣା, ବ୍ୟବସାୟ, ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣ , ଚାଷକାର୍ଯ୍ୟ, ସ୍ୱାମୀ ସେବା, ପରିବାରର ଦାୟିତ୍ୱ ବହନ ପ୍ରଭୃତି କାର୍ଯ୍ୟ କରିଥାନ୍ତି। ସଂପ୍ରତି ଜଙ୍ଗଲଜାତ ଦ୍ରବ୍ୟ, ଶିକାର ଆଦି ଉପରେ ସରକାରଙ୍କ କଟକଣା ଏବଂ ଅର୍ଥାଭାବ ଫଳରେ ସେମାନେ ନିଜର ପାରଂପରିକ ବୃତ୍ତି ବଦଳରେ କମ୍ପାନୀରେ ଚାକିରୀ, କୁଲିଭୁତି, ମାଟିଖୋଳା, ରାସ୍ତାକାର୍ଯ୍ୟ, ଆୟା କାର୍ଯ୍ୟ, ଦେହ ବ୍ୟବସାୟ, ରାଜନୀତି ଇତ୍ୟାଦି କାର୍ଯ୍ୟ କରୁଥିବାର ଚିତ୍ର ଉପନ୍ୟାସରେ ଦେଖିବାକୁ ମିଳିଛି। ଏହାବ୍ୟତୀତ ପୁରୁଷମାନେ ମୁଖ୍ୟତଃ ଚାଷ କାର୍ଯ୍ୟ, ଶିକାର, ଗୋଡି କାର୍ଯ୍ୟ ପ୍ରମୁଖ କରୁଥିବାର ଲକ୍ଷ୍ୟ କରାଯାଇପାରେ।

**ପ୍ରେମ-** ଆଦିବାସୀମାନଙ୍କ ପାଇଁ ପ୍ରେମ ହେଉଛି ବିବାହର ପ୍ରଥମ ସୋପାନ। ଓଡ଼ିଆ ଆଦିବାସୀ ଉପନ୍ୟାସରେ ସୁନା ଓ ବାୟା, ଜିଲି, ବାଗ୍ଲା ଓ କାଜୋଡି, ବେଶୁ କନ୍ଧ ଓ ପୁବୁଲି, ଦିଉଡୁ - ପୁୟୁ, ଶକୁନ୍ତଳା ଓ ଅରୁଣ, ସତ୍ୟବ୍ରତ ଓ ସଉରୀ, ଉମା ଓ ଶୁକ ପ୍ରମୁଖ ଚରିତ୍ରଙ୍କ ମଧ୍ୟସ୍ଥ ପ୍ରେମର ଚିତ୍ର ଫୁଟିଉଠିଛି। ପ୍ରେମ ପ୍ରତି ଥିବା ସେମାନଙ୍କ ମନୋଭାବ, ଚିନ୍ତାଚେତନା, କର୍ତ୍ତବ୍ୟ, ତ୍ୟାଗ ଆଦି ସଂପର୍କରେ ବହୁ ବିବରଣୀ ଉପନ୍ୟାସଗୁଡ଼ିକରେ ସ୍ଥାନିତ। ଏହି ପ୍ରେମ ସ୍ୱାଭାବିକ, ଦାମ୍ପତ୍ୟ ଏବଂ ବାତ୍ସଲ୍ୟ ଆଦି ତିନୋଟି ସ୍ତରରେ ଦେଖିବାକୁ ମିଳିଛି। ଆଦିବାସୀ ମଣିଷଙ୍କ ପାଖରେ ଦେହ ଅପେକ୍ଷା ମନର ପ୍ରାଧାନ୍ୟ ଅଧିକ। ଏଣୁ ସେ ଜଣଙ୍କ ପାଖରେ ମନ ଓ ହୃଦୟକୁ ସମର୍ପି ସାରିବା ପରେ ତା ନିକଟରେ କୌଣସି ଲଜ୍ଜା ପ୍ରକାଶ ପାଇ ନାହିଁ। ଦାମ୍ପତ୍ୟ ଜୀବନରେ ଶାରୀରିକ ସଂପର୍କ ବନ୍ଧନର ଏକ ସେତୁ। ଯେତେବେଳେ ତାହା ଭାଙ୍ଗିଯାଏ ମଣିଷ ମୂଲ୍ୟବୋଧ, ମାନବିକତାର ଦ୍ୱାହିରେ ଧରି ରଖେ ତାର ଅସମର୍ଥ ସଙ୍ଗୀକୁ। ଶରୀରର ଆହ୍ୱାନ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଏଥିରୁ ଜଣାପଡ଼େ।

**ବିବାହ** - ଆଦିବାସୀମାନଙ୍କ ପାଇଁ ବିବାହ ସବୁଠାରୁ ବଡ଼ ଅନୁଷ୍ଠାନ। ଉପନ୍ୟାସରେ ରାଜିରୁଜା, ଉଦୁଲିଆ, ଝିକାଟଣା, ପ୍ରସ୍ତାବପକା, ମହଲା ଦହଲା ପ୍ରଭୃତି ପାରଂପରିକ ବିବାହ ରୀତିର ଚିତ୍ର ଦେଖିବାକୁ ମିଳିଛି। ବିବାହ ପୂର୍ବରୁ ପ୍ରତ୍ୟେକ ସମାଜରେ ଉଭୟ ବରକନ୍ୟାଙ୍କ ମତ ଲୋଡାଯାଇଥାଏ। କନ୍ଧ ସମାଜରେ କନ୍ୟା ବର ଘରୁ ଆସିଥିବା ମଦ୍ୟପାନ କରି ନିଜର ସମ୍ମତି ଜଣାଇଥାଏ। ଏହାବ୍ୟତୀତ ଅଧିକାଂଶ ସଂପ୍ରଦାୟରେ ବିବାହ ସମୟରେ ବରଘର କନ୍ୟାଘରକୁ କନ୍ୟାସୁନା ଦେବାର ପ୍ରଥା ପ୍ରଚଳିତ। ଉଭୟ ନାରୀପୁରୁଷମାନେ ପରସ୍ପରର କେତେକ ବିଶିଷ୍ଟ ଦିଗ ପ୍ରତି ଧ୍ୟାନ ଦେଇଥାନ୍ତି। ଯଥା ନାରୀର କାର୍ଯ୍ୟ କରିବାକୁ ଶକ୍ତି ଥିବ, ସୁସ୍ଥ ସବଳ ସନ୍ତାନ ଜନ୍ମ କରିବାର କ୍ଷମତା ଥିବ, ପରିବାରର ଓ ସ୍ୱାମୀର ଦାୟିତ୍ୱ ନେବାକୁ ସକ୍ଷମ ହୋଇଥିବ ଇତ୍ୟାଦି ଦିଗ ପ୍ରତି ପୁରୁଷମାନେ ନଜର ଦେଇଥାନ୍ତି। ଅନୁରୂପ ଭାବରେ ପୁରୁଷର ଶାରୀରିକ ଗଠନ, କାର୍ଯ୍ୟକ୍ଷମତା, ଶାରିରୀକ ଶକ୍ତି ତଥା ରୋଜଗାର ପ୍ରଭୃତି ଦିଗ ପ୍ରତି ନାରୀମାନେ ଦୃଷ୍ଟି ଦେଇଥାନ୍ତି। ପୁରୁଷର ପ୍ରତାରଣା ତଥା ନାରୀର ଆଳସ୍ୟ, ଅକ୍ଷମତା, କାର୍ଯ୍ୟ ପ୍ରତି ଅବହେଳା ଇତ୍ୟାଦି କାରଣ ଯୋଗୁଁ ବିଶେଷତଃ ଆଦିବାସୀ ସମାଜରେ ବିବାହ ବିଚ୍ଛେଦ ହୋଇଥାଏ। ଏଣୁ ଆଦିବାସୀ ନାରୀ କର୍ମପ୍ରବୀଣା ହେବାକୁ ପ୍ରୟାସ କରିଥାଏ। ଆଦିବାସୀ ସମାଜରେ ସ୍ୱାମୀ ପରିତ୍ୟକ୍ତା ବା ବିଧବା ନାରୀମାନେ ନିଦ୍ୱର୍ନ୍ଦ୍ୱରେ ଦ୍ୱିତୀୟ ବିବାହ କରିବାର ପ୍ରଥା ପ୍ରଚଳିତ। ଅଣ

ଆଦିବାସୀ ସମାଜ ପରି ଏମାନଙ୍କ ସମାଜରେ ବିଧବା ନାରୀ ଅଶୁଭ ବା ଅସହାୟା ନୁହେଁ। ସଂପ୍ରତି ଏହି ବିବାହ ରୀତିରେ ବହୁ ପରିବର୍ତ୍ତନ ପରିଲକ୍ଷିତ ହେଲାଣି। ଏଣୁ ଆଦିବାସୀ ନରନାରୀମାନେ ମନ୍ଦିର ଏବଂ କୋର୍ଟ ବିବାହ କରିଥିବାର ଚିତ୍ର ଉପନ୍ୟାସରୁ ଦେଖିବାକୁ ମିଳିଛି।

**ଲୋକବିଶ୍ୱାସ** - ଆଦିବାସୀ ସମାଜ ଓ ସଂସ୍କୃତି ବହୁ ବିଶ୍ୱାସ ସହିତ ଜଡ଼ିତ। ବିଶେଷକରି ନାରୀକୁ ଆଧାର କରି ବହୁ ଲୋକବିଶ୍ୱାସ ବିଭିନ୍ନ ସଂପ୍ରଦାୟରେ ପ୍ରଚଳିତ। ନାରୀକୁ ଆଧାର କରି ଆତ୍ମା, ଡାହାଣୀ, ଗର୍ଭସ୍ଥ ସନ୍ତାନକୁ ପୁତ୍ରରେ ପରିଣତ କରାଇବା, ବଣ୍ଡା ନାରୀମାନେ ମୁଣ୍ଡରି ହେବା, ନରବଳୀ ପ୍ରଥା, ବର୍ଷା ପାଇଁ କଅଁଳା ଶିଶୁ କନ୍ୟାକୁ ଗ୍ରାମ ଠାକୁରାଣୀଙ୍କୁ ସମର୍ପିବା, ଧରିତ୍ରୀ ଦେବତାଙ୍କୁ ଶାନ୍ତ ଓ ସନ୍ତୁଷ୍ଟ କରିବା ଲାଗି ନରବଳୀ ଦେଇ ଜମିରେ ମଣିଷ ରକ୍ତ ଅର୍ପଣ କରିବା ପ୍ରଭୃତି ବହୁ ବିଶ୍ୱାସ ଆଦିବାସୀ ସମାଜରେ ପ୍ରଚଳିତ ଥିବାର ସୂଚନା ଉପନ୍ୟାସରୁ ଦେଖିବାକୁ ମିଳେ। ଏହାବ୍ୟତୀତ ଗୁଣିଗାରେଡ଼ି, ପଶୁବଳୀ, ଅପଦେବତା, ଭୂତପ୍ରେତ ପ୍ରଭୃତି ବିଶ୍ୱାସ ମଧ୍ୟ ଅଧିକାଂଶ ସଂପ୍ରଦାୟରେ ପ୍ରଚଳିତ।

ଆଦିବାସୀମାନଙ୍କ ମଧ୍ୟରେ ଏକତାର ଭାବନା ଦେଖା ଦେଇଥାଏ। ପରସ୍ପରକୁ ସହଯୋଗ କରିବା ଏବଂ ଏକତ୍ର ମିଳିମିଶି ରହିବା ଏମାନଙ୍କର ସ୍ୱତନ୍ତ୍ରତାକୁ ଦର୍ଶାଇଥାଏ। ଏମାନଙ୍କ ସମାଜରେ ଗୋଟିଏ ନିର୍ଦ୍ଦିଷ୍ଟ ବାସସ୍ଥାନ ରହିଥାଏ। ଏଥିରୁ ସେମାନଙ୍କ ଭାଷା ଓ ସାମୂହିକ ଭାବନାକୁ ଜାଣିହୋଇଥାଏ। ପ୍ରତ୍ୟେକ ଆଦିବାସୀ ସଂପ୍ରଦାୟର ଜଣେ ମୁଖିଆ ଥାନ୍ତି। ସମାଜର ଅନୁଭବୀ ବ୍ୟକ୍ତିଙ୍କୁ ନେଇ ଗୋଟିଏ ସମିତି ଗଠନ କରାଯାଇଥାଏ। ସଂପ୍ରଦାୟର ସୁବିଧା, ଅସୁବିଧାରେ ସମସ୍ତଙ୍କୁ ଉଚିତ୍ ମାର୍ଗନିର୍ଦ୍ଦେଶ କରିବା ଏହି ସମିତିର ମୁଖ୍ୟ କାମ। ଏମାନେ ଦୋଷ କରିଥିବା ବ୍ୟକ୍ତିର ଦଣ୍ଡ ନିର୍ଦ୍ଧାରଣ କରିଥାନ୍ତି। ସାଧାରଣତଃ ଆଦିବାସୀମାନେ ଶିକ୍ଷାଠାରୁ ଦୂରରେ ରହିଥାନ୍ତି। ସଂପ୍ରତି ଆଦିବାସୀମାନଙ୍କ ଉନ୍ନତି ବିଧାନ ଉଦ୍ଦେଶ୍ୟରେ ସରକାର ବହୁ ଶିକ୍ଷାନୁଷ୍ଠାନ ଓ ପ୍ରକଳ୍ପ ବା ଯୋଜନା ଗଢି ସେମାନଙ୍କୁ ଶିକ୍ଷିତ କରିବାର ପ୍ରଚେଷ୍ଟା କରୁଛନ୍ତି। ଆଦିବାସୀମାନଙ୍କ ମଧ୍ୟରେ ଏକତାର ଭାବନା ଦେଖା ଦେଇଥାଏ। ପରସ୍ପରକୁ ସହଯୋଗ କରିବା ଏବଂ ଏକତ୍ର ମିଳିମିଶି ରହିବା ଏମାନଙ୍କର ସ୍ୱତନ୍ତ୍ରତାକୁ ଦର୍ଶାଇଥାଏ। ଏଣୁ କୁହାଯାଇପାରେ ଯେ ଆଦିବାସୀ ସମାଜର ସଂସ୍କୃତି ହିଁ ସେମାନଙ୍କ କର୍ମପ୍ରବଣତା ଓ ସାମାଜିକ ସ୍ୱରୂପକୁ ସ୍ପଷ୍ଟ କରିବାରେ ମୁଖ୍ୟ ସହାୟକ।

**ସହାୟକ ଗ୍ରନ୍ଥସୂଚୀ :**


୧. ଚାନ୍ଦ, ଶ୍ରୀମତୀ ଅଳକା, ଆରଣ୍ୟକର ଇତିବୃତ୍ତ : ଆଦିବାସୀ ଜୀବନ ଓ ସଂସ୍କୃତି, ଇମେଜ ପବ୍ଲିକେଶନ୍ସ, ୪୩୨୩ ସି, ଲୁଇସ୍ ରୋଡ୍, ଭୁବନେଶ୍ୱର – ୭୫୧୦୦୨, ପ୍ରଥମ ପ୍ରକାଶନ - ୨୦୦୨।

୨. ଦାସ, ଡ. ସୁଲୋଚନା, ଓଡ଼ିଆ ଉପନ୍ୟାସରେ ଆଦିବାସୀ ଜୀବନଚର୍ଯ୍ୟା, ବିଦ୍ୟାପୁରୀ, ବାଲୁବଜାର, କଟକ, ପ୍ରଥମ ପ୍ରକାଶ – ୨୦୧୫।

୩. ପ୍ରଧାନ, ବିପ୍ଳବ ରଂଜନ, ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସରେ ଆଦିବାସୀ ସଂସ୍କୃତି ଓ ଭାଷା, ଅନୁପମା ମିଡ଼ିଆ ହାଉସ୍, ପ୍ଲଟ ନଂ ୬୫, ସୂର୍ଯ୍ୟନଗର, ୟୁନିଟ୍ – ୭, ଭୁବନେଶ୍ୱର, ପ୍ରଥମ ପ୍ରକାଶନ - ୨୦୨୦।

୪. ମେହେର, ଡ. ରଘୁନାଥ, ଦକ୍ଷିଣ ଓଡ଼ିଶାର ଆଦିବାସୀ ସଂସ୍କୃତି, ସାହିତ୍ୟ ଶ୍ୱେତପଦ୍ମା, ଭୁବନେଶ୍ୱର, ପ୍ରଥମ ପ୍ରକାଶ – ୨୦୧୦।

୫. ପ୍ରଧାନ, ସବିତା, ଉପନ୍ୟାସର ଅବବୋଧ, ଅଗ୍ରଦୂତ, କଟକ, ପ୍ରଥମ ପ୍ରକାଶ -୨୦୦୪।

୬. ପ୍ରଧାନ, ମନୋରଂଜନ ଓ ପ୍ରଧାନ, ସବିତା, ଉପନ୍ୟାସର ଗ୍ରନ୍ଥସୂଚୀ, ଅଗ୍ରଦୂତ, କଟକ, ପ୍ରଥମ ପ୍ରକାଶ – ୧୯୮୭।

୭. Chaudhary, S.N. , Tribal Women Yesterday, Today And Tomorrow, Rawat Publications , Satyam Apts, Sector 3, Jawahar Nagar, Jaipur 302004 (India), 2015.

୮. Clark, Kate, Women In Russia, First Edition 1994.

୯. De, Debasree, A History of Adivasi Women in Post – Independence Eastern India, Saga Publications Inc, Los Angeles, London, New Delhi, First Published 2018.

୧୦. ଓଡ଼ିଶାର ଆଦିବାସୀ (The Tribes of Odissa), କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ, ଅଗଷ୍ଟ ୧୨, ୨୦୦୪

# ଗୋପବନ୍ଧୁ ଦାସଙ୍କ ସ୍ତମ୍ଭ ଓଡ଼ିଆ ସାହିତ୍ୟରେ ଏକ ନୂତନ ପରୀକ୍ଷଣ

**ଚନ୍ଦ୍ରିକାରାଣୀ ପଣ୍ଡା**

ମହାରାଜା ଶୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,ବାରିପଦା

**ସଂକ୍ଷିପ୍ତସାର :**

ଉତ୍କଳୀୟ ସାହିତ୍ୟ ଓ ସାମାଜିକ ଜୀବନରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଅବଦାନ ସ୍ମରଣୀୟ। ସାମାଜିକ ଜୀବନର ଅନୁଭୂତି ଓ ସାହିତ୍ୟିକ ଶୈଷ୍ଟବ ଓ ମାନବୀୟ ଆବେଦନରେ ତାଙ୍କର ରଚନାଗୁଡ଼ିକ ପରିପୂର୍ଣ୍ଣ । ତାଙ୍କର ଏହି ସାରସ୍ୱତ କୃତୀ ମଧ୍ୟରେ ସ୍ତମ୍ଭ ରଚନା ଅନ୍ୟତମ। ଏହା ମାଧ୍ୟମରେ ସେ ନିର୍ଭୀକ ଭାବରେ ସମାଜରେ ଉତ୍ପନ୍ନ ହେଉଥିବା ସମସ୍ୟାଗୁଡ଼ିକ ବିଷୟରେ ଲେଖିବା ସହିତ ସମାଜକୁ ଅଧିକ ସମବେଦୀ ଓ ସହିଷ୍ଣୁ କରାଇବାରେ ସମର୍ଥ ହୋଇଛନ୍ତି। ପୁଣି ଜନମାନସରେ ପ୍ରଛନ୍ନବାସୀ କୁସଂସ୍କାର ଓ ରୂଢ଼ିବାଦୀ ବିଚାରକୁ ମଧ୍ୟ ପ୍ରଭାବୀ ଢଙ୍ଗରେ ତିରୋହିତ କରିବାରେ ତାଙ୍କର ସ୍ତମ୍ଭଗୁଡ଼ିକର ଭୂମିକା ଗୁରୁତ୍ୱ ପୂରଣ। ତେଣୁ ଏହି ପ୍ରବନ୍ଧରେ ତାଙ୍କର ସ୍ତମ୍ଭଗୁଡିକର ବିଭିନ୍ନ ମାନଦଣ୍ଡରୁ ଆଲୋଚନା କରାଯାଇ ଏହାର ମୂଲ୍ୟାଙ୍କନ କରିବାକୁ ଏକ କ୍ଷୁଦ୍ର ପ୍ରୟାସ କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ :** ଉତ୍କଳମଣି, ସାହିତ୍ୟ-ସ୍ତମ୍ଭ, ସମାଜ, ରଚନାବଳୀ,ଶୀର୍ଷକ , ଉତ୍କଳ, ସମ୍ବାଦପତ୍ର, ସତ୍ୟବାଦୀ

"ସାମାଜିକ ସମସ୍ୟା ,ଅର୍ଥନୈତିକ ଆଲୋଚନା ଏବଂ ରାଜନୈତିକ ବିଶ୍ଳେଷଣ ପାଇଁ ଓଡ଼ିଆ ଗଦ୍ୟ ସାହିତ୍ୟକୁ ସେ 'ସମାଜ' ମାଧ୍ୟମରେ ସରଳ ,ସୁନ୍ଦର ,ପ୍ରାଣସ୍ପର୍ଶୀ ଭାବରେ ନିୟୋଜିତ କରି ଆଧୁନିକ ସାହିତ୍ୟରେ ଏକ ବିଶିଷ୍ଟ ଧାରା ସୃଷ୍ଟି କରିଯାଇଛନ୍ତି। ତାଙ୍କରି ଠାରୁ ଆରମ୍ଭ ହୋଇଛି ଏକ ନୂତନ ଶୈଳୀର ପ୍ରବର୍ତ୍ତନ।") [୧)]

ଉତ୍କଳମଣି ଗୋପବନ୍ଧୁଙ୍କ ସ୍ତମ୍ଭ-ସାହିତ୍ୟ ସମ୍ପର୍କରେ ଉପରୋକ୍ତ ଉକ୍ତିଟି ହେଉଛି ବିଶିଷ୍ଟ ପ୍ରାବନ୍ଧିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡକ୍ଟର ସଦାଶିବ ମିଶ୍ରଙ୍କର। ଏହି ପରିପ୍ରେକ୍ଷୀରେ ଆଉ ଗୋଟିଏ କଥା କୁହାଯାଇପାରେ ଉଦ୍ୟମ ଯେତେ କ୍ଷୀଣ ହେଉ ପଛକେ ହାନି ନାହିଁ ମାତ୍ର ସର୍ବଦା ଏହା ଏକ ପ୍ରଗତିଶୀଳ ରାଷ୍ଟ୍ରର ପ୍ରାଥମିକ କର୍ତ୍ତବ୍ୟ। ଏହି ପ୍ରକାର ମନ୍ତ୍ରରେ ନିଜକୁ ଅଭିମନ୍ତ୍ରିତ ରଖିଥିବା ଉତ୍କଳମଣି ଗୋପବନ୍ଧୁ ଦାସ(୯ ଅକ୍ଟୋବର ୧୮୭୭-୨୭ ଜୁନ୍ ୧୯୨୮)ଙ୍କ ଦୈନିକ 'ସମାଜ' କେବଳ ଏକ ସମ୍ବାଦପତ୍ର ନଥିଲା ବରଂ ଥିଲା ଏ ଜାତି ନିମନ୍ତେ ଏକ ବହୁ ଅପେକ୍ଷିତ ଅନୁଷ୍ଠାନ। ଏହିଭଳି ଗୋଟିଏ ଗୋଟିଏ ପ୍ରାଥମିକ ପ୍ରାୟାସକୁ ଜାତି ସର୍ବଦା ଅପେକ୍ଷା ରଖିଥାଏ। ଯାହା ଉପରେ ହିଁ ଜାତିର ସମଗ୍ର ଭବିଷ୍ୟତ ନିର୍ମାଣ ପ୍ରକାରାନ୍ତରେ ନିର୍ଭର କରିଥାଏ। ଅନୁରୂପେ ସ୍ତମ୍ଭ ପୃଷ୍ଠାରେ ପ୍ରକାଶ ପାଉଥିବା ତତ୍କାଳର ଅଭିନବ ସ୍ତମ୍ଭ-ସାହିତ୍ୟର ପ୍ରାଥମିକ ତଥାକଥିତ ପୃଷ୍ଠଭୂମି ମଧ୍ୟ ପ୍ରସ୍ତୁତ ହୋଇଥିଲା ଗୋପବନ୍ଧୁଙ୍କ ଏହି 'ସମାଜ' ସମ୍ବାଦପତ୍ରରୁ। ସମାଜରେ ପ୍ରକାଶ ପାଉଥିବା ଗୋପବନ୍ଧୁଙ୍କ ଶହଶହ ସଂଖ୍ୟକ ସମ୍ପାଦକୀୟଗୁଡ଼ିକ ହିଁ ପ୍ରକାରାନ୍ତରେ ଏହିପରି ଏକ ସାହିତ୍ୟକ ପ୍ରାରୂପକୁ ଆଙ୍ଗିକ ରୂପରେଖ ପ୍ରଦାନ କରିବା ଦଗରେ ଆଲୋକବର୍ତ୍ତିକା ରୂପେ କାର୍ଯ୍ୟ କରିଛି। ୧୯୧୯ ମସିହାରୁ ଆରମ୍ଭ 'ସମାଜ' ସମ୍ବାଦପତ୍ର ପ୍ରଥମେ ସାପ୍ତାହିକ ପ୍ରକାଶ ପାଉଥିଲା ଏବଂ ଏହା ୧୯୩୦ ମସିହାରୁ ଦୈନିକ ସମ୍ବାଦପତ୍ର ରୂପେ ପ୍ରକାଶ ପାଇଲା। ମାତ୍ର ଦୁଃଖର କଥା ଦୈନିକ 'ସମାଜ' ଗୋପବନ୍ଧୁଙ୍କ ସଯତ୍ନ ପାଇବାରୁ ବଂଚିତ ହେଲା। କାରଣ" ଗୋପବନ୍ଧୁ ୧୯୨୮ ସାଲରେ

ମୃତ୍ୟୁବରଣ କରିଥିଲେ। ତେଣୁ ଦୈନିକ 'ସମାଜ' ଗୋପବନ୍ଧୁଙ୍କ ପ୍ରେରଣା ଓ ଆଶୀର୍ବାଦ ଲାଭ କରିଥିଲେ ହେଁ ତାଙ୍କ କୋଳରେ ପ୍ରତିପାଳିତ ହେବାର ସୌଭାଗ୍ୟ ପାଇ ପାରିନଥିଲା।"[୨] ମାତ୍ର ପୂର୍ବରୁ ସତ୍ୟବାଦୀ ଆଦିରେ ପ୍ରକାଶ ପାଉଥିବା ସ୍ତମ୍ଭଗୁଡ଼ିକ ଧାରାବାହିକ ଭାବେ ଦୈନିକ 'ସମାଜ'ରେ ତତ୍କାଳୀନ ଦୈନିକ 'ସମାଜ'ର ସମ୍ପାଦକ ରାଧାନାଥ ରଥ ପ୍ରକାଶ କରି ଗୋପବନ୍ଧୁଙ୍କ ସ୍ତମ୍ଭ ମାଧ୍ୟମରେ ଓଡ଼ିଆ ସମ୍ବାଦପତ୍ରରେ ସ୍ତମ୍ଭ ରଚନା ନିମନ୍ତେ ଏକ ପ୍ରାଥମିକ ଅବଧାରଣା ନିର୍ମାଣ କଲେ। ଯାହାକି ପରେ ପରେ ଏକ ସାହିତ୍ୟିକ ଭାବଧାରା ତଥା ରଚନାଶୈଳୀ ଭାବେ ଓଡ଼ିଆ ସାହିତ୍ୟରେ ନିଜର ସ୍ୱତନ୍ତ୍ରତା ନିର୍ମାଣ କଲା। ସେହି ସ୍ତମ୍ଭଗୁଡ଼ିକ ପରବର୍ତ୍ତୀ ସମୟରେ ଆଠଖଣ୍ଡ ପୁସ୍ତକରେ ପ୍ରକାଶ ପାଇ ଓଡ଼ିଆ ସ୍ତମ୍ଭ-ସାହିତ୍ୟ ନିମନ୍ତେ ଏକ ପ୍ରାଥମିକ ସ୍ତମ୍ଭ ପୁସ୍ତକ ଭାବେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ପ୍ରଥମ କଥା ଗୋପବନ୍ଧୁଙ୍କ ସମ୍ପାଦକୀୟକୁ କାହିଁକି ସ୍ତମ୍ଭ ରୂପେ ଅଭିହିତ କରାଯିବ ଏହା ପୂର୍ବରୁ ପ୍ରକାଶିତ ସମ୍ବାଦ-ପତ୍ରିକାମାନଙ୍କରେ ପ୍ରକାଶିତ ସମ୍ପାଦକୀୟ ଏହି ନ୍ୟାୟରେ କାହିଁକି ନୁହେଁ ?କାରଣ , ସ୍ତମ୍ଭର ଯେଉଁସବୁ ମୌଳିକ ଶୈଳିକ ବୈଶିଷ୍ଟ୍ୟ ରହିଛି ସେସବୁର ସଫଳ ପ୍ରୟୋଗ ଗୋପବନ୍ଧୁଙ୍କ ସ୍ତମ୍ଭରେ ହିଁ ସାକାରିତ ରୂପ ପ୍ରାପ୍ତ କରିଅଛି। ଏହାର ମୂଳ ବୈଶିଷ୍ଟ୍ୟ ହେଉଛି କଳେବରର ସଂକ୍ଷିପ୍ତତା ଏବଂ ସମସାମୟିକ ସମାଜର ସାମଗ୍ରିକ ଆବେଦନ ଯାହାର ସଫଳ ପ୍ରୟୋଗ ଗୋପନ୍ଧୁଙ୍କ ସ୍ତମ୍ଭରେ ପ୍ରଦର୍ଶିତ ମାତ୍ର ଏସବୁ କୃତି ମୂଳରେ ସାହିତ୍ୟିକ ପ୍ରତିଭାର ପ୍ରଦର୍ଶନ କରିବା ଗୋପବନ୍ଧୁଙ୍କର ଉଦ୍ଦେଶ୍ୟ ନୁହେଁ ମାତ୍ର ଏହାର ସାବଲୀଳ ଭାଷା ଏବଂ ଭାବର ସୁ-ସଂଯୋଜନା ତଥା ସାମାଜିକ ଆବେଦନ ହିଁ ପରବର୍ତ୍ତୀ ସମୟରେ ଏହି କୃତିଗୁଡ଼ିକର ସ୍ୱତନ୍ତ୍ର ମର୍ଯ୍ୟାଦା ନିର୍ମାଣ ଦିଗରେ ସହାୟକ ହୋଇଛନ୍ତି।

ଗୋପବନ୍ଧୁଙ୍କ ସ୍ତମ୍ଭ ରଚନାର ବିଶେଷତ୍ୱ ଅନୁସନ୍ଧାନ କଲେ ଦୃଷ୍ଟିକୁ ଆସେ ଏକଦା ସେ 'ସତ୍ୟବାଦୀ'ରେ 'ଗୁରୁକୁଳ' ଶୀର୍ଷକରେ ଏକ ସମ୍ପାଦକୀୟ ରଚନା କରିଥିଲେ ସେଥିରେ ସେ କହିଥିଲେ:- "ଦୁଃଖର କଥା ,ଭାରତବାସୀ ବର୍ତ୍ତମାନ ସୁଦ୍ଧା ଦେଶକୁ ଭଲକରି ଚିହ୍ନିଲେ ନାହିଁ। ଦେଶରେ ନଈ ,ପୋଖରୀ , ବନପର୍ବତ ,ଗଛଲତା ,ବିଲପାହାଡ଼ ,ବାଟଘାଟ ସଙ୍ଗରେ ସେମାନଙ୍କର ପରିଚୟ ରହିଲା ନାହିଁ। ଦେଶରେ କେଉଁଠାରେ କ'ଣ ପ୍ରକାଶ ବା ପ୍ରଚ୍ଛନ୍ନ ଭାବରେ ରହିଅଛି ,ତାହା ସେମାନେ ଜାଣିଲେ ନାହିଁ। ଏପରି ସ୍ଥଳରେ ପ୍ରାଣର ସମସ୍ତ ଅଭିଳାଷ , ଉଦ୍ବେଗ ,ଉଦ୍ବେଳନ ସତ୍ତ୍ୱେ ଦେଶର ମଙ୍ଗଳ ସାଧନ କିପରି ହୋଇପାରେ ?ଉତ୍କଳର ଦଶା ଆହୁରି ଶୋଚନୀୟ। ଉତ୍କଳବାସୀ ବର୍ତ୍ତମାନ ସୁଦ୍ଧା ନିଜର ଜନନୀଙ୍କୁ ଚିହ୍ନି ନାହାଁନ୍ତି। ଉତ୍କଳର ସେ ମହେନ୍ଦ୍ର ,ସେ ମହାନଦୀ ,ସେ ଚିଲିକା ,ସେହି ଚାରୁବନମାଳା ସେହିପରି ରହିଅଛି। କିନ୍ତୁ ଉତ୍କଳବାସୀ ସେସବୁ ଉପରେ ଥରେ ଆଖି ପକାଇଲେ ନାହିଁ। ପ୍ରାନ୍ତରେ ପ୍ରାନ୍ତେ କନ୍ଦରେ କନ୍ଦରେ ,ଉତ୍କଳର ସେ ପ୍ରାଚୀନ ଶକ୍ତି ଫୁଟି ଉଠୁଅଛି। କିନ୍ତୁ ଉତ୍କଳବାସୀ ସେକଥା ଦିନେ ପ୍ରାଣରେ ଉପଲବ୍ଧ କଲେ ନାହିଁ। ଉତ୍କଳବାସୀ! ବର୍ତ୍ତମାନ ତୁମ୍ଭର କର୍ତ୍ତବ୍ୟ ଦେଶ ସଙ୍ଗେ ପରିଚୟ ସ୍ଥାପନ କରିବା ,ଦେଶକୁ ଆଦର କରି ଶିଖିବା।" ପରାଧିନ ଉତ୍କଳରେ ସାଧାରଣ ଲୋକଙ୍କ ମଧ୍ୟରେ ଜାତି ନିମନ୍ତେ ଏକ ଅତ୍ୟାବଶ୍ୟକୀୟ ଧାରଣା)Idea) ସୃଷ୍ଟି ପ୍ରତିଟି ନିରକ୍ଷର ପ୍ରପୀଡ଼ିତ ଉତ୍କଳବାସୀଙ୍କ ହୃଦୟରେ ଗଣମୁଖି ଭାଷା ମାଧ୍ୟମରେ ଏକ ସୂକ୍ଷ୍ମ ଅବବୋଧ ଏବଂ ଜାତୀୟ ପ୍ରୀତି ନିର୍ମାଣ କରିବା ଥିଲା ସର୍ବଦା ଗୋପବନ୍ଧୁଙ୍କ ଲକ୍ଷ୍ୟ ଏହି ଚିନ୍ତା ଚେତନାର ଆରୋପଣ ତାଙ୍କର ପ୍ରତିଟି ସ୍ତମ୍ଭରେ ପରିଲକ୍ଷିତ।

ପ୍ରାଥମିକ ଅବସ୍ଥାରେ ଗୋପବନ୍ଧୁ 'ଉତ୍କଳସାହିତ୍ୟ'ରେ ଏବଂ ପରେ 'ସତ୍ୟବାଦୀ' ଓ ତା'ପରେ ମୃତ୍ୟୁ ପର୍ଯ୍ୟନ୍ତ ସାପ୍ତାହିକ 'ସମାଜ'ରେ ସମ୍ପାଦକୀୟ ଲେଖୁଥିଲେ ଯେଉଁ ସମ୍ପାଦକୀୟଗୁଡ଼ିକ ଭାବ ଶୈଳୀ ଏବଂ ଆବେଦନ ଦୃଷ୍ଟିରୁ ଥିଲା ସ୍ତମ୍ଭ-ସାହିତ୍ୟର ନିକଟବର୍ତ୍ତୀ। ସ୍ତମ୍ଭ-ସାହିତ୍ୟର ସଂକ୍ଷିପ୍ତତା , ଗଣଚେତନା ,ଗଣପ୍ରସଙ୍ଗ ସର୍ବୋପରି ସମାଜର ଏପରି କୌଣସି ବିଷୟବସ୍ତୁ ନାହିଁ ଯାହାକି ଗୋପବନ୍ଧୁଙ୍କ ସମ୍ପାଦକୀୟ ପୃଷ୍ଠା ମଣ୍ଡନ କରୁନଥିଲା। ଗୋପବନ୍ଧୁଙ୍କ ଜୀବନ ଅନୁରୂପେ ତାଙ୍କ ଚେତନା ଥିଲା ଦେଶ ନିମନ୍ତେ ସମର୍ପିତ। ଯାହାର ସଫଳ ନିଦର୍ଶନ ତାଙ୍କ ରଚିତ ସ୍ତମ୍ଭଗୁଡ଼ିକରେ ଦେଖିବାକୁ ମିଳେ। ତାଙ୍କ ରଚିତ ସମ୍ପାଦକୀୟ ସ୍ତମ୍ଭଗୁଡ଼ିକ ୮ ଗୋଟି ସଂକଳନ 'ଗୋପବନ୍ଧୁ ରଚନାବଳୀ' ଶୀର୍ଷକରେ ସନ୍ନିବେଶିତ ,ଏଥିରୁ ପଂଚମ ଖଣ୍ଡଟି ଦୁଷ୍ପ୍ରାପ୍ୟ। 'ଗୋପବନ୍ଧୁ ରଚନାବଳୀ (ପ୍ରଥମ ଖଣ୍ଡ)'(୧୯୭୬) ରେ ସନ୍ନିବେଶିତ ହୋଇଛି ୯୮ ଗୋଟି ସ୍ତମ୍ଭ

ମୁଖ୍ୟତଃ ,ଶିକ୍ଷା ,ଶିକ୍ଷା ସମସ୍ୟା ଏବଂ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ଓ ତନ୍ନିହିତ ପ୍ରସଙ୍ଗକୁ ନେଇ ରଚିତ। ସେଥିରୁ କେତୋଟି ପ୍ରମୁଖ ସ୍ତମ୍ଭ:- 'ଶିକ୍ଷା ସମ୍ମିଳନୀରେ ଉଦ୍ବୋଧନ" ,ଆଜ୍ଞାନୁବର୍ତ୍ତିତା" ,ବିଦ୍ୟାଳୟରେ ସେବା ଶିକ୍ଷା' , 'ଛାତ୍ରାବାସ" ,ଶିକ୍ଷ ବିଧାନରେ ନିଷ୍ଠା" ,ଶିକ୍ଷା ସମସ୍ୟା" ,ଶିକ୍ଷା ଓ ଶାନ୍ତି" ,ଦେବନାଗରୀ ଲିପି ଶିକ୍ଷା" ,ଜାତୀୟ ଶିକ୍ଷା ଓ ସାର୍ ଜନ୍ ଉଡ୍ରଫ୍' ଇତ୍ୟାଦି ଶିକ୍ଷା ଭିତ୍ତିକ ସ୍ତମ୍ଭ। ଶିକ୍ଷା ସମସ୍ୟା ହେଉଛି ସମାଜର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ କାରଣ ଶିକ୍ଷିତ ହେଲେ ହିଁ ଗୋଟିଏ ଜାତି ଉନ୍ନତ ହୋଇପାରିବ ଏବଂ ଉନ୍ନତି କରିପାରିବ। ଏବଂ ଶୈକ୍ଷିକ ଅନଗ୍ରସର ଗୋଟିଏ ଜାତିକୁ ନେଇ କେବେ ଉନ୍ନତ ଜାତୀୟ ଜୀବନର ପରିକଳ୍ପନା କରାଯାଇନପାରେ ଯାହା ବୁଝିଥିଲେ ଗୋପବନ୍ଧୁ। ତାହାର ରୂପାନ୍ତରଣ ତଥା ପରିବର୍ତ୍ତନର ଚିନ୍ତା ତାଙ୍କୁ ଏହିସବୁ ସ୍ତମ୍ଭ ଲେଖିବାକୁ ପ୍ରେରଣା ଦେଇଥିଲା। 'ସତ୍ୟବାଦୀ' ପୃଷ୍ଠାରେ 'ସ୍ତ୍ରୀ ଶିକ୍ଷା' ଶୀର୍ଷକରେ ଏକ ସମ୍ପାଦକୀୟ ରଚନାକରି ପଣ୍ଡିତ ଗୋପବନ୍ଧୁ ଦାସ ଶିକ୍ଷାପ୍ରତି ଥିବା ତାଙ୍କ ଅନ୍ତରଙ୍ଗତାର ଏକ ଆବେଗିକ ଦିଗ ପ୍ରଦର୍ଶନ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି:- "କେତେକ ବର୍ଷ ପୂର୍ବେ ସ୍ତ୍ରୀଶିକ୍ଷା ବିଷୟରେ ଦେଶରେ ନାନା ଆଲୋଚନା ହେଉଥିଲା। ଛାତ୍ର ସମିତିରୁ ଆରମ୍ଭ କରି ଦେଶର ବଡ଼ ବଡ଼ ସଭାମାନଙ୍କରେ ଏ ସମ୍ବନ୍ଧେ ଆଲୋଚନା ଚାଲିଥିଲା। ଏବେ ଆଉ ସେତେ ଶୁଣାଯାଏ ନାହିଁ। ଏହାର କାରଣ ,ସ୍ତ୍ରୀଶିକ୍ଷା ପ୍ରତି ଲୋକଙ୍କର ବର୍ତ୍ତମାନ ସେତେ ଆପତ୍ତି ନାହିଁ ;ମାତ୍ର ଏହା ଆବଶ୍ୟକ ବୋଲି ବିଶ୍ୱାସ ଜନ୍ମିଅଛି କି ନାହିଁ , ସନ୍ଦେହ।")[୩] ଶିକ୍ଷା ପାଇଁ ଗୋପବନ୍ଧୁଙ୍କ ପ୍ରାଣଥିଲା ସତତ ଚିନ୍ତିତ ଏବଂ ସେହି ଚିନ୍ତନ ତଥା ତାଙ୍କ ଉର୍ବର ପ୍ରୟାସରୁ ଜନ୍ମ ନେଇଥିଲା ସତ୍ୟବାଦୀ ବନବିଦ୍ୟାଳୟ। ସୁତରାଂ ,ଏହାକୁ ନେଇ ମଧ୍ୟ ସେ ରଚନା କରିଛନ୍ତି ଏକାଧିକ ସ୍ତମ୍ଭ ସେ ମଧ୍ୟରୁ କେତେଗୋଟି ପ୍ରମୁଖ ସ୍ତମ୍ଭ ହେଉଛି:- 'ସତ୍ୟବାଦୀ ସ୍କୁଲ' , 'ସତ୍ୟବାଦୀ ସ୍କୁଲର ଶିକ୍ଷା" ,ସତ୍ୟବାଦୀ ବିଦ୍ୟାଳୟ (ଗ୍ରାମ୍ୟ ସଂଗଠନ)" ,ସତ୍ୟବାଦୀ ସ୍କୁଲ (ଲୌକିକ ବିଭାଗ)" ,ସତ୍ୟବାଦୀ ବିଦ୍ୟାଳୟ ପରିଚାଳନା" ,ସତ୍ୟବାଦୀ ସ୍କୁଲ (ବ୍ରହ୍ମଚର୍ଯ୍ୟ ବିଭାଗ)' ଇତ୍ୟାଦି। ଏହି ସ୍ତମ୍ଭଗୁଡ଼ିକର ଉଦ୍ଦେଶ୍ୟ ଥିଲା ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା।

ଏକଦା ଗୋପବନ୍ଧୁ' ସତ୍ୟବାଦୀ ବିଦ୍ୟାଳୟ' ନାମକ ଏକ ସମ୍ପାଦକୀୟ ସ୍ତମ୍ଭ 'ସମାଜ'ରେ ଲେଖିଥିଲେ। ସେଥିରେ ସେ ସତ୍ୟବାଦୀ ସ୍କୁଲ୍ ବିଶ୍ୱବିଦ୍ୟାଳୟ ହେବା ପ୍ରସଙ୍ଗ ଆଲୋଚନା କରିଥିଲେ। ଉକ୍ତ ସ୍ତମ୍ଭରୁ କିଛି ଉଦ୍ଧୃତି ନିଆଯାଇପାରେ:- "ସତ୍ୟବାଦୀ ସ୍କୁଲ୍ ଓଡ଼ିଶାରେ ସମସ୍ତେ ଜାଣନ୍ତି। କେବଳ ଓଡ଼ିଶାରେ କାହିଁକି ଓଡ଼ିଶା ବାହାରେ ମଧ୍ୟ ଏହାର ନାମ ଅଛି। ଏ ସ୍କୁଲ୍ ଆରମ୍ଭ ହୋଇଥିଲା ୧୯୦୯ ସାଲରେ ,ଏହା ପନ୍ଦର ବର୍ଷର ଅନୁଷ୍ଠାନ। କେତେ ଜଣ ଉଚ୍ଚ ଶିକ୍ଷିତ ତ୍ୟାଗୀ ଯୁବକଙ୍କ ଉଦ୍ୟମରେ ଏହା ଏ ପର୍ଯ୍ୟନ୍ତ ଚାଲି ଆସିଅଛି ;ମାତ୍ର ଏହି ୧୫ ବର୍ଷ ମଧ୍ୟରେ ଏ ବିଦ୍ୟାଳୟର ଜୀବନରେ ନାନା ପରିବର୍ତ୍ତନ ଘଟିଅଛି। ପ୍ରଥମେ ଏହା ପୂରା ଜାତୀୟ ବିଦ୍ୟାଳୟ ରୂପେ ଆରମ୍ଭ କରାଯାଇଥିଲା। ସରକାର ଶିକ୍ଷା ବିଭାଗ ସହିତ ବା ବିଶ୍ୱବିଦ୍ୟାଳୟ ସହିତ କୌଣସି ସମ୍ପର୍କ ନ ରଖି ଏହାକୁ ଚଳାଇବାର ଉଦ୍ୟମ ହୋଇଥିଲା। ତିନି ଚାରି ବର୍ଷ ମଧ୍ୟ ସେ ଭାବରେ ଚାଲିଥିଲା ;ମାତ୍ର ସେ ଅବସ୍ଥାରେ ଏଥିକି ଅଧିକ ଛାତ୍ର ଆସିଲେ ନାହିଁ। ଯେଉଁମାନେ ଆସିଥିଲେ , ସ୍କୁଲ ବିଶ୍ୱବିଦ୍ୟାଳୟରେ ସାମିଲ୍ ନହେଲେ ଅନ୍ୟତ୍ର ଚାଲିଯିବାକୁ ବସିଲେ। ପିଲାଙ୍କ ମୁରବୀ ଓ ସ୍ଥାନୀୟ ଲୋକସାଧାରଣ ମଧ୍ୟ ବିଶ୍ୱବିଦ୍ୟାଳୟ ସାମିଲ କରିବାଲାଗି ଆମ୍ଭମାନଙ୍କୁ ବାରମ୍ବାର ଅନୁରୋଧ କଲେ। ଯେଉଁ ମହାଶୟ ବ୍ୟକ୍ତିମାନେ ନାନା ଭାବରେ ଆମ୍ଭମାନଙ୍କୁ ଏ କାର୍ଯ୍ୟରେ ସହାୟତା କରୁଥିଲେ ,ସେମାନେ ମଧ୍ୟ ଏହି ଅଭିପ୍ରାୟ ବ୍ୟକ୍ତ କରିଥିଲେ। ସମସ୍ତ ଅବସ୍ଥା ଦୃଷ୍ଟିରେ ସେତେବେଳେ ସ୍କୁଲକୁ ବିଶ୍ୱବିଦ୍ୟାଳୟ ସାମିଲ କରିବା ଉଚିତବୋଧ କରାଯାଇଥିଲା। ତାହା ହେଲା। ବିଶ୍ୱବିଦ୍ୟାଳୟ ଅଧିନରେ ରହି ଏ ବିଦ୍ୟାଳୟ ଭଲ ଫଳ ଦେଖାଇଲା। ଏଥିରୁ ଅନେକ ଛାତ୍ର ପାସ୍ କରିଥିଲେ। କେତେକ ମଧ୍ୟ ବୃତ୍ତି ପାଇଥିଲେ। ଏହିପରି କେତେଦିନ ଚାଲିବା ପରେ ଦେଶରେ ଅସହଯୋଗ ଆନ୍ଦୋଳନ ଆରମ୍ଭ। ମୁଁ ଅସହଯୋଗ ଦୀକ୍ଷା ଗ୍ରହଣ କଲି। ମୋର ସହକର୍ମୀ ସତ୍ୟବାଦୀ ବିଦ୍ୟାଳୟ ସହକର୍ମୀ ସତ୍ୟବାଦୀ ବିଦ୍ୟାଳୟ ଶିକ୍ଷକମାନଙ୍କୁ ଏ ଦୀକ୍ଷାରେ ପ୍ରବର୍ତ୍ତାଇ ନ ଥିଲି ;ମାତ୍ର ସେମାନଙ୍କ ମଧ୍ୟରୁ ଅନେକଙ୍କ ମତ ସ୍ୱତଃ ଅସହଯୋଗ ଆଡ଼କୁ ଢଳିଲା। ଏହି ସମୟରେ ଅସହଯୋଗ ଆନ୍ଦୋଳନରେ ସ୍କୁଲ କଲେଜ ବର୍ଜନ କଥା ଉଠିଲା। ମୁଁ ଭିନ୍ନ ପ୍ରଦେଶରେ ଅନେକ

ଛାତ୍ର ସ୍କୁଲ୍ କଲେଜ ଛାଡ଼ି ଅସହଯୋଗରେ ମାତିଲେ। ଜାତୀୟ ବିଦ୍ୟାଳୟମାନ ବସିଗଲା ;ଏ ତରଙ୍ଗ ଉତ୍କଳରେ ଖେଳିଲା। ସ୍କୁଲ୍କୁ ଜାତୀୟ ବିଦ୍ୟାଳୟ ନକଲେ ସେମାନେ ଛାଡ଼ିଯିବେ ବୋଲି କହିଲେ। ଆମ୍ଭେମାନେ ଏ ବିଷୟରେ ସେମାନଙ୍କ ମୁରବୀଙ୍କ ମତ ଲୋଡ଼ିଲୁ। ଛାତ୍ରମାନେ ଯାଇ ମୁରବୀମାନଙ୍କ ଠାରୁ ମତ ଲେଖାଇ ଆଣିଲେ। ଦେଖାଗଲା ଯେ ଅଧିକରୁ ବେଶି ଛାତ୍ରଙ୍କ ମୁରବୀ ଜାତୀୟ ବିଦ୍ୟାଳୟ ହେବାଲାଗି ସ୍ଥିର କଲେ। ସତ୍ୟବାଦୀ ସ୍କୁଲ ଲାଗି ସରକାରଙ୍କ ଠାରୁ କୌଣସି ଆର୍ଥ କ ସାହାଯ୍ୟ ନିଆଯାଉ ନ ଥିଲା। ତେଣୁ ମାନେଜିଂ କମିଟିଙ୍କ ନିର୍ଦ୍ଧାରଣ ମତେ ସଙ୍ଗେ ସଙ୍ଗେ ବିନା ଆପତ୍ତିରେ ବିଶ୍ୱବିଦ୍ୟାଳୟ ସମ୍ପର୍କ ତୁଟିଗଲା।”[୪]

ଏହି ସ୍ତମ୍ଭାଲୋଚନା ପରିପ୍ରେକ୍ଷୀରେ ଗୋପବନ୍ଧୁଙ୍କ ସତ୍ୟବାଦୀ ବନବିଦ୍ୟାଳୟ ନିର୍ମାଣ ପ୍ରଚ୍ଛଦର ଏକ ବିଶେଷ ପ୍ରସଙ୍ଗ ଯାହା ଆଲୋଚନାରେ ଉତ୍ଥାପିତ ଆଜି ୧୧୫ ବର୍ଷ ପରେ ତାହା ବାସ୍ତବରେ ରୂପାନ୍ତିତ ହୋଇଛି ସତ୍ୟବାଦୀ ବନବିଦ୍ୟାଳୟ ସ୍ଥାନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ। ଏହା ହେଉଛି ସ୍ତମ୍ଭ-ସାହିତ୍ୟର ବିଶେଷତ୍ୱ ଏବଂ ବୈଶିଷ୍ଟ୍ୟ ମଧ୍ୟ ଏହା ସମାଜ ତଥା ଜାତୀୟ ଜୀବନର ଉଜ୍ଜ୍ୱଳ ତଥା ସମାଜର ଭବିଷ୍ୟତ ନିମନ୍ତେ ଏକ ବାର୍ତ୍ତା ପ୍ରଦାନ କରିଥାଏ। ସ୍ତମ୍ଭ-ସାହିତ୍ୟ ସର୍ବଦା ଅତୀତ ,ଭବିଷ୍ୟତ ଏବଂ ବର୍ତ୍ତମାନର ବିଶ୍ଳେଷଣ କରି ଏକ ସାର୍ବକାଳୀକ ନିଷ୍କର୍ଷ ପ୍ରଦାନ କରିପାରୁଥିବା ଏକ ପ୍ରାଞ୍ଜଳ ସାହିତ୍ୟ ଯେଉଁଥିରେ ଜୀବନର ସାମଗ୍ରିକ ସାରସତ୍ତା ପ୍ରତିଫଳିତ ହୋଇଥାଏ।

ସେହିପରି 'ଗୋପବନ୍ଧୁ ରଚନାବଳୀ (ଦ୍ୱିତୀୟ ଖଣ୍ଡ)' (୨୦୦୪) ରେ ସଂକଳିତ ହୋଇଛି ୧୩୬ ଗୋଟି ସ୍ତମ୍ଭ। ଏଥିରେ ସଂଯୋଜିତ ସ୍ତମ୍ଭଗୁଡ଼ିକ ଦୁର୍ଭିକ୍ଷ ,ମରୁଡ଼ି ଓ ବନ୍ୟା ସଂକ୍ରାନ୍ତୀୟ। ସେଥିମଧ୍ୟରୁ ପ୍ରମୁଖ କେତେଗୋଟି ହେଉଛି:- 'ଚାରିଆଡ଼େ ଦୁର୍ଭିକ୍ଷ' ,ଜନ୍ମ-ମୃତ୍ୟୁ ହିସାବ' ,ପୁରୀ ଦୁର୍ଭିକ୍ଷ ଅନୁସନ୍ଧାନ କମିଟି' ,ବେନାମି ଚିଠି' ,କେନାଲ ଓ ଧୋଇ' , 'ସ୍ୱେଚ୍ଛାସେବକ ଦରକାର' ,ଦୁର୍ଭିକ୍ଷ ଅଂଚଳ ଅବସ୍ଥା' ,ବନ୍ୟା ଅଂଚଳ ଗସ୍ତ' ଇତ୍ୟାଦି। ଦୁର୍ଭିକ୍ଷ ,ମରୁଡ଼ି ଓ ବନ୍ୟାକୁ ନେଇ ରଚିତ ଗୋପବନ୍ଧୁଙ୍କ ସ୍ତମ୍ଭ 'ଦୁର୍ଭିକ୍ଷର କରୁଣ ଚିତ୍ର'ରୁ କିଛି ଉଦାହରଣ ନିଆଯାଇପାରେ:- "ଭଦ୍ରକ ଓଡ଼ିଶାରେ ଗୋଟିଏ ଛୋଟ ସହର। କେତେଖଣ୍ଡ ଗାଁ ମିଶି ଏ ସହର ହୋଇଅଛି। ଏହି ଗ୍ରାମମାନଙ୍କ ଅବସ୍ଥା ସମ୍ବନ୍ଧେ ଯେ ପତ୍ର ମିଳିଅଛି ସେଥିରେ ଏହିପରି ଲେଖାଅଛି" ,ଆମ୍ଭମାନଙ୍କର ଆଉଁ ଚାଷ ନାହିଁ। ପୂର୍ବରୁ ଯାହାକିଛି ଚାଷ ଥିଲା ତାହା ଦୁର୍ଭିକ୍ଷରେ ବନ୍ଧକ ବିକ୍ରି କରି ଉଦର ପୋଷଣ କରୁଅଛୁ। ଆମ୍ଭମାନଙ୍କ ମଧ୍ୟରେ ଯେଉଁମାନେ ମୂଲ ମଜୁରି କରି ଜୀବିକା ନିର୍ବାହ କରୁଥିଲୁ ବର୍ତ୍ତମାନ ଦୁର୍ଭିକ୍ଷ ସକାଶେ ସେମାନଙ୍କୁ ରୀତିମତେ ମୂଲ ମଜୁରି ମିଳୁନାହିଁ। ଅନେକ ଲୋକଙ୍କର ବାସଘର ଛିଆ ହୋଇନଥିବାରୁ କାନ୍ଥ ଭାଙ୍ଗିଯାଉଛି। ଅନେକ ଲୋକଙ୍କର ଦରଜାର କବାଟ ନାହିଁଖାଇବାର ପାତ୍ର ସୁଦ୍ଧା ନାହିଁ। ବସ୍ତ୍ର ଅଭାବରୁ ଅନେକଙ୍କର ଇଜ୍ଜତ ମହତ ରକ୍ଷା ଦୁଷ୍କର ହୋଇଅଛି।" ସହରର ଏହି ଅବସ୍ଥା ;ମଫସଲ ଅବସ୍ଥା ତ ଆମ୍ଭେମାନେ ବାରମ୍ବାର ବର୍ଣ୍ଣନା କରୁଅଛୁଁ। ଏଥିରେ ସୁଦ୍ଧା ଲୋକଙ୍କ ଚୌକିଦାରୀ ଏବଂ ଇଉନିୟନ ଟିକସ ଛାଡ଼ ମିଳୁନାହିଁ। ଜିଲ୍ଲା ଏବଂ ସବଡିଭିଜନର ହାକିମମାନେ ଏହା ନିଜ ଆଖିରେ ଦେଖି ସୁଦ୍ଧା ଲୋକଙ୍କ ଟିକସ ଭାରରୁ ରକ୍ଷା କରିବା ଲାଗି ପଦେ ପାଟି ଫିଟାଉ ନାହାଁନ୍ତି।”[୫] ସୁତରାଂ ,ସ୍ତମ୍ଭ-ସାହିତ୍ୟର ବାସ୍ତବ ଚିତ୍ର ,ଚରିତ୍ର ତଥା ବୈଶିଷ୍ଟ୍ୟକୁ ବହନ କରି ଗୋପବନ୍ଧୁଙ୍କ ପ୍ରତିଟି ସ୍ତମ୍ଭ ସମସାମୟିକ ଓଡ଼ିଶାର ବାସ୍ତବ ଚିତ୍ରକଳ୍ପ ପ୍ରଦାନ କରନ୍ତି।

ପୁନଶ୍ଚ ଦେଖିବା ତାଙ୍କର' ଗୋପବନ୍ଧୁ ରଚନାବଳୀ (ତୃତୀୟ ଖଣ୍ଡ)' (୧୯୭୬) ରେ ୧୦୩ ଗୋଟି ସ୍ତମ୍ଭ ସଂଯୋଜିତ ହୋଇଅଛି। ଏଥିରେ ସଂକଳିତ ହୋଇଥିବା ସ୍ତମ୍ଭଗୁଡ଼ିକ ଦେଶ ମିଶ୍ରଣ ଆନ୍ଦୋଳନକୁ କେନ୍ଦ୍ର କରି ରଚିତ ହୋଇଥିବା ସ୍ତମ୍ଭ। ସେ ମଧ୍ୟରୁ ପ୍ରମୁଖ ସ୍ତମ୍ଭଗୁଡ଼ିକ ହେଉଛି:- 'ଦେଶ ମିଶ୍ରଣ ଓ ଗୋପବନ୍ଧୁ' ,କଟକରେ ବିରାଟ ଲୋକସଭା' ,ଶାସନ ସଂସ୍କାରର ଗଞ୍ଜାମ' ,ବଡ଼ଲାଟ ସଭାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରସଙ୍ଗ' ,ନିଜ ରକ୍ଷଣ ଅସମ୍ଭବ' ,ଓଡ଼ିଶା ଓ ରୟାଲ୍ କମିଶନ' , 'ଓଡ଼ିଶା ଗଡ଼ଜାତ' ,ଦେଶ ମିଶ୍ରଣ' ,ଜାତିର ଗୌରବ ଜାତିର ଜୀବନ' ଇତ୍ୟାଦି।

ଗୋପବନ୍ଧୁ 'ଉତ୍କଳ ସମ୍ମିଳନୀ' ଶୀର୍ଷକରେ ଏକ ସ୍ତମ୍ଭ ୨୬/୧୨/୧୯୧ରେ 'ସମାଜ'ରେ ଲେଖିଥିଲେ:- "ଭାଷା ସୂତ୍ରରେ ପ୍ରଦେଶ ଗଠନ ତ ଆମ୍ଭମାନଙ୍କ ମତ। ଆମ୍ଭମାନଙ୍କ ଅବସ୍ଥା ବୁଝିପାରିଲେ ଏବଂ କ୍ରମାଗତ ଆମ୍ଭମାନଙ୍କ ଆପତ୍ତି ବର୍ଷକୁ ବର୍ଷ

ଉଠାଇଲେ ଦିନେ ଯେ ଭାରତ ମହାସମ୍ମିଳନୀରେ ଏହା ଆଲୋଚନାର ବିଷୟ ହୁଅନ୍ତା ,ଏଥିରେ ସନ୍ଦେହ ନାହିଁ। ଏତେଦିନ ଆମ୍ଭେମାନେ ଭାରତୀୟ ସମସ୍ତ ଆନ୍ଦୋଳନରୁ କରଛଡ଼ା ଦେଇ ରହିବାରେ କି ଲାଭ ହୋଇଅଛି। ଏ ସାଧାରଣତନ୍ତ୍ର ଯୁଗରେ ରାଜନୀତି କ୍ଷେତ୍ରରେ ଚୋରି ଦୁଆରବାଟେ ଗଳି ପଶି କାମ ହାସଲ କରିବା ଯେପରି ଅସମ୍ଭବ ,ଜାତୀୟ ଗୌରବ ପକ୍ଷରେ ମଧ୍ୟ ସେହିପରି ହାନିଜନକ। ସିଧାହୋଇ ଛିଡ଼ା ହେବାକୁ ହେବ ,ସିଧା କଥା କହିବାକୁ ହେବ ,ପ୍ରାଣପଣେ ଲାଗି ଯଦି ଜାତି ନିମନ୍ତେ ଏହି ଉପାୟରେ ସୂଚ୍ୟଗ୍ର ଲାଭ ହୁଏ ତାହା ବାସ୍ତବିକ ରାଜ୍ୟ ଲାଭ।"[୬] ଏହିପରି ଭାବରେ ଦେଶ ଜାତି ପ୍ରତି ନିଜର ସୁଚିନ୍ତିତ ଉସ ର୍ଗ ବାର୍ତ୍ତା ନିଜର ପ୍ରତିଟି ସ୍ତମ୍ଭରେ ପ୍ରଦାନକରି ଜାତିକୁ ଯେତିକି ସମୃଦ୍ଧ କରିଛନ୍ତି ପ୍ରକାରାନ୍ତରେ ତତୋଧିକ ଉର୍ବର କରିଛନ୍ତି ଓଡ଼ିଆ ସ୍ତମ୍ଭ-ସାହିତ୍ୟର ଆଦ୍ୟଭୂମିକୁ। ଏହି ଧରଣର ସ୍ତମ୍ଭଲେଖ୍ୟ ମାଧ୍ୟମରେ ଓଡ଼ିଆ ସମ୍ବାଦପତ୍ରକୁ ଭିତ୍ତିକରି ସାହିତ୍ୟର ଧାରାରେ ଏକ ନୂତନ ଧାରାର ପାଗ ତିଆରି କରିପାରିଥିବା ଗୋପବନ୍ଧୁ ସ୍ମରଣୀୟ ଚିରକାଳ।

ସେହିପରି ଦେଖିଲେ' ଗୋପବନ୍ଧୁ ରଚନାବଳୀ (ଚତୁର୍ଥ ଖଣ୍ଡ)' (୨୦୦୪) ରେ ୧୪୭ ଗୋଟି ସ୍ତମ୍ଭ ସନ୍ନିବେଶିତ। ଉକ୍ତ ସ୍ତମ୍ଭ ସଂକଳନଟିରେ ସଂଯୋଜିତ ସ୍ତମ୍ଭଗୁଡ଼ିକ ମୁଖ୍ୟତଃ ରାଜନୈତିକ। ସେଥିମଧ୍ୟରୁ ପ୍ରମୁଖ ସ୍ତମ୍ଭଗୁଡ଼ିକ ହେଉଛି:- 'ମନ୍ତ୍ରୀଙ୍କ ବେତନ' ,ନିଗ୍ରୋଜାତିର ସ୍ୱାଧିନତା' ,କଂଗ୍ରେସ ଅଧିବେସନ' ,ଦେଶୀୟ ରାଜନୀତିରେ ଭାରତ' ,ବିଶ୍ୱଯୁଦ୍ଧ ଅବସାନ' ,ଭାରତଙ୍କ ପ୍ରତି ଇଂରେଜଙ୍କ ମତିଗତି' ,ବିଦେଶରେ ପ୍ରବାସୀ ଭାରତୀୟ' ,ଓଡ଼ିଆ ଜାତି ରାଜଭକ୍ତିରେ ଶଢ଼ି ଯାଇଛି , 'ଭାରତରେ ଯୁଦ୍ଧ ଶିକ୍ଷା' ,ସ୍ୱରାଜ୍ୟ ଦଳର କାର୍ଯ୍ୟ' ଇତ୍ୟାଦି।

ଉକ୍ତ ସଂକଳନରେ ଭୂମିକାରେ 'ସମାଜ'ର ପୂର୍ବତନ ସଂପାଦକ ରାଧାନାଥ ରଥ 'ରାଜନୀତିଜ୍ଞ କର୍ମବୀର ଗୋପବନ୍ଧୁ' ଶୀର୍ଷକରେ ଲେଖିଥିଲେ:- "ପୁଣ୍ୟାତ୍ମା ଉତ୍କଳମଣି କେବଳ ଜଣେ କବି ,ଲେଖକ ,ରାଜନୀତିଜ୍ଞ ଓ ସମାଜସେବୀ ଯେ ଥିଲେ ,ତାହା ନୁହେଁ ,ସେ ଜଣେ ବିପ୍ଳବବାଦୀ ଥିଲେ। ୧୯୦୫ ଯେତେବେଳେ ଶ୍ରୀଅରବିନ୍ଦଙ୍କ ନେତୃତ୍ୱରେ ସ୍ୱଦେଶୀ ଆନ୍ଦୋଳନ ପ୍ରବର୍ତ୍ତିତ ହେଲା ଏବଂ 'ଅନୁଶୀଳନ ସମିତି' ଓ 'ଯୁଗାନ୍ତର' ଅନୁଷ୍ଠାନ ନାମରେ ବଙ୍ଗଳାରେ ବିପ୍ଳବ ଧ୍ୱଜା ଉତ୍ତୋଳନ କରି ସ୍ୱଦେଶୀ ପ୍ରଚାର ସୂତ୍ରରେ ସ୍ୱାଧୀନତାର ପ୍ରେରଣା ଲୋକଙ୍କ ଭିତରେ ପ୍ରଚାରିତ କରିବାକୁ ଲାଗିଲେ ,ସେତେବେଳେ ଗୋପବନ୍ଧୁ ଏ ଆନ୍ଦୋଳନରେ ଏତେଦୂର ପ୍ରଭାବିତ ହେଲେ ଯେ କଟକ ସହରରେ ସାହେବଜାଦା ବଜାରରେ ବଜାରରେ ଥିବା ତାଙ୍କର ସାଥି ବ୍ରଜସୁନ୍ଦର ଦାସଙ୍କ ଘରେ ତାଙ୍କର ବହୁ ସାଙ୍ଗସାଥୀ ଓ ସହକର୍ମୀଙ୍କୁ ଠୁଳକରି ସ୍ୱଦେଶୀ ଆନ୍ଦୋଳନରେ ଝାସ ଦେବାପାଇଁ ସଂକଳ୍ପ କଲେ।"[୭] ଏଣୁ ଗୋପବନ୍ଧୁ ହେଉଛନ୍ତି ଏକ ଯୁଗାନ୍ତକାରୀ ବ୍ୟକ୍ତିତ୍ୱ ତାଙ୍କର ପ୍ରତିଟି ସ୍ତମ୍ଭ ଏ ଜାତିର ଜୀବନ ବେଦ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ବିଗତ ଦିନରେ 'ଉତ୍କଳସାହିତ୍ୟ' ,ସତ୍ୟବାଦୀ' ଏବଂ 'ସମାଜ' ଇତ୍ୟାଦିରେ ସମ୍ପାଦକୀୟ ଲେଖିବା ଅଭିପ୍ରାୟରେ ଉତ୍କଳ ନିମନ୍ତେ ଯେଉଁସବୁ ଚିନ୍ତା ଚେତନା ତଥା ଯୋଜନା ପୋଷଣ କରିଥିଲେ ସେସବୁର ସଫଳ ରୂପାୟନ ଆମେ ପରବର୍ତ୍ତୀ ସମୟରେ ଏହି ସ୍ତମ୍ଭଗୁଡ଼ିକର ପ୍ରାଧାନ୍ୟ ଆଜିର ସମସାମୟିକ ସ୍ଥିତିରେ ମଧ୍ୟ ପ୍ରଣିଧାନ ଯୋଗ୍ୟ। 'ଗୋପବନ୍ଧୁ ରଚନାବଳୀ (ଚତୁର୍ଥ ଖଣ୍ଡ)'ରେ ସ୍ତମ୍ଭ ଶୀର୍ଷକ 'ଭାରତୀୟ ରାଜନୀତିରେ',ସମାଜ'ର ଆବିର୍ଭାବ'ରେ:- "ଭଗବାନଙ୍କ କୃପାରୁ ଆମ୍ଭମାନଙ୍କର ବହୁଦିନର ବିଚାର ଏବେ କାର୍ଯ୍ୟରେ ପ୍ରଚାର କରିବାକୁ ଉଦ୍ୟତ ହେଉଅଁଛୁ। ଦେଶର ଚାରିଆଡ଼େ ଏବେ ଘୋର ଦୁର୍ଦ୍ଦିନ। ଖାଇବାକୁ ନପାଇ ଲୋକେ ହାହାକାର କରୁଛନ୍ତି। ପିନ୍ଧିବାକୁ ନପାଇ ଘରୁ ବାହାରି ପାରୁନାହାଁନ୍ତି ଏବଂ ଖରାବର୍ଷାରେ ସିଝି ଶଢ଼ି ପଡ଼ି କେତେ ମରୁଛନ୍ତି। ଆୟର କିଛି ଉପାୟ ନାହିଁ ,କି ସହର କି ମଫସଲ ସବୁଠାରେ କେବଳ ରାଶି ରାଶି ମନୁଷ୍ୟ କଙ୍କାଳ ଦିଶୁଅଛି। କେହି କେହି ପଚାରି ପାରନ୍ତି , ଏ ଦୁଃଖର ଦିନରେ ତେବେ ଆମ୍ଭମାନଙ୍କ କାର୍ଯ୍ୟର ଆରମ୍ଭ କାହିଁକି ?ଦୁଃଖଛଡ଼ା ଆମ୍ଭ ଜାତିର ଭାଗ୍ୟରେ ସୁଖ ବା କେତେବେଳେ ଅଛି। ସୁତରାଂ ,ଯେତେବେଳେ ଦୁଃଖ ଖୁବ୍ ବେଶୀ ତାହା ହିଁ କାର୍ଯ୍ୟ ନିମନ୍ତେ ପ୍ରକୃଷ୍ଟ ସମୟ।"[୮] ଏହିପରି ଭାବେ ଦେଖିଲେ ଗୋପବନ୍ଧୁଙ୍କର ପ୍ରତିଟି ସ୍ତମ୍ଭ ହେଉଛି ତ୍ରିକାଳର ଆହ୍ୱାନ। ଯେଉଁଗୁଡ଼ିକ ମଧ୍ୟରେ ନିହିତ ଅଛି ପ୍ରିତିଟି ପ୍ରତିକୂଳତାକୁ ମୁକାବିଲା କରିବା ନିମନ୍ତେ ଏକ ପରୋକ୍ଷ ସୂତ୍ରାବଳୀ। ଅନୁରୂପେ ଅନ୍ୱେଷିତ 'ଗୋପବନ୍ଧୁ ରଚନାବଳୀ (ପଂଚମ ଖଣ୍ଡ)' ଦ୍ରଷ୍ଟବ୍ୟ।

ସେହିପରି ଦେଖିଲେ' ଗୋପବନ୍ଧୁ ରଚନାବଳୀ (ଷଷ୍ଠ ଖଣ୍ଡ)' (୨୦୦୪) ରେ ୧୮୦ ଗୋଟି ସ୍ତମ୍ଭ ସନ୍ନିବେଶିତ। ଏଥିରେ ସଂଯୋଜିତ ସ୍ତମ୍ଭଗୁଡ଼ିକ ଅସହଯୋଗ ଆନ୍ଦୋଳନ ଓ ସତ୍ୟାଗ୍ରହକୁ କେନ୍ଦ୍ର କରି ରଚିତ। ସେମାନଙ୍କ ମଧ୍ୟରୁ କେତେକ ପ୍ରମୁଖ ସ୍ତମ୍ଭ ହେଉଛି:- 'ଅସହଯୋଗ ଆନ୍ଦୋଳନ ଓ ସତ୍ୟାଗ୍ରହ' ,ପଞ୍ଜାବ ଅତ୍ୟାଚାର ବାର୍ଷିକ',ଅସହଯୋଗର ଆରମ୍ଭ' ,ଅସହଯୋଗର ଜାହ୍ନବୀ ବୋହିଲାଣି' ,ଅସହଯୋଗକୁ ସ୍ୱୀକୃତି' ,ଅସହଯୋଗ ସମ୍ବାଦ' ,ଅସହଯୋଗୀଙ୍କ ଦୁର୍ଦ୍ଦଶା' , 'ବିଲାତ ଓ ଭାରତର ସ୍ଥିତି' ,ସବରାଜ୍ୟ ଦଳର ଗତି' , 'ଜେଲଖାନା ହିଁ ପ୍ରକୃତ ବାସସ୍ଥାନ' ଇତ୍ୟାଦି। ଗୋପବନ୍ଧୁ ସ୍ତମ୍ଭ 'ଅସହଯୋଗରେ ଯୁବଛାତ୍ରଙ୍କ କର୍ତ୍ତବ୍ୟ'ରେ:- "ଅସହଯୋଗରେ ବର୍ତ୍ତମାନ ଭାରତର ଛାତ୍ର ସମାଜ ମଧ୍ୟରେ ଦାବାନଳ ପରି ବ୍ୟାପି ଯାଇଛି। ବମ୍ବେଇ ,ପଞ୍ଜାବ ,ବଙ୍ଗଳା ,ବିହାର ଓଡ଼ିଶା ପ୍ରଦେଶମାନଙ୍କରେ ଏ ଆନ୍ଦୋଳନ ବିଶେଷ କାର୍ଯ୍ୟକାରୀ ହୋଇଅଛି।"[୯] ଏହି ସ୍ତମ୍ଭରେ ଗୋପବନ୍ଧୁ ପ୍ରକାଶ କରୁଛନ୍ତି ଦେଶରେ ଅସହଯୋଗ ଚାଲିଥିବା ବେଳେ ଶହ ଶହ ସ୍କୁଲ୍ କଲେଜ ପିଲା କିପରି ନିଜର କ୍ୟାରିୟରକୁ ପଛରେ ପକାଇ ଏହି ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କଲେ। ସେହି ସମ୍ପର୍କିତ ପ୍ରସଙ୍ଗ ତଥ୍ୟ ଏବଂ ସତ୍ୟ ଘଟଣାକୁ ଭିତ୍ତିକରି ଏହି ପ୍ରଭାଗରେ ସଂଯୋଜିତ ପ୍ରତିଟି ସ୍ତମ୍ଭରେ ପ୍ରତିଫଳିତ ହୋଇଛି।

ଅନୁରୂପେ' ଗୋପବନ୍ଧୁ ରଚନାବଳୀ (ସପ୍ତମ ଖଣ୍ଡ)' (୨୦୦୪) ରେ ୮୮ ଗୋଟି ସ୍ତମ୍ଭକୁ ନେଇ ରଚିତ। ମୁଖ୍ୟତଃ ,ଅର୍ଥନୈତିକ ବିଚାର ଓ ସାମାଜିକ ସଂସ୍କାରକୁ ନେଇ ଗୋପବନ୍ଧୁଙ୍କ ରଚିତ ସ୍ତମ୍ଭଗୁଡ଼ିକ ଏହି ସପ୍ତମ ଖଣ୍ଡରେ ସଂଯୋଜିତ। 'ସମବାୟ ଋଣ ସମିତି' ଶୀର୍ଷକରେ ୧୧ ଗୋଟି ପର୍ଯ୍ୟାୟକ୍ରମିକ ସ୍ତମ୍ଭ ଏତଦ୍ବ୍ୟତୀତ ଏଥିରେ ସଂଯୋଜିତ ପ୍ରମୁଖ ସ୍ତମ୍ଭଗୁଡ଼ିକ ହେଉଛି:- 'ଗୋ ସମ୍ପଦ ଅଭିବୃଦ୍ଧି' ,ବୃତ୍ତି ନଷ୍ଟ' , 'ଲକ୍ଷ୍ମୀ କିପରି ଆସିବେ' ,'?ସ୍ୱଦେଶୀ ଓ ସ୍ୱାଧୀନତା' ,ଜାତି କଉଡ଼ି ଓ କୁଳଶୁଳ୍କ',ମଦଖିଆରୁ ମକଦ୍ଦମା ବୃଦ୍ଧି' ,ପ୍ରଭୁ ଜଗନ୍ନାଥଙ୍କୁ ଶୁଦ୍ଧ ବସ୍ତ୍ର ପିନ୍ଧାଅ' ,କପଚାଷ' ,ଅବତନଶ୍ରେଣୀ ଉନ୍ନତ ବିଧାନ ସମିତି' ,ବିଧବାଶ୍ରମ' ,ହିନ୍ଦୁ ସାବଧାନ' ,ଉତ୍କଳ ବ୍ରାହ୍ମଣ ସମିତି' ଇତ୍ୟାଦି। ଏଥିରେ ଗୋଟିକୁ ନିରୀକ୍ଷଣକଲେ ଗୋପବନ୍ଧୁଙ୍କ ସମାଜ ସଂସ୍କାରର ମନଭାବର ଚିତ୍ରକୁ ନିକଟରୁ ଅନୁସ୍ୟୂତି ହୁଏ ଖୁବ୍ ଗଭୀର ଭାବରେ 'ଦେବୋତ୍ତର ସମ୍ପତି' ସ୍ତମ୍ଭରେ ଗୋପବନ୍ଧୁ କୁହନ୍ତି:-" ଭାରତରେ ମଠ ଏବଂ ଦେବୋତ୍ତର ସମ୍ପତି ବିସ୍ତାର। ପ୍ରତି ଗାଁ'ରେ ଦିଅଁଙ୍କ ନାଁରେ ଜମିବାଡ଼ି ଅଛି। ପ୍ରତି ଜିଲାରେ ସାନବଡ଼ ଅନେକ ମଠ ଅଛି , ପ୍ରଧାନ ପ୍ରଧାନ ମନ୍ଦିର ତଳେ ବହୁ ବୃତ୍ତି ଖଞ୍ଜାଅଛି।

ମାତ୍ର ଯେ ସକାଶେ ଏ ସବୁରର ସୃଷ୍ଟି ହୋଇଥିଲା ଏବେ ସେ କାର୍ଯ୍ୟ ଭଲରୂପେ ଚଳୁନାହିଁ। ମାରଫତଦାରମାନେ ଠାକୁରଙ୍କ ଜମି ବିକି ଭାଙ୍ଗି ସବୁ ଆତ୍ମସାତ କରୁଛନ୍ତି। ଦେଉଳର ହଜାର ହଜାର ଟଙ୍କା ଆୟର ସମ୍ପତି ଥିଲେ ସୁଦ୍ଧା ସନ୍ଧ୍ୟାବେଳେ ଚିରାଖ ଜଳୁନାହିଁ। ଦାରୀ ଦାସୀ ଏବଂ ଅନ୍ୟାନ୍ୟ ବଦଖର୍ଚ୍ଚ।"[୧୦] ଏହିପରି ଭାବରେ ଦେଖିଲେ ସମଗ୍ର ଉତ୍କଳ ଭୂଖଣ୍ଡର ଏପରି କୌଣସି ମାନବୀୟ ତଥା ଅଣମାନବୀୟ ପ୍ରସଙ୍ଗ ନାହିଁ ଯେଉଁଗୁଡ଼ିର ଚିତ୍ରଲିପି ଗୋପବନ୍ଧୁଙ୍କ ସ୍ତମ୍ଭରେ ଏହାର ରୂପାୟନ ହୋଇନାହିଁ।

ସେହିପରି 'ଗୋପବନ୍ଧୁ ରଚନାବଳୀ (ଅଷ୍ଟମ ଖଣ୍ଡ)' (୨୦୦୪) ରେ ୨୦୯ ଗୋଟି ସ୍ତମ୍ଭ ସଂକଳିତ। ଏ ମଧ୍ୟରୁ ପ୍ରମୁଖ ସ୍ତମ୍ଭଗୁଡ଼ିକ ହେଉଛି:- 'ବିଶ୍ୱବିଦ୍ୟାଳୟ ପରୀକ୍ଷାଫଳ' , 'ସାହିତ୍ୟାନୁଷ୍ଠାନ' ,ନୂତନ ବର୍ଷ' ,ଲୋକାଧିକ୍ୟ' ,ଜୟ କାହାର' ,'?ବିନାଶ ନା ବିକାଶ' ,ଶାନ୍ତି ଓ ସଂଗ୍ରାମ' , 'ବନବାଣୀ',ବହୁ ଆରମ୍ଭ ଲଘୁକ୍ରିୟା' ,ଏକାଧାରରେ ଅମୃତ ବିଷ ' ଇତ୍ୟାଦି ସ୍ତମ୍ଭଗୁଡ଼ିକ ଗୋପବନ୍ଧୁଙ୍କ ଚିନ୍ତା ଚେନତାର ବିବିଧ ରୂପର ରୂପାୟନ। ବିବିଧ ପ୍ରସଙ୍ଗକୁ 'ସମାଜ' ପୃଷ୍ଠାରେ ଯେପରି ରୂପାୟନ କରିଛନ୍ତି। ତାହାର ପଟାନ୍ତର ନାହିଁ ଯେପରି ଓଡ଼ିଶାରେ ସେପରି ଓଡ଼ିଆ ସାହିତ୍ୟରେ। ସୁତରାଂ ,ଓଡ଼ିଆ ସ୍ତମ୍ଭ-ସାହିତ୍ୟର ପ୍ରାଥମିକତା ଅନୁସନ୍ଧାନ କ୍ଷେତ୍ରରେ ବିଶେଷଭାବରେ ଗୋପବବନ୍ଧୁ ଦାସଙ୍କ 'ସମାଜ' ପୃଷ୍ଠାରେ ପ୍ରକାଶିତ ସମ୍ପାଦକୀୟ ସ୍ତମ୍ଭଗୁଡ଼ିକ ଯେ ଏକ ଅଦ୍ୱିତୀୟ ଆବେଦନ ପ୍ରଦାନ କରିବା ସହ ବିଶ୍ୱ ସ୍ତରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚିତି ପ୍ରଦାନ କରିଅଛି। ଗୋପବନ୍ଧୁଙ୍କର ଏହି ପଦାଙ୍କକୁ ଅନୁସରଣ କରି ଶ୍ରୀଯୁକ୍ତ ରାଧାନାଥ ରଥ ପରବର୍ତ୍ତୀ ସମୟରେ 'ସମାଜ' ପୃଷ୍ଠାରେ ପ୍ରକାଶିତ ସମ୍ପାଦକୀୟ ସ୍ତମ୍ଭ 'ଝିଟିପିଟି କହେ'ରେ ଏହି ଧାରାକୁ ଆଉ ଏକ ଭିନ୍ନ ସ୍ୱପାନକୁ ଉର୍ତ୍ତୀର୍ଣ୍ଣ କରିଛନ୍ତି। ଗୋପବନ୍ଧୁ ଦାସ 'ସମାଜ' ପୃଷ୍ଠାରେ ପ୍ରକାଶିତ

ସମ୍ପାଦକୀୟ ସ୍ତମ୍ଭ ମାଧ୍ୟମରେ। ସମାଜର ବିପଦ ଆପଦ , ବିପର୍ଯ୍ୟୟ ,କ୍ଷୟକ୍ଷତି ,ଦୁଃଖ ଶୋକ ,ଆଶା ଆକାଂକ୍ଷା , ଦୀନଦରିଦ୍ର ,ଦୁଃଖୀ ଦରିଦ୍ରଙ୍କ ପ୍ରତି ସହାନୁଭୂତି ପୁଣି ରାଜନୀତି , ଅର୍ଥନୀତି ଓ ସାମାଜିକ ବିଧିବ୍ୟବସ୍ଥାର ରୂପାନ୍ତରଣ ନିମନ୍ତେ ଅହରହ ବ୍ୟଥିତ ଥିଲା ଗୋପବନ୍ଧୁଙ୍କ ପ୍ରାଣ ତେଣୁ ସମାଜର ସମସ୍ତ ପ୍ରସଙ୍ଗକୁ ଅତି ନିବିଡ଼ ଓ ନିଖୁଣ ଭାବରେ ନିଜର ସମ୍ପାଦକୀୟ ସ୍ତମ୍ଭରେ ପରିପ୍ରକାଶ କରିଯାଇଛନ୍ତି। ତାଙ୍କ 'ସମାଜ' ସମ୍ବାଦପତ୍ରଟି ତେଣୁ ହେଉଛି ଏହାର ପ୍ରାଥମିକ ଭିତ୍ତି।

ଏହି 'ସମାଜ' ଅଭ୍ୟୁଦୟର ପ୍ରାଥମିକ କାରଣ ଖୋଜିଲା ବେଳେ ଡକ୍ଟର ରାମଚନ୍ଦ୍ରଙ୍କ ଏକ ମତ ଦୃଷ୍ଟି ଆକର୍ଷଣ କରେ :- "ପଣ୍ଡିତ ଗୋପବନ୍ଧୁ ଦାସ ତିନିଟି କାରଣରୁ 'ସମାଜ' ପତ୍ରିକା ପ୍ରକାଶ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସେଥିମଧ୍ୟରୁ ପ୍ରଥମଟି ହେଲା ପୁରୀ ଜିଲ୍ଲାର ପ୍ରଳୟଙ୍କାରୀ ଦୁର୍ଭିକ୍ଷ। ସମ୍ବାଦପତ୍ରଟିଏ ଥିଲେ ଦୁର୍ଭିକ୍ଷଜନିତ ପରିସ୍ଥିତିର କରାଳଚିତ୍ର ପ୍ରକାଶ କରି କର୍ତ୍ତୃପକ୍ଷ ଓ ଅନ୍ୟ ରାଜ୍ୟବାସୀମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଇପାରନ୍ତା ବୋଲି ସେ ଅନୁଭବ କରିଥିଲେ। ଦ୍ୱିତୀୟ କାରଣଟି ହେଲା ଜାଲିଆଁଲାବାଗର ଅତୀବ ମର୍ମନ୍ତୁଦ ନରସଂହାର ବ୍ରିଟିଶ ସୈନ୍ୟଙ୍କର ଏହି ହୃଦୟ ବିଦାରକ ଦମନଲୀଳା ସମଗ୍ର ଦେଶରେ ଗଭୀର ଆଲୋଡ଼ନ ,ଦୁଃଖ ଓ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ରାଜ୍ୟର ଜନସାଧାରଣ ଏ ସଂକ୍ରାନ୍ତରେ ସେମାନଙ୍କର ମନୋଭାବ ବା ପ୍ରତିକ୍ରିୟା ସ୍ପଷ୍ଟ ଭାବରେ ପ୍ରକାଶ କରିବାକୁ ଚାହିଁଥିଲେ। ତୃତୀୟରେ , ସେତେବେଳେ ଓଡ଼ିଶାବାସୀଙ୍କର ଅନେକ ଅଭାବ ଅଭିଯୋଗ ଥିଲେ ମଧ୍ୟ ସ୍ଥାନୀୟ କର୍ତ୍ତୃପକ୍ଷ ସେଥିପ୍ରତି ସଂପୂର୍ଣ୍ଣ ଉଦାସୀନ ଥିଲେ। କାରନ ପ୍ରାଦେଶିକ ସରକାର ପାଂଚଶହ ମାଇଲ ଦୂର ପାଟଣାରେ ଚାଲୁଥିଲା। ସେହି ସମୟରେ ଆଂଚଳିକ ଖବର ତଥା ସମସ୍ୟାଗୁଡ଼ିକୁ କର୍ତ୍ତୃପକ୍ଷଙ୍କ ନିକଟରେ ପହଂଚାଇବା ପାଇଁ ଗୋପବନ୍ଧୁ ଗୋଟିଏ ଖବରକାଗଜର ଆବଶ୍ୟକତା ରହିଛି ବୋଲି ଅନୁଭବ କରିଥିଲେ।"[୧୧] ଏହା ବ୍ୟତୀତ ନିରକ୍ଷର ଦୂରୀକରଣ ,ସମସ୍ୟାର ତାତ୍କାଳିକ ସମାଧାନ ,ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ପ୍ରକାଶନ ଏହିପରି ଏକାଧିକ ବିଷୟକୁ ନେଇ 'ସମାଜ' ସମ୍ପାଦକୀୟରେ ସ୍ତମ୍ଭ ରଚନା କରି ସ୍ତମ୍ଭ-ସାହିତ୍ୟ ପରି ଏକ ଅଭିନବ ଗଦ୍ୟରଚନା ନିମନ୍ତେ ଏକ ଶକ୍ତିଶାଳୀ ପ୍ରାଥମିକ ପୃଷ୍ଠଭୂମି ମନିର୍ମାଣ କରିପାରିଥିଲେ। ଏହି ସ୍ତମ୍ଭଗୁଡ଼ିକର ଭାବ ,ଶୈଳୀ ତଥା ଆବେଦନ ପରବର୍ତ୍ତୀ ସମୟରେ ସାହିତ୍ୟର ଧାରାରେ ଏକ ନୂତନ ପ୍ରାରୂପ ରହିତ ସାହିତ୍ୟକୁ ଜନ୍ମଦେବା ନିମନ୍ତେ ବିଶେଷ ଭାବେ ସହାୟକ ହୋଇଛି ଏହା ନିଃସନ୍ଦେହ।

**ସହାୟକ ଗ୍ରନ୍ଥସୂଚୀ :**


(୧) ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ (ସଂ)' ,ଗୋପବନ୍ଧୁ ପରିକ୍ରମା' ,ପୁଜ୍ୟପୂଜା ସଂସଦ ,ଓଡ଼ିଶା

(୨) ଦାସ ,ଗୋପବନ୍ଧୁ' ,ସତ୍ୟବାଦୀ' ,ପ୍ରଥମଖଣ୍ଡ ,ଦ୍ୱିତୀୟ ସଂଖ୍ୟା,୧୯୧୫ ,ସମ୍ପାଦକୀୟ ପୃଷ୍ଠାରୁ ସଂଗୃହୀତ

(୩) ଦାସ ,ଗୋପବନ୍ଧୁ' ,ଗୋପବନ୍ଧୁ ରଚନାବଳୀ (ପ୍ରଥମ ଖଣ୍ଡ)' (୧୯୭୬) ,ପୃଷ୍ଠା–୬୦-୬୧

(୪) ଦାସ ,ଗୋପବନ୍ଧୁ' ,ଗୋପବନ୍ଧୁ' ,ପ୍ରଥମଖଣ୍ଡ ,ଦ୍ୱିତୀୟ ସଂଖ୍ୟା,୧୯୧୫ ,ସମ୍ପାଦକୀୟ ପୃଷ୍ଠାରୁ ସଂଗୃହୀତ

(୫) ଦାସ ,ଗୋପବନ୍ଧୁ' ,ଗୋପବନ୍ଧୁ ରଚନାବଳୀ (ଦ୍ୱିତୀୟ ଖଣ୍ଡ)' (୧୯୭୬) ,ପୃଷ୍ଠା–୧୯

(୬) ଦାସ ,ଗୋପବନ୍ଧୁ' ,ଗୋପବନ୍ଧୁ ରଚନାବଳୀ (ଦ୍ୱିତୀୟ ଖଣ୍ଡ)' (୧୯୭୬) ,ପୃଷ୍ଠା –୭୧

(୭) ଦାସ ,ଗୋପବନ୍ଧୁ' ,ଗୋପବନ୍ଧୁ ରଚନାବଳୀ (ଚତୁର୍ଥ ଖଣ୍ଡ) (୨୦୦୪) ,ପୃଷ୍ଠା - ୦୧

(୮) ଦାସ ,ଗୋପବନ୍ଧୁ' ,ଗୋପବନ୍ଧୁ ରଚନାବଳୀ (ଚତୁର୍ଥ ଖଣ୍ଡ) (୨୦୦୪) ,ପୃଷ୍ଠା - ୩୧

(୯) ଦାସ ,ଗୋପବନ୍ଧୁ' ,ଗୋପବନ୍ଧୁ ରଚନାବଳୀ (ସପ୍ତମ ଖଣ୍ଡ)' (୨୦୦୪) ,ପୃଷ୍ଠା -୨୪

(୧୦) ଦାସ ,ଗୋପବନ୍ଧୁ' ,ଗୋପବନ୍ଧୁ ରଚନାବଳୀ (ସପ୍ତମ ଖଣ୍ଡ)' (୨୦୦୪) ,ପୃଷ୍ଠା -୧୩୭

(୧୧) ରାୟ ,ଡକ୍ଟର ,ସତ୍ୟ' ,ଓଡ଼ିଆ ସାମ୍ବାଦିକତା ଓ ରାଧାନାଥ ରଥ' (୨୦୧୮) ,ପୃଷ୍ଠା -୧୦୯

# ଓଡ଼ିଆ ନାଟ୍ୟ ସାହିତ୍ୟରେ ଆଦିବାସୀ ପ୍ରସଙ୍ଗ : ଏକ ଅଧ୍ୟୟନ

**ଚିନ୍ମୟ ସାମଲ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ

**ସଂକ୍ଷିପ୍ତସାର :**

ଆଦିମ ସମାଜରେ ଚିତବିନୋଦ ପ୍ରବୃତିରୁ ଲୋକନାଟକ ଉନ୍ମେଷ ଘଟି ପରବର୍ତ୍ତୀ କାଳରେ ଦେବୋପାସନା ଓ ଉତ୍ସବ ଆଦିକୁ ଆଧାରକରି ଲୀଳା, ସୁଆଙ୍ଗ, ଯାତ୍ରା ଓ ଗୀତିନାଟ୍ୟ ଉପରେ ବିକଶିତ ହୋଇ ଏଥିରୁ ଶାସ୍ତ୍ରୀୟ ବିକାଶ ଘଟି ଊନବିଂଶ ଶତାବ୍ଦୀରେ ଇଂରାଜୀ ଓ ସଂସ୍କୃତ ନାଟ୍ୟ ସାହିତ୍ୟର ପ୍ରଭାବରେ ଆଧୁନିକ ନାଟକ ରୂପ ନିର୍ମିତ ହୋଇ ବିଂଶ ଶତାବ୍ଦୀରେ ଆଦ୍ୟ ଦୁଇ ଦଶନ୍ଧି ମଧ୍ୟରେ ଅତୁଳନୀୟ ଭାବେ ପ୍ରତିଷ୍ଠିତ ହୋଇଥିଲା। ନାଟକରେ ଆଦିବାସୀମାନଙ୍କର କରୁଣ କାହାଣୀ ସହିତ ତାଙ୍କର ଚାଲିଚଳଣି, ପରମ୍ପରା, ସମସ୍ୟାସବୁ ସ୍ଥାନ ପାଇଥିବା ଦେଖିବାକୁ ମିଳେ। ତା' ସହିତ ଆଦିବାସୀମାନଙ୍କର ଭାଷା ମଧ୍ୟ ନାଟକରେ ବ୍ୟବହାର ହେଉଥିବାର ଦେଖାଯାଏ। ଏହି ବିଷୟକୁ ବିଶେଷ ଆଲୋଚନା କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

**ପ୍ରମୁଖ ଶବ୍ଦାବଳୀ :** ଆଦିବାସୀ, ଅଭିନୟ, ନାଟକ, ପରମ୍ପରା, ଗଦବା, ସଂସ୍କୃତି, ଦେବତା

ଆଧୁନିକ ନାଟକ, ସାହିତ୍ୟରେ ଏକ ପ୍ରଧାନ ବିଭାଗ ହୋଇଥିଲେ ହେଁ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଏହାର ଲୋକଧର୍ମିତା ଅଧିକ, କାରଣ ନାଟକ ହିଁ ସାହିତ୍ୟର ଏକମାତ୍ର ବିଭାଗ, ଯାହାକୁ ଶିକ୍ଷିତ ସମେତ ନିର୍ବିଶେଷରେ ସମସ୍ତେ ଉପଭୋଗ କରିଥାନ୍ତି। ତେଣୁ ନାଟକକୁ ଜନଜୀବନ ସହିତ ନିବିଡତମ ହେବା ଏକ ପ୍ରକାର ଅପରିହାର୍ଯ୍ୟ ହୋଇଥାଏ। ଲୋକଜୀବନକୁ ସଫଳ ଭାବେ ପ୍ରତିଫଳନ କରି ନପାରିଲେ କୌଣସି ନାଟକ କେବେ ମଂଚ ସାର୍ଥକତା ଦାବୀ କରିପାରେ ନାହିଁ।

ନାଟକ ଏକ ଅଭିନୟ କାଳ, ଯାହାକୁ ଆମେ ଅଭିନୟ ମାଧ୍ୟମରେ ଉପଭୋଗ କରିଥାଉ। ଏହା ସର୍ବଦା ଅଭିନୟ ପାଇଁ ଉଦ୍ଦିଷ୍ଟ। ନାଟକ, ଅଭିନୟ ମାଧ୍ୟମରେ ଲୋକମାନଙ୍କର ଚାଲିଚଳଣି, ସଂସ୍କୃତି, ପରମ୍ପରା ଇତ୍ୟାଦିକୁ ଉପସ୍ଥାପନ କରିଥାଏ, ଯାହା ଲୋକମାନଙ୍କର ବାସ୍ତବ ଜୀବନଶୈଳୀକୁ ଦର୍ଶକ ସମ୍ମୁଖରେ ଉପସ୍ଥାପନ କରିବାରେ ସାମର୍ଥ୍ୟ ହୋଇଥାଏ। ଏକଧାରରେ କହିବାକୁ ଗଲେ ନାଟକ ଲୋକମାନଙ୍କ ଜୀବନର ଘଟଣାବଳୀକୁ ଅଭିନୟ ମାଧ୍ୟମରେ ଉପସ୍ଥାପନ କରେ। ନାଟକ ଗୋଟିଏ ଜାତିର ପରମ୍ପରା ଓ ଗୋଟିଏ ସମାଜର ଚିତ୍ରକୁ ନିଷ୍ଠାର ସହିତ ତୋଳିଧରିଥାଏ। ନାଟକ କେତେକ ଉପାଦାନରେ ପରିପୂର୍ଣ୍ଣ ଯଥା- ନାଟକର ଚରିତ୍ର, ସଂଳାପ, ନୃତ୍ୟ, ଗୀତ ଇତ୍ୟାଦି। ଏହି ଉପାଦାନ ମଧ୍ୟରେ କେତେଗୁଡିଏ ଆଦିବାସୀମାନଙ୍କର ଉପାଦାନଗୁଡିକ ସ୍ଥାନ ପାଇଥିବା ଜଣାଯାଏ। ସାମାଜିକ ନାଟକ ହେଉ କିମ୍ବା ପୌରାଣିକ ନାଟକ ପ୍ରତି ନାଟକରେ ଆଦିବାସୀମାନଙ୍କର କିଛି କିଛି ଉପାଦାନ ସ୍ଥାନ ପାଇଥିବାର ଜଣାଯାଏ। ତାଙ୍କର ନୃତ୍ୟ, ସଙ୍ଗୀତ, ପର୍ବପର୍ବାଣି, ଧର୍ମଧାରଣା, ପୂଜାପାର୍ବଣ, ସଂସ୍କୃତି ଓ ପରମ୍ପରା ଆଦିକୁ ନାଟକ ମାଧ୍ୟମରେ ଉପସ୍ଥାପନ କରାଯାଇଥାଏ।

ଆଦିମ ସମାଜରେ ଚିତବିନୋଦ ପ୍ରବୃତିରୁ ଲୋକନାଟକ ଉନ୍ମେଷ ଘଟି ପରବର୍ତ୍ତୀ କାଳରେ ଦେବୋପାସନା ଓ ଉତ୍ସବ ଆଦିକୁ ଆଧାରକରି ଲୀଳା, ସୁଆଙ୍ଗ, ଯାତ୍ରା ଓ ଗୀତିନାଟ୍ୟ ଉପରେ ବିକଶିତ ହୋଇ ଏଥିରୁ ଶାସ୍ତ୍ରୀୟ ବିକାଶ ଘଟି ଊନବିଂଶ ଶତାବ୍ଦୀରେ ଇଂରାଜୀ ଓ ସଂସ୍କୃତ ନାଟ୍ୟ ସାହିତ୍ୟର

ପ୍ରଭାବରେ ଆଧୁନିକ ନାଟକ ରୂପ ନିର୍ମିତ ହୋଇ ବିଂଶ ଶତାବ୍ଦୀରେ ଆଦ୍ୟ ଦୁଇ ଦଶନ୍ଧି ମଧ୍ୟରେ ଅତୁଳନୀୟ ଭାବେ ପ୍ରତିଷ୍ଠିତ ହୋଇଥିଲା। ନାଟକରେ ଆଦିବାସୀମାନଙ୍କର କରୁଣ କାହାଣୀ ସହିତ ତାଙ୍କର ଚାଲିଚଳଣି, ପରମ୍ପରା, ସମସ୍ୟାସବୁ ସ୍ଥାନ ପାଇଥିବା ଦେଖିବାକୁ ମିଳେ। ତା' ସହିତ ଆଦିବାସୀମାନଙ୍କର ଭାଷା ମଧ୍ୟ ନାଟକରେ ବ୍ୟବହାର ହେଉଥିବାର ଦେଖାଯାଏ। ନାଟକରେ ବିଷୟବସ୍ତୁ ଗୁଡିକ ସାଧାରଣତଃ ବାସ୍ତବଧର୍ମୀ ଅଟେ।

ଆଦିବାସୀମାନେ ହେଉଛନ୍ତି ବିଶ୍ୱର ପ୍ରଥମ ଅଧିବାସୀ। ଏ ମାଟିରେ ଯେଉଁ ସଭ୍ୟତା ସଂସ୍କୃତି ଆଦି ଅଭିନବ ରୂପ ନେଇଛି, ତା'ର ଆରମ୍ଭରୁ ହିଁ ଆଦିବାସୀମାନଙ୍କର ଅବଦାନ ରହିଛି। ଆଦିବାସୀ ଶବ୍ଦଟି ସାଧାରଣତଃ ଆଦିମ ଜନଜାତି, ସଂବର୍ଗ ଓ ଉପସର୍ଗ, ଟ୍ରାଇବ୍ ଆଦି ଅର୍ଥରେ ପ୍ରକାଶ କରିଥାଏ। ଏହି ଆଦିବାସୀ ଗୋଷ୍ଠୀ ପ୍ରାୟ ସମସ୍ତ ଦେଶରେ ବସବାସ କରୁଥିବାର ଜଣାଯାଏ। ଆଦିବାସୀମାନଙ୍କର ଜୀବନଶୈଳୀ ଅନ୍ୟମାନଙ୍କଠାରୁ ଭିନ୍ନ। ସାଧାରଣତଃ ଓଡିଶାରେ ୬୨ ପ୍ରକାର ଆଦିବାସୀ ଗୋଷ୍ଠୀ ଦେଖିବାକୁ ମିଳେ। ଓଡ଼ିଶାର ସମ୍ବଲପୁର, ସୁନ୍ଦରଗଡ, କେଉଁଝର, ମୟୁରଭଞ୍ଜ, କଳାହାଣ୍ଡି, କୋରାପୁଟ, ରାୟଗଡା, ନଗରଙ୍ଗପୁର, ଗଜପତି, ଗଞ୍ଜାମ, କନ୍ଧମାଳ, ମାଲକାନ୍‌ଗିରି, ଦେଓଗଡ ଓ ଝାରସୁଗୁଡା ଆଦି ଜିଲ୍ଲାଗୁଡିକରେ ଏମାନେ ବସବାସ କରନ୍ତି। ଏହି ଜିଲ୍ଲାମାନଙ୍କ ମଧ୍ୟରୁ ମୟୂରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ରାୟଗଡା, ନବରଙ୍ଗପୁର ଓ ମାଲକାନ୍‌ଗିରି ଜିଲ୍ଲାକୁ ପୂର୍ଣ୍ଣ ଭାବରେ ଆଦିବାସୀ ଇଲାକା ବୋଲି ଘୋଷିତ କରାଯାଇଛି। ସମସ୍ତ ଆଦିବାସୀମାନଙ୍କର ଚାଲିଚଳଣି ଭିନ୍ନ ଭିନ୍ନ ରହିଛି। ଭିନ୍ନ ଥିଲେ ମଧ୍ୟ ଦେଖିବାକୁ ଗଲେ ତାଙ୍କର ଚାଲିଚଳଣି ଅତି ନିଆରା। ସେମାନଙ୍କର ରହିବା, ଖାଇବା, ବେଶପୋଷାକ, ଖାଦ୍ୟପେୟ ଏହିସବୁ କ୍ଷେତ୍ରରେ ଭିନ୍ନତା ଦେଖିବାକୁ ମିଳେ। ସେମାନେ ସାଧାରଣତଃ ବଣ ଜଙ୍ଗଲ ଅଂଚଳରେ ବସବାସ କରନ୍ତି। ତାଙ୍କର କଥାବାର୍ତା ପାଇଁ ନିଜସ୍ୱ ଭାଷା ବ୍ୟବହାର କରନ୍ତି। ସେଥିପାଇଁ ସେମାନେ ତାଙ୍କର ପରମ୍ପରା ଚାଲିଚଳଣିକୁ ଛାଡିପାରୁନାହାନ୍ତି। ଯାହା ଆଗକାଳରୁ ରହିଆସିଛି, ତାହାକୁ ସେମାନେ ଧରିରଖିଛନ୍ତି। ତାଙ୍କର ନୃତ୍ୟ, ଗୀତ, ବାଦ୍ୟଯନ୍ତ୍ର ସମସ୍ତଙ୍କଠାରୁ ଅଲଗା ହୋଇଥାଏ। ସେମାନେ ନୃତ୍ୟ, ଗୀତକୁ ନିଜସ୍ୱ ଶୈଳୀରେ ପରିବେଷଣ କରିଥାନ୍ତି। ବାଦ୍ୟର ତାଳେ ତାଳେ ସେମାନେ ନୃତ୍ୟ କରିଥାନ୍ତି। ସେମାନଙ୍କ ମଧ୍ୟରୁ ସାନ୍ତାଳ ଆଦିବାସୀ ଗୋଷ୍ଠୀ ନିଜ ଭାଷାରେ ନାଟକ ମଧ୍ୟ ପରିବେଷଣ କରୁଛନ୍ତି। କିନ୍ତୁ ନାଟକଗୁଡିକ ଅପ୍ରକାଶିତ ଭାବରେ ରହିଛି। ନାଟକଗୁଡିକ ଆଧୁନିକତାକୁ ଆପଣେଇ ଥିଲେ ମଧ୍ୟ ସେଥିମଧ୍ୟରେ ନିଜର ସଂସ୍କୃତି ପରମ୍ପରାକୁ ଦେଖିବାକୁ ମିଳେ। ଆଦିବାସୀମାନଙ୍କର ସଂସ୍କୃତି, ପରମ୍ପରା, ଚାଲିଚଳଣି ଇତ୍ୟାଦିକୁ ନାଟକ ବାନ୍ଧି ରଖେ। ତାଙ୍କର ବିଷୟବସ୍ତୁ ଗୁଡିକ ଥାଏ ବାସ୍ତବଧର୍ମୀ ଓ ନୃତ୍ୟଗୀତ ଗୁଡିକ ଥାଏ ପ୍ରକୃତି ଧର୍ମୀ। ସେମାନେ ପ୍ରକୃତିକୁ ହିଁ ଦୃଷ୍ଟି ଦେଇଥାନ୍ତି। ସେମାନଙ୍କର ଭାଷା ମଧ୍ୟ ନିଜସ୍ୱ ରହିଛି। ତାଙ୍କର ଭାଷାଗୁଡିକ ମଧ୍ୟରୁ କେତେଗୁଡିଏ ଭାଷାର ଲିପି ରହିଛି। ସେଗୁଡିକ ହେଲା ସାନ୍ତାଳ (ଅଲିଚିକି), କନ୍ଧ (କୁଇ), ହୋ (ଓରାଂଚିକି) ଏହି ଭାଷାମାନଙ୍କର ଲିପି ରହିଛି। ଅନ୍ୟସବୁ ଭାଷାଗୁଡିକ ବର୍ତ୍ତମାନ ମଧ୍ୟ ମୌଖିକ ଭାବରେ ରହିଛି।

ଆଦିବାସୀମାନେ ପର୍ବପର୍ବାଣି ଗୁଡିକରେ ଗୀତ ନୃତ୍ୟକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ପାଳନ କରିଥାନ୍ତି। ଏହି ଗୀତ ନୃତ୍ୟ ହେଉଛି ଆଦିବାସୀମାନଙ୍କର ଜୀବନଚର୍ଯ୍ୟାର ଏକ ଅଂଶ। ଗୀତ ନୃତ୍ୟ ବହୁ ପ୍ରାଚୀନ କାଳରୁ ଆରମ୍ଭ ହୋଇ ବର୍ତ୍ତମାନ ମଧ୍ୟ ତାହା ଦେଖିବାକୁ ମିଳେ। ପ୍ରକୃତିକୁ ସେମାନେ ବିଶ୍ୱାସ କରି ବିଭିନ୍ନ ପ୍ରକାର ଗଛ, ପଥର, ସୂର୍ଯ୍ୟ, ଚନ୍ଦ୍ର, ମାଟିକୁ ଦେବତା ଭାବେ ଗ୍ରହଣ କରନ୍ତି। ତାଙ୍କର ଘରକାନ୍ଥ ଗୁଡିକରେ ତିଆରି ହୋଇଥିବା ଚିତ୍ର, ସ୍ତ୍ରୀ ଲୋକମାନେ ହାତଗୋଡରେ ତିଆରି କରିଥିବା ଚିତା ଦେଖିଲେ ଜଣାଯାଏ ଯେ ସେମାନେ ପ୍ରକୃତିପ୍ରେମୀ। ଚିତ୍ର ଗୁଡିକରେ ଥାଏ ବିଭିନ୍ନ ପ୍ରକାର ଗଛ, ଫୁଲ, ଫଳ, ପତ୍ର, ସୂର୍ଯ୍ୟ, ଚନ୍ଦ୍ର, ତା'ର, ପଶୁ, ପକ୍ଷୀ ଇତ୍ଯ୍ୟାଦି। ତାଙ୍କର ବିଶ୍ୱାସ ଯେ ଯଦି ଦେବତାମାନେ ଖୁସି ହେଲେ ଗାଁର ମଙ୍ଗଳ ହେବ, ତଚ୍ଛସହିତ ଗାଁ ଗୁଡିକରୁ ବିଭିନ୍ନ ରୋଗବ୍ୟାଧି ଦୂର ହେବ। ଗାଁର ସମସ୍ତ ଭଲରେ ରୁହନ୍ତୁ। ଦେବତାଙ୍କୁ ଖୁସି କରିବା ନିମନ୍ତେ ଏଥିପାଇଁ ବିଭିନ୍ନ ପ୍ରକାର ନାଚ, ଗୀତ, ଆୟୋଜନ ହୋଇଥାଏ। ତାଙ୍କର ଏହି ପାରମ୍ପରିକ ରୀତିନୀତି ବର୍ତ୍ତମାନ ମଧ୍ୟ ଦେଖିବାକୁ ମିଳୁଛି। ଏହି ପରମ୍ପରାକୁ ନାଟ୍ୟକାର ଗଣନାଟକରେ ସ୍ଥାନ ଦେଇଛନ୍ତି। ତେଣୁ ଓଡ଼ିଆ

ନାଟକରେ ଦେଖିବାକୁ ମିଳେ ଆଦିବାସୀମାନଙ୍କର ଚାଲିଚଳଣି, ସଂସ୍କୃତି, ପରମ୍ପରା, ରୀତିନୀତି ଇତ୍ୟାଦି।

ଆଦିବାସୀମାନଙ୍କର ଜୀବନଶୈଳୀକୁ ଅନୁକରଣ କରି ବହୁ ଉପନ୍ୟାସ, ନାଟକ, ଗଳ୍ପ ଆଦି ରଚିତ। କେତେଜଣ ନାଟ୍ୟକାର ଆଦିବାସୀମାନଙ୍କର ସଂସ୍କୃତି ପରମ୍ପରା ଆଦିକୁ ନାଟକ ମଧ୍ୟରେ ସ୍ଥାନ ଦେଇଛନ୍ତି। ତାହା ଭିନ୍ନ ଭିନ୍ନ ଶୈଳୀରେ ଯଥା ଚରିତ୍ର, ସଂଳାପ, ଗୀତ, ନୃତ୍ୟ ଇଛ୍ୟାଦି। କେତେଗୁଡିଏ ନାଟକ ମଧ୍ୟରେ ଆଦିବାସୀ ଚରିତ୍ରଟି ଶୋଷିତ ହେଉଛି ତ ତା'ର ପତ୍ନୀ ଶୋଷକ ଦ୍ୱାରା ନିର୍ଯ୍ୟାତିତ ହେବାରେ ଲାଗିଛି। ସେ ବେଳେ ବେଳେ ନିରବ ରହୁଛିତ କେତେବେଳେ ପ୍ରତିକ୍ରିୟାଶୀଳ ହୋଇ ଉଠୁଛି। ଏହିପରି ଭାବରେ ଆଦିବାସୀ ନାଟ୍ୟ ସାହିତ୍ୟରେ ପ୍ରବେଶ କରିଛି। ଆଦିବାସୀମାନେ ବାରମ୍ବାର ଅନ୍ୟକୁ ବିଶ୍ୱାସ କରି କଷ୍ଟ ପାଆନ୍ତି। ଭାଷା ନ ବୁଝି ଅନ୍ୟ ଉପରେ ନିର୍ଭର କରି କଷ୍ଟ ପାଆନ୍ତି। ଏପରିକି ନିଜ ଅ ଳର ଶିକ୍ଷିତ ମଣିଷମାନଙ୍କର ଦ୍ୱାରା ମଧ୍ୟ ଶୋଷିତ ହୋଇଥାନ୍ତି। ତା' ସହିତ ବିଦେଶୀ, ସାହୁକାର, ମହାଜନ, କଣ୍ଟ୍ରାକ୍ଟର ଭଳି ଲୋକଙ୍କୁ ବିଶ୍ୱାସ କରି ଶେଷରେ ହତାସ ହୋଇ ପଡିଥାନ୍ତି। ଏହିସବୁ ସମସ୍ୟାକୁ ଦୃଷ୍ଟିଦେଇ ନାଟ୍ୟକାର ଗଣନାଟକ ମାଧ୍ୟମରେ ଉପସ୍ଥାପନା କରିଛନ୍ତି। ଆଦିବାସୀ ଜୀବନଶୈଳୀକୁ ଆଧାର କରି ରଚନା କରିଥିବା କେତେଜଣ ନାଟ୍ୟକାର ହେଉଛନ୍ତି- ରାମଶଙ୍କର ରାୟ, ଅଶ୍ୱିନୀ କୁମାର ଘୋଷ, ଧନେଶ୍ୱର ପଟ୍ଟନାୟକ, ହୃଷିକେଶ ପଣ୍ଡା, ଧନେଶ୍ୱର ପଟ୍ଟନାୟକ ଇତ୍ୟାଦି।

ନାଟ୍ୟ ସାହିତ୍ୟର ନାଟ୍ୟକାରଗଣ ଆଦିବାସୀଙ୍କୁ ସ୍ଥାନ ଦେଇଛନ୍ତି ଭିନ୍ନ ଭିନ୍ନ ମାଧ୍ୟମରେ ଯଥା – ସମସ୍ୟା, ନୃତ୍ୟ, ସଙ୍ଗୀତ, ପର୍ବପର୍ବାଣି, ଧର୍ମଧାରଣା, ପୂଜାପାର୍ବଣ ଇତ୍ୟାଦି। ନାଟକଗୁଡିକ ହେଲା ଅଶ୍ୱିନୀ କୁମାର ଘୋଷଙ୍କ 'ଶ୍ରୀମନ୍ଦିର', ଧନେଶ୍ୱର ପଟ୍ଟନାୟକଙ୍କ 'ଆଦିବାସୀ', ମନ୍ମଥ ଶତପଥୀଙ୍କ 'ଆଜିର ମଣିଷ', 'ମୁଚକରା କହୁଛନ୍ତି', ବିଶ୍ୱଜିତ ଦାସଙ୍କ 'ନୂଆଁଜହ୍ନ', ହୃଷିକେଶ ପଣ୍ଡାଙ୍କର 'ଭାସ୍କୋଡାଗାମା', ସୁବୋଧ ପଟ୍ଟନାୟକଙ୍କର 'କାଠ', 'ବଳୀ' ଓ ଚନ୍ଦ୍ରଶେଖର ନନ୍ଦଙ୍କ 'ଅଭିମାନ' ଇତ୍ୟାଦି। ଏହି ନାଟକଗୁଡିକରେ ଆଦିବାସୀମାନଙ୍କର ଚରିତ୍ର ଚିତ୍ରଣ ଦେଖିବାକୁ ମିଳେ। ନାଟକଗୁଡିକ ମଧ୍ୟରେ ଆଦିବାସୀମାନଙ୍କର ଜୀବନଶୈଳୀକୁ ସ୍ଥାନ ଦିଆଯାଇଛି। ତା' ସହିତ ନାଟକଗୁଡିକରେ ଆଦିବାସୀମାନଙ୍କ ପ୍ରତି ହେଉଥିବା ଶୋଷଣ ଓ ଅନ୍ୟାୟ ଅତ୍ୟାଚାରଗୁଡିକୁ ମଧ୍ୟ ନାଟ୍ୟକାର ଗଣନାଟକ ମଧ୍ୟରେ ସ୍ଥାନ ଦେଇଛନ୍ତି। କେତେକ ଆଦିବାସୀ ଗୋଷ୍ଠୀ ନିଜ ଭାଷାରେ ମଧ୍ୟ ନାଟକ ପରିବେଷଣ କରୁଥିବା ଦେଖିବାକୁ ମିଳେ। ସାଧାରଣତଃ କେଉଁଝର ଓ ମୟୂରଭଞ୍ଜ ଜିଲ୍ଲାର ବସବାସ କରୁଥିବା ସାନ୍ତାଳ ଆଦିବାସୀ ଗୋଷ୍ଠୀର ଲୋକମାନେ ନାଟକ ପରିବେଷଣ କରୁଥିବା ଦେଖିବାକୁ ମିଳେ। ସାନ୍ତାଳୀ ଭାଷାର ପ୍ରଥମ ନାଟ୍ୟକାର ହେଉଛନ୍ତି ପଣ୍ଡିତ ରଘୁନାଥ ମୁର୍ମୁ। ପଣ୍ଡିତ ରଘୁନାଥ ମୁର୍ମୁ ୪ଟି ନାଟକ ରଚନା କରିଛନ୍ତି। ପ୍ରଥମଟି 'ବିଦୁଚାନ୍ଦନ' (୧୯୪୮), ଦ୍ୱିତୀୟଟି 'ଖିରୁଆଲ୍ବୀର' (୧୯୫୨), ତୃତୀୟ 'ଦାଳେଗେଧନ' (୧୯୬୪) ଓ ଚତୁର୍ଥ 'ସିଦୁକାହ୍ନୁ' (ସାନ୍ତାଳହୁଲ୍) (୧୯୯୭)। ଏହି ନାଟକ ମଧ୍ୟରେ ସାନ୍ତାଳମାନଙ୍କର ସଂସ୍କୃତି, ପରମ୍ପରା ଓ କେତେଗୁଡିଏ ସମସ୍ୟାକୁ ଦୃଷ୍ଟିଦେବା ସହିତ ସାନ୍ତାଳ ବିଦ୍ରୋହକୁ ନାଟକ ମଧ୍ୟରେ ସ୍ଥାନ ଦେଇଛନ୍ତି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମଦିନ ଅବସରରେ ପ୍ରତି ବର୍ଷ କେଉଁଝରରେ ସାନ୍ତାଳୀ ନାଟକ ପରିବେଷଣ କରାଯାଇଥାଏ। ସାନ୍ତାଳମାନଙ୍କର କେତେଗୁଡିଏ ସାନ୍ତାଳୀ ନାଟକ ହେଲା କହ୍ନେଇ ହେମ୍ବ୍ରମଙ୍କ 'ହଳ ଜାନି ହଳେଇ ରାସେ ସାଆଁତା ଦ ଅକୟ ଦସେ', ଯଦୁମଣି ସୋରେନ୍‌ଙ୍କ 'ଫିଟା ତାହେଁୟେନା ତଲଂ ଆଞ୍ଜର' ଇତ୍ୟାଦି।

କଳାହାଣ୍ଡି ଜିଲ୍ଲାରେ ବସବାସ କରୁଥିବା ଆଦିବାସୀମାନଙ୍କର ଦୁଃଖ କଷ୍ଟକୁ ଦୃଷ୍ଟିରେ ଦେଇ ନାଟ୍ୟକାର ସୁବୋଧ ପଟ୍ଟନାୟକଙ୍କ ଦ୍ୱାରା ରଚିତ ନାଟକ 'ଅବରୁଦ୍ଧ ଉଦ୍ଧବ'। ନାଟକରେ ଉଦ୍ଧବ ବୋଲି ଏକ ଆଦିବାସୀ ଚରିତ୍ରକୁ ଉପସ୍ଥାପନ କରାଯାଇଛି। ଉଦ୍ଧବର କରୁଣ କାହାଣୀକୁ ଉପସ୍ଥାପନ କରିବା ସହିତ ଗାଁ ଗୁଡିକରେ ଖାଦ୍ୟ ଅଭାବ ସମୟରେ ସରକାରଙ୍କ କୌଣସି ସୁବିଧାସୁଯୋଗ ପାଇପାରୁ ନଥିଲେ।

ଫୁଲବାଣୀ ଜିଲ୍ଲାର ଏକ ଅନୁନ୍ନତ ଅଂଚଳ ଦାରିଙ୍ଗବାଡିରେ ବସବାସ କରୁଥିବା ଆଦିବାସୀମାନଙ୍କ ଠାରେ ଦେଖାଯାଉଥିବା ସମସ୍ୟାକୁ ଦୃଷ୍ଟି ଦେଇ ନାଟ୍ୟକାର ମନ୍ମଥ

ଶତପଥୀଙ୍କ ନାଟକ 'ଆଜିର ମଣିଷ' ରଚିତ। ଏହା ଏକ ସାମାଜିକ ନାଟକ। ନାଟକ ମଧ୍ୟରେ ଆଦିବାସୀମାନେ କିପରି ଭାବରେ ବଡବଡ ଲୋକମାନଙ୍କର ଅନ୍ୟାୟ ଅତ୍ୟାଚାରର ଶିକାର ହେଉଛନ୍ତି। ତା' ସହିତ କେତେଗୁଡିଏ ଶୋଷକର ଚରିତ୍ର ହେଲା ଗାଁ ସରପଂଚ, ଚୌକିଦାର, ସରକାରୀ ଚାକିରିଆ ଓ ଡାକବଙ୍ଗଳା ମାଲିକ। ଏଇ କେତେଜଣ ଚରିତ୍ର ଆଦିବାସୀମାନଙ୍କୁ ଶୋଷଣ କରିବାରେ ନ୍ୟସ୍ତ ଥିଲେ। ବିଭିନ୍ନ କ୍ଷେତ୍ରରେ ଅନ୍ୟାୟ ଅତ୍ୟାଚାର ସେମାନଙ୍କୁ ସହିବାକୁ ପଡିଥିଲା। ଏଠାରେ ସେମାନେ ଅନ୍ୟାୟକୁ ମୁଣ୍ଡପାତି ସହିଯାଉଥିଲେ। କିନ୍ତୁ ତାଙ୍କ ପାଖରେ ଅନ୍ୟାୟର ପ୍ରତିବାଦ କରିବା ପାଇଁ ସକ୍ଷମ ନଥିଲା। ଆଦିବାସୀ ଚରିତ୍ର ଦନାର୍ଦ୍ଦନର କରୁଣ କାହାଣୀକୁ ନାଟ୍ୟକାର ନାଟକ ରୂପ ଦେଇଛନ୍ତି। ଏହି ନାଟକରେ ନାଟ୍ୟକାର ଦେଖାଇବାକୁ ଚାହିଁଛନ୍ତି ଯେଉଁମାନଙ୍କ ଦ୍ୱାରା ଆଦିବାସୀମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେମାନେ ହିଁ ଆଦିବାସୀମାନଙ୍କର ଶୋଷଣକାରୀ ଭାବରେ ବିଦ୍ୟମାନ ହୋଇଛନ୍ତି। ଆଦିବାସୀମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସୁଯୋଗ ଦେଉନାହାନ୍ତି। ନାଟ୍ୟକାରଙ୍କ ଅନ୍ୟ ଏକ ନାଟକ ହେଉଛି 'ଯୌବନର ତୀର୍ଥ'। ନାଟକରେ ଆଦିବାସୀ ନାରୀ ଚରିତ୍ରକୁ ସଂପୂର୍ଣ୍ଣ ଭାବରେ ପ୍ରାଧାନ୍ୟ ଦିଆଯାଇଛି।

ଶବର ରାଜା ବିଶ୍ୱାବସୁ ଓ ତାଙ୍କର କନ୍ୟା ଲଳିତାଙ୍କୁ ମୁଖ୍ୟ ଚରିତ୍ର ଭାବରେ ଉପସ୍ଥାପନ କରି ନାଟ୍ୟକାର ଅଶ୍ୱିନୀ କୁମାର ଘୋଷ ନାଟକ 'ଶ୍ରୀମନ୍ଦିର' ରଚନା କରିଛନ୍ତି। ନାଟକରେ ଆର୍ଯ୍ୟ ଓ ଅନର୍ଯ୍ୟର ସଂସ୍କୃତି ପରମ୍ପରା ମିଳନ ଘଟିଛି। ନାଟକରେ ବିଦ୍ୟାପତି ଓ ଲଳିତାର ବିବାହ ସଂପୂର୍ଣ୍ଣ ହୋଇଛି। ଜଙ୍ଗଲରେ ରାଜା ବିଶ୍ୱାବସୁଙ୍କ ଦ୍ୱାରା ପୂଜିତ ହେଉଥିବା ଶବର ଦେବତା ନୀଳମାଧବ ବିଦ୍ୟାପତିଙ୍କ ଦ୍ୱାରା ପ୍ରତିଷ୍ଠିତ ହୁଅନ୍ତି ମଣିଷ ତିଆରି ଶ୍ରୀମନ୍ଦିରରେ। ଏହି ନାଟକରେ ଶବର ଦେବତା ନୀଳମାଧବ, ବିଶ୍ୱାବସୁ ଲଳିତା ହେଇଛନ୍ତି ଆଦିବାସୀମାନଙ୍କର କେନ୍ଦ୍ରବିନ୍ଦୁ। ନାଟକଟି ଏକ କିମ୍ବଦନ୍ତୀମୂଳକ ହେଲେ ମଧ୍ୟ ଆଦିବାସୀମାନଙ୍କର ସ୍ଥାନ ରହିଥିବା ଦେଖିବାକୁ ମିଳେ। ତାଙ୍କର ସଂସ୍କୃତି ପରମ୍ପରାକୁ ମଧ୍ୟ ଏଥିରେ ଦେଖାଯାଇଛି। ଯେପରିକି ନାଟକ ମଧ୍ୟରେ ବିଦ୍ୟାପତି ଓ ଲଳିତାଙ୍କ ବିବାହ ଶବର ଗୋଷ୍ଠୀର ପରମ୍ପରା ଭାବରେ ହୋଇଥିଲା। ତାଙ୍କର ପରମ୍ପରା ଭାବରେ ଚାଲି ଆସିଥିବା ବିବାହର ରୀତିନୀତି, ପାରମ୍ପରିକ ନୃତ୍ୟଗୀତ ପରିବେଷଣ ହୋଇଥିଲା।

ସେହିପରି ନାଟ୍ୟକାର ମନ୍ମଥ ଶତପଥୀ ତାଙ୍କର 'କାହାଣୀ ନୁହେଁ' ରଚନା କରିଛନ୍ତି। ନାଟକଟି ଆଧାରିତ ହୋଇଛି ଆଦିବାସୀମାନଙ୍କର ଦୁଃଖ କଷ୍ଟ ଜୀବନଶୈଳୀକୁ ନେଇ। ଯେଉଁଥିରେ କି ଆଦିବାସୀମାନେ ପ୍ରତ୍ୟକ ମୁହୂର୍ତ୍ତରେ ନିର୍ଯାତିତ ହେବାରେ ଲାଗିଛନ୍ତି। ତାହାକୁ ଦୃଷ୍ଟି ଦିଆଯାଇଛି ନାଟକ 'କାହାଣୀ ନୁହେଁରେ। ନାଟକଟି ଏକ ସାମାଜିକ ନାଟକ। ନାଟକ ମଧ୍ୟରେ ବହୁ ସାମାଜିକ ସମସ୍ୟାକୁ ଦୃଷ୍ଟି ଦିଆଯାଇଛି। ଆଦିବାସୀମାନଙ୍କର ଜୀବନରେ ଯାହା ଘଟୁଛି ତାହାକୁ ହିଁ ନାଟକ ମାଧ୍ୟମରେ ଉପସ୍ଥାପନ କରିଛନ୍ତି ନାଟ୍ୟକାର। ନାଟକରେ ଆଦିବାସୀ ଝିଅ ରାଧି। ସେ ଟିକେ ଖୁସି ପାଇବା ପାଇଁ ଗାଁ ଛାଡି ଯାଇଥିଲା ସହରକୁ। ତାକୁ ଜଣେ କଳାକାର ହେବାର ସ୍ୱପ୍ନ ତାକୁ ଗାଁ ଛାଡିବାକୁ ବାଧ୍ୟ କରିଥିଲା। ତା'ର ସ୍ୱାମୀ ଓ ବାପାକୁ ଛାଡି ସହରକୁ ପଳେଇଥିଲା। କିନ୍ତୁ ସେହିଠାରେ ମଧ୍ୟ କେତେ ଲୋକଙ୍କ ମୁଖରୁ କେତେକଥା ଶୁଣିବାକୁ ପାଇଲା। ସେ ଯେଉଁ ସ୍ୱପ୍ନ ନେଇ ସହରକୁ ଯାଇଥିଲା ତା'ର ସ୍ୱପ୍ନ ସଫଳ ହୋଇପାରିଲା ନାହିଁ। ଶେଷରେ ସେ ପୁଣି ଗାଁ କୁ ଫେରି ଆସିଲା। ନାଟକଟି ଏକ ଧର୍ମଭିତିକ।

ସେହିପରି ନାଟ୍ୟକାର ହୃଷିକେଶ ପଣ୍ଡା ନାଟକ 'ଭାସ୍କୋଡାଗାମା' ରଚନା କରିଛନ୍ତି। ନାଟକରେ କେତେଗୁଡିଏ ଚରିତ୍ର ରହିଛି, ଯାହାବଳରେ ଆଦିବାସୀମାନଙ୍କୁ ନେଇ। ଜଣେ ଶିକ୍ଷକ କିଭଳି ଭାବେ ଗରିବ, ସରଳ ଆଦିବାସୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଠିକ୍ ରାସ୍ତାକୁ ନନେଇ ଭୁଲ ରାସ୍ତାକୁ ନେବାପାଇଁ ପଛଘୁଂଚା ଦେଉନାହାନ୍ତି, ତାହା ଏଥିରେ ଦର୍ଶାଯାଇଛି। ଆଦିବାସୀମାନଙ୍କର ସରଳତା, ନିଷ୍କପଟତା ଏବଂ ଅଶିକ୍ଷିତର ଫାଇଦା ଉଠାଇଛନ୍ତି। ଭାସ୍କୋଡାଗାମା ହୋଇଛି ଏହାର ପ୍ରତୀକ। ନାଟକରେ ଆଦିବାସୀମାନଙ୍କର ପାରମ୍ପରିକ ଭାବରେ ଚାଲିଆସୁଥିବା ବଳି ପ୍ରଥାକୁ ମଧ୍ୟ ସ୍ଥାନ ଦିଆଯାଇଛି। ତା' ସହିତ ନାଟକରେ ଭାସ୍କୋଡାଗାମା ଚରିତ୍ର ମାଧ୍ୟମରେ ଆଦିବାସୀମାନଙ୍କର ଦେବତା ସ୍ୱରୂପ ପ୍ରକୃତି, ପଶୁପକ୍ଷୀ

ଉପସ୍ଥାପନ କରିଛନ୍ତି।

ନାଟକରେ ଗାଁ ଲୋକମାନେ ଯଦି କୌଣସି ଜ୍ୱର କିମ୍ବା ଅନ୍ୟ ରୋଗରେ ଆକ୍ରାନ୍ତ ହେଲେ ତାଙ୍କୁ ଡାକ୍ତରଖାନାକୁ ନ ପଠାଇ ଗୁଣିଗାରେଡି କରିବାପାଇଁ ପଠାଇଥାଏ ଶିକ୍ଷକ ପିଲିମନ୍। କିପରି ଅନ୍ୟଧର୍ମକୁ ଗ୍ରହଣ କରିବେ ତା'ର ପ୍ରୟାସ କରିଥାଆନ୍ତି। ଏଠାରେ ଅନ୍ୟ ଏକ ସମସ୍ୟାକୁ ଦେଖାଇଛନ୍ତି ନାଟ୍ୟକାର। ନାଟକର ନାୟିକା ଆଦିବାସୀ ଝିଅ ମେଘାକୁ ଅଧିକ ଜ୍ୱର ହେଇଥିବାରୁ ତାକୁ ଭୂତ ଲାଗିଛି କହିଛି। ଅନ୍ୟଧର୍ମ ଗ୍ରହଣ କଲେ ମେଘାର ଜ୍ୱର ଛାଡିଯିବ ବୋଲି ବୁଝାଇଛନ୍ତି ଶିକ୍ଷକ ପିଲିମନ୍। ତା'ପରେ ସେମାନେ ଅନ୍ୟ ଧର୍ମ ଗ୍ରହଣ କରିଛନ୍ତି। ମେଘାର ନାମ ପରିବର୍ତ୍ତନ କରିଛନ୍ତି।

ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ନାଟକ 'ଅଭିଯାନ'। ନାଟକରେ ଗଜପତି ଜିଲ୍ଲାର ରାମଗିରି ନିକଟରେ ବସବାସ କରୁଥିବା ଆଦିବାସୀମାନଙ୍କର ଗୀତକୁ ଦେଖିବାକୁ ମିଳିଥାଏ। ନାଟକରେ ରାଜା ପୁରୁଷୋ ମ ଦେବଙ୍କ ଆଗମନକୁ ସମ୍ବର୍ଦ୍ଧନା ନିମନ୍ତେ ଗଦବା ଆଦିବାସୀ ଗୋଷ୍ଠୀମାନଙ୍କର ଗୀତ ଓ ନୃତ୍ୟକୁ ଏଠାରେ ଉପସ୍ଥାପନା କରାଯାଇଛି। ତାଙ୍କର ଏହି ସମ୍ବର୍ଦ୍ଧନା ଉସ ବରେ ରହିଛି ସ୍ନେହ, ପ୍ରେମ, ସରଳତା। ଜଣକ ମଧ୍ୟରେ ରାଜାଙ୍କ ସମ୍ବର୍ଦ୍ଧନା ଉତ୍ସବ ଅସମ୍ଭବ। ତେଣୁ ବିଜୟ୍ ସମସ୍ତ ଗଦବାମାନଙ୍କୁ ନେଇ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ଏଠାରେ ଗଦବାମାନଙ୍କର ପାରମ୍ପରିକ ନୃତ୍ୟ ଓ ଗୀତକୁ ଉପସ୍ଥାପନ କରାଯାଇଛି। ତା' ସହିତ ତାଙ୍କର ସଂସ୍କୃତି, ଚାଲିଚଳଣିକୁ ମଧ୍ୟ ଦେଖାଯାଇଛି। ଗୀତ ମାଧ୍ୟମରେ ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରାଯାଇଛି।

ପୁରୁ-ଏ ନିରାଡମ୍ବର ସମ୍ବର୍ଦ୍ଧନାରେ ଅଛି ସରଳତା, ସ୍ନେହ, ଭକ୍ତି। ଜୀବନ ଓ ମନୁଷ୍ୟ ତ ଛାର ମନେହୁଏ। ସ୍ୱୟଂ ଭଗବାନ ମଧ୍ୟ ଏହାର ଅପେକ୍ଷା କରିବେ ଯୁବରାଜ।

ବିଜୟ୍-ଏକ ମୁଖରେ ମହାରାଜଙ୍କ ପ୍ରଶଂସା ଅସମ୍ଭବ। ଆସ ଆସ ତୁମ୍ଭେମାନେ।

(ଆଗନ୍ତୁକ ଗଦବାମାନେ ଆସି ଭୂମିଷ୍ଠ ପ୍ରଣାମ କଲେ ଓ ପୁରୁଷୋ ମ ଦେବଙ୍କୁ ଫୁଲମାଳ ଦେଇ ଆନନ୍ଦ ଧ୍ୱନି ସହ ନୃତ୍ୟ ଆରମ୍ଭ କଲେ।)

(ଗୀତ)-

ବନଫୁଲ ଗୁନ୍ଥା ବନ ହାର
ହେ ରାଜକୁମାର
ଏଇ ନେ' ତୁ ଆମର ଉପହାର।
ତୁତ ଭଲା ରାଜା ଗୁଣ-ରତନ୍ ମୁକୁତାରେ ଘର
କି ଦେବୁଁରେ ତତେ ଆମେ ଛାର।
ଡୁଙ୍ଗର ବାଟେ-ମିରିଗ ପଲେ-ମୟୁର ପକ୍ଷୀ ଉଲେରେ-
ଫେରି ଫେରି ଯାଏ ବାରେ ବାର୍।

ଓଡ଼ିଆ ନାଟକଗୁଡିକରେ ଆଦିବାସୀମାନଙ୍କର ଝଲକ ଦେଖିବାକୁ ମିଳେ କିନ୍ତୁ ପୂରା ଆଦିବାସୀମାନଙ୍କର ଜୀବନ ବୃତ୍ତିକୁ ଆଧାର କରି ବହୁତ କମ୍ ନାଟକ ଦେଖିବାକୁ ମିଳେ। କେତେଗୁଡିଏ ନାଟକ ମଧ୍ୟରେ ଆଦିବାସୀମାନଙ୍କର ଗୀତ, ନୃତ୍ୟ ଆଂଶିକ ଭାବରେ ସ୍ଥାନ ପାଇଥିବା ଦେଖିବାକୁ ମିଳେ। ତା' ବ୍ୟତୀତ ଆଦିବାସୀମାନଙ୍କର କେତେଗୁଡିଏ ସମସ୍ୟାଗୁଡିକୁ ମଧ୍ୟ ନାଟକରେ ସ୍ଥାନ ଦିଆଯାଇଛି। ନାଟକଗୁଡିକରେ କିପରି ଭାବରେ ଆଦିବାସୀମାନେ ଶୋଷଣକାରୀମାନଙ୍କ ଦ୍ୱାରା ଶୋଷିତ ହେଉଛନ୍ତି, ତାହା ସ୍ପଷ୍ଟ ଭାବରେ ଦେଖିବାକୁ ମିଳେ। ହେଲେ ସେମାନେ ପ୍ରତିବାଦ କରୁନାହାନ୍ତି। ପ୍ରତିବାଦ ବଦଳରେ ସେମାନେ ଆତ୍ମସମର୍ପଣ କରୁଛନ୍ତି। ଏହିସବୁକୁ ନାଟ୍ୟକାରଗଣ ଦୃଷ୍ଟିରେ ରଖି ନାଟକଗୁଡିକ ରଚନା କରିଛନ୍ତି। ଏହିଠାରେ ଆଦିବାସୀଭିତ୍ତିକ ନାଟକଗୁଡିକରେ ଆଦିବାସୀମାନଙ୍କର ଚିତ୍ରଗୁଡିକୁ ସ୍ପଷ୍ଟ କରାଯିବା ସହିତ ଆଦିବାସୀମାନଙ୍କର ସଂସ୍କୃତି, ପରମ୍ପରା, ଚାଲିଚଳଣି ଏବଂ ସମସ୍ୟାକୁ ମଧ୍ୟ କେହି କେହି ନାଟକ ମଧ୍ୟରେ ସ୍ଥାନ ଦେଇ ଲୋକ ସମ୍ମୁଖକୁ ଆଣିପାରିଛନ୍ତି। ଏହା ଯୋଗୁଁ ବର୍ତ୍ତମାନ ଯେଉଁ ପାରମ୍ପରିକ ରୀତିନୀତିଗୁଡିକ ଭୁଲି ଯାଇ ଆଧୁନିକତା ଆପଣାଇଛନ୍ତି, ସେଥିମଧ୍ୟରେ ପ୍ରାଚୀନତାକୁ ମନେ ପକାଇବା ଏକ ପ୍ରୟାସ। ବର୍ତ୍ତମାନ ଯଦି ନୂତନ ପିଢିର ନାଟ୍ୟକାରଗଣ ବିଭିନ୍ନ ଲୋକ ଉପାଦାନ ଓ ଆଦିବାସୀମାନଙ୍କର ବିଭିନ୍ନ ରୀତିନୀତି, ଚାଲିଚଳଣି ଓ ପରମ୍ପରାକୁ ନାଟକ ମଧ୍ୟରେ ସ୍ଥାନ ଦିଅନ୍ତେ ତେବେ ସେସବୁ ନାଟକ ମାଧ୍ୟମରେ ଲୋକଲୋଚନକୁ ଆସିପାରନ୍ତା।

**ସହାୟକ ଗ୍ରନ୍ଥସୂଚୀ**


୧. ଶ୍ରୀମନ୍ଦିର, ଅଶ୍ୱିନୀ କୁମାର ଘୋଷ, ପ୍ରକାଶକ: କେ.କେ.ମିଶ୍ର ଆଣ୍ଡ କୋ ବାଙ୍କ ବଜାର, କଟକ, ପ୍ରଥମ ସଂସ୍କରଣ – ୨୦୦୦, ପୃ-୩୨

୨. ଭାସ୍କୋଡାଗାମା, ହୃଷିକେଶ ପଣ୍ଡା, ପ୍ରକାଶକ: ବିଦ୍ୟା ପ୍ରକାଶନ ବାଲୁବଜାର କଟକ, ପ୍ରଥମ ସଂସ୍କରଣ-୨୦୦୦, ପୃ -୬୨

୩. ତତ୍ରୈବ, ପୃ-୬୦

୪. ତତ୍ରୈବ, ପୃ-୬୧

୫. ଅଭିଯାନ, କାଳୀଚରଣ ପଟ୍ଟନାୟକ, ପ୍ରକାଶକ: ୟୁନାଇଟେଡ୍ ବୁକ୍ ହାଉସ୍, ବାଲୁ ବଜାର, କଟକ, ଅଭିନବ ସଂସ୍କରଣ-୨୦୦୧, ପୃ-୬୧

୬. ଘୋଷ ଅଶ୍ୱିନୀ କୁମାର, ଶ୍ରୀମନ୍ଦିର, ପ୍ରଥମ ସଂସ୍କରଣ-୨୦୦୦ ପ୍ରକାଶକ: କେ.କେ.ମିଶ୍ର ଆଣ୍ଡ କୋ ବାଙ୍କ ବଜାର, କଟକ

୭. ଦାସ ହେମନ୍ତ କୁମାର, ଓଡ଼ିଆ ନାଟକର ବିକାଶଧାରା, ପ୍ରଥମ ସଂସ୍କରଣ-୧୯୮୦, ପ୍ରକାଶକ: ସାଥୀମହଲ, ବିନୋଦ ବିହାରୀ, କଟକ-୨

୮. ଦାସ କୁଞ୍ଜବିହାରୀ, ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, ପ୍ରଥମ ସଂସ୍କରଣ-୧୯୬୨, ପ୍ରକାଶକ: ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

୯. ନାୟକ ଡଃ ରବି, ଓଡ଼ିଆ ସାମାଜିକ ନାଟକ ଓ ନାଟ୍ୟକାର ଅଶ୍ୱିନୀ କୁମାର, ପ୍ରଥମ ସଂସ୍କରଣ-୨୦୦୨, ପ୍ରକାଶକ: ବିଦ୍ୟା ପ୍ରକାଶନ ବାଲୁ ବଜାର, କଟକ-୨

୧୦. ପଣ୍ଡା ହୃଷିକେଶ, ଭାସ୍କୋଡାଗାମା, ପ୍ରଥମ ସଂସ୍କରଣ-୨୦୦୦, ପ୍ରକାଶକ: ବିଦ୍ୟା ପ୍ରକାଶନ ବାଲୁବଜାର, କଟକ-୨

୧୧. ପ୍ରଧାନ ଡଃ କୃଷ୍ଣଚନ୍ଦ୍ର, ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି, ପ୍ରଥମ ସଂସ୍କରଣ – ୨୦୦୯, ପ୍ରକାଶକ: ସତ୍ୟନାରାୟଣ ବୁକ୍ଷ୍ଟୋର, ବିନୋଦ ବିହାରୀ, କଟକ-୨

୧୨. ମହାନ୍ତି ବ୍ରଜମୋହନ, ଓଡ଼ିଶାର ଲୋକନାଟକ, ପ୍ରଥମ ପ୍ରକାଶ-୧୯୯୮, ପ୍ରକାଶକ: ବୁକ୍ଷ୍ଟୋର ବିନୋଦ ବିହାରୀ, କଟକ-୨

୧୩. ମିର୍ଦ୍ଧା ଡକ୍ଟର ହାଡିବନ୍ଧୁ, ଆଦିବାସୀ ଜୀବନ ଚର୍ଯ୍ୟା, ଜାନୁଆରୀ ୨୦୧୧, ପ୍ରକାଶକ: ସଦସ୍ୟ ସଚିବ, ଭୁବନେଶ୍ୱର

୧୪. ଶତପଥି ମନ୍ମଥ, 'କାହାଣୀ ନୁହେଁ' ନାଟକ, ପ୍ରଥମ ସଂସ୍କରଣ-୨୦୦୨, ପ୍ରକାଶକ: ଯୋଗେଶ୍ୱର ପାଟଣା କପିଳପ୍ରସାଦ, ଭୁବନେଶ୍ୱର-୨

୧୫. ସାହୁ ପ୍ରଫେସର ନାରାୟଣ, ସ୍ୱାଧୀନୋ ର ଓଡ଼ିଆ ନାଟକ ଓ ଅନ୍ୟ ପ୍ରସଙ୍ଗ ପ୍ରଥମ ସଂସ୍କରଣ-୨୦୧୭ ପ୍ରକାଶକ: ସତ୍ୟନାରାୟଣ ବୁକ୍ଷ୍ଟୋର, ଭୁବନେଶ୍ୱର

୧୬. ସାମଲ ବୈଷ୍ଣବ ଚରଣ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, ପ୍ରଥମ ପ୍ରକାଶନ-୨୦୦୪, ପ୍ରକାଶକ: ଓଡ଼ିଆ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨

୧୭. ହରିଚନ୍ଦନ ନୀଳାଦ୍ରି ଭୂଷଣ, ଓଡ଼ିଆ ସମୀକ୍ଷାତ୍ମକ ଇତିହାସ, ପ୍ରଥମ ପ୍ରକାଶ, ଡିସେମ୍ବର ୨୦୧୮, ପ୍ରକାଶକ: ବିଦ୍ୟାପୁରୀ ବାଲୁବଜାର, କଟକ

୧୮. ହରିଚନ୍ଦନ ନୀଳାଦ୍ରି ଭୂଷଣ, ଭାବନା- ବିଭାବନା, ପ୍ରଥମ ପ୍ରକାଶ-୨୦୦୫, ପ୍ରକାଶକ: ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ

୧୯. ହୋତା ଡକ୍ଟର ପ୍ରମୋଦିନୀ, ଆଦିବାସୀ ପର୍ବପର୍ବାଣି, ପ୍ରଥମ ପ୍ରକାଶନ-୨୬ ଜାନୁଆରୀ ୨୦୧୭, ପ୍ରକାଶକ: ସଦସ୍ୟ ସଚିବ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର, ୟୁନିଟ୍-୧, ଭୁବନେଶ୍ୱର

# ରୀତିଯୁଗୀୟ କବୟିତ୍ରୀ ବୃନ୍ଦାବତୀ ଦାସୀ

**ଡ. ସୁଶ୍ରୀ ସଂଗୀତା ସ୍ୱାଇଁ**

ସହକାରୀ ଅଧ୍ୟାପିକା, ଦୂରନ୍ତର ଶିକ୍ଷା ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ

**ସଂକ୍ଷିପ୍ତସାର :**

ଆଦି ଯୁଗରେ ନାରୀ ସାହିତ୍ୟ ମୌଖିକ ସାହିତ୍ୟ ରୂପରେ ପ୍ରଚଳିତ । ଲିପିବଦ୍ଧ ଓଡ଼ିଆ ସାହିତ୍ୟ ର ସର୍ବ ପ୍ରଥମ ଭିତ୍ତିଭୂମି ଚର୍ଯ୍ୟାପଦ ରେ ମଧ୍ୟ ନାରୀ ରଚନା ର ସନ୍ଧାନ ମିଳେ। ତେବେ ଲିଖିତ ନାରୀ ସାହିତ୍ୟ ର ପରିଚୟ ସର୍ବ ପ୍ରଥମେ ପଞ୍ଚସଖା ସାହିତ୍ୟ ରେ ମିଳେ. ବୈଷ୍ଣବୀ ଯୁଗ ର ମାଧବୀ ଦାସୀ ଙ୍କ ପରେ ଆଉ କୌଣସି ନାରୀ କବିଙ୍କ ରଚନା ତଥ୍ୟ ଏଯାଏଁ ମିଳିନାହିଁ। ତେଣୁ ବୃନ୍ଦାବତୀ ଦାସୀ ହିଁ ପ୍ରାଚୀନ କବୟିତ୍ରୀ ବୋଲି ମନେ ହୁଏ. ଆଲୋଚ୍ୟ ପ୍ରବନ୍ଧ ରେ ବୃନ୍ଦାବତୀ ଦାସୀ ଙ୍କ ପୂର୍ଣ୍ଣତମ ଚନ୍ଦ୍ରୋଦୟ କାବ୍ୟ ର ଏକ ଅନୁଶୀଳନ ର ପ୍ରୟାସ କରା ଯାଇଛି ।

**ପ୍ରମୁଖ ଶବ୍ଦାବଳୀ :** ନାରୀ ସାହିତ୍ୟ, ପରିପୂର୍ଣ୍ଣ ଲୀଳା, ରୀତି କାବ୍ୟାଦର୍ଶ, ବୈଷ୍ଣବଯୁଗ, କୃଷ୍ଣ ଚରିତ, ଲୀଳା, ମହାଭାବ

ନାରୀ ସମସ୍ତ ଧର୍ମ, ସଂପ୍ରଦାୟ ଓ ସମାଜର ମୂଳପିଣ୍ଡ । ଶ୍ଳୋକ ରେ ପ୍ରଥମ ସ୍ଥାନ ନାରୀ ବା ମାତା ଙ୍କୁ ପ୍ରଦାନ କରାଯାଇଛି। ଧରିତ୍ରୀ ପରି ସହିଷ୍ଣୁତା, ଆକାଶ ପରି ଆଶା କୁସୁମରେ ପରିପୂର୍ଣ୍ଣ, ସମୁଦ୍ର ପରି ପ୍ରୀତି-ରତ୍ନ ଗର୍ଭା ନାରୀ ହିଁ ସ୍ନେହର ଉଷ୍ମତାରେ ସଂସାରକୁ ସ୍ୱେଦସିକ୍ତ କରିପାରେ । ଯେତେବେଳେ ଏହି ସ୍ୱତନ୍ତ୍ର ପୃଥିବୀର ଅଧିକାରିଣୀ ଲେଖନୀ ଧରେ ସେତେବେଳେ ଏକ କ୍ରାନ୍ତି ବିପ୍ଳବର ସୂତ୍ରପାତ ଘଟେ।

ତେବେ ଓଡ଼ିଆ ଲିଖିତ ସାହିତ୍ୟ ର ଆଦିଯୁଗ ରେ କୌଣସି ନାରୀ ଲେଖିକାଙ୍କ ସୂଚନା ମିଳେ ନାହିଁ।ପଞ୍ଚ ସଖା ଯୁଗ ରେ ମାଧବୀ ଦାସୀ ପ୍ରଥମ ନାରୀ କବି ଭାବେ ଆତ୍ମପ୍ରକାଶ କରନ୍ତି। ତେବେ ମଧ୍ୟ ଯୁଗରେ ସଫଳ ନାରୀ କବି ଭାବେ ବୃନ୍ଦାବତୀ ଦାସୀ ଆତ୍ମ ପ୍ରକାଶ ଲାଭ କରନ୍ତି। ଓଡ଼ିଆ ସାହିତ୍ୟରେ ମଧ୍ୟ ଯୁଗ ବା ରୀତି ଯୁଗର ପ୍ରମୁଖ କବି ଯଥା ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ ସାମନ୍ତସିଂହାର, ବଳଦେବ ରଥଙ୍କ ମଧ୍ୟରେ ନାରୀ କବି ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କବି ହେଉଛନ୍ତି ବୃନ୍ଦାବତୀ ଦାସୀ। ବୃନ୍ଦାବତୀ ଦାସୀଙ୍କୁ ଓଡ଼ିଆ ସାହିତ୍ୟର ସଫଳ ଆଦି ନାରୀ କବିର ମାନ୍ୟତା ପ୍ରଦାନ କରିବାରେ ଅତ୍ୟୁକ୍ତି ହେବ ନାହିଁ। ସଫଳ ବୈଷ୍ଣବ କାବ୍ୟ ରଚନାରେ ସିଦ୍ଧହସ୍ତତା ଅର୍ଜନ କରିଥିବାରୁ ସେ ଥିଲେ ବୈଷ୍ଣବୀ

**ଜନ୍ମ ଓ ଜୀବନୀ :**

ବୃନ୍ଦାବତୀ ଦାସୀଙ୍କ ଜନ୍ମ ପୁରୀ ଜିଲ୍ଲା ଅନ୍ତର୍ଗତ ମଳିପଡ଼ା ଗ୍ରାମରେ। ମଳିପଡ଼ାର କରଣ ପରିବାରରେ ଚନ୍ଦ୍ରଶେଖର ମହାପାତ୍ରଙ୍କୁ ବିବାହ କରିଥିଲେ ବୋଲି କବିଙ୍କ କାବ୍ୟ ଗ୍ରନ୍ଥ " ପୂର୍ଣ୍ଣତମ ଚନ୍ଦ୍ରୋଦୟ"ରେ ଉଲ୍ଲେଖ କରିଛନ୍ତି। ଏହି କାବ୍ୟର ଦ୍ୱିତୀୟ ଅଧ୍ୟାୟରେ କବି ଲେଖିଛନ୍ତି,

"ସୁଜନେ ସାବଧାନ କର / ଦ୍ୱିତୀୟେ ଅଧ୍ୟାୟ ବିଚାର / କରଣ କୂଳରେ ସମ୍ଭୂତ / ପତି ମୋ ବିଷ୍ଣୁ ରେ ଭଗତ / ଚନ୍ଦ୍ର ଶେଖର ଦାସ ନାମ/ ଜଗନ୍ନାଥ ଦାସ ନନ୍ଦନ ॥"

ଚନ୍ଦ୍ରଶେଖରଙ୍କ ପରିବାର ବୈଷ୍ଣବ ଥିବାରୁ କୁଳ ସଂଜ୍ଞା ମହାପାତ୍ର ବଦଳରେ ଦାସ ସଂଜ୍ଞା ଗ୍ରହଣ କରିଥିଲେ। କବି ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଙ୍କ ସମସାମୟିକ।

**କବିଙ୍କ ସୃଷ୍ଟି :**

ବୃନ୍ଦାବତୀ ଦାସୀଙ୍କ ସ୍ରଷ୍ଟା ଜୀବନର ପରିଚୟ ହେଉଛି

ପୂର୍ଣ୍ଣତମ ଚନ୍ଦ୍ରୋଦୟ କାବ୍ୟ ଗ୍ରନ୍ଥ। ଖୋର୍ଦ୍ଧା ରାଜା ଦିବ୍ୟ ସିଂହ ଦେବଙ୍କ ସମୟରେ ଆନୁମାନିକ ୧୬୯୯-୧୭୦୦ ସାଲରେ ଏହି କାବ୍ୟଟିକୁ ରଚନା କରିଥିଲେ। କାବ୍ୟଟି କୋଡିଏ ଛାନ୍ଦ ବିଶିଷ୍ଟ ନବାକ୍ଷରୀ ବୃତ୍ତରେ ରଚିତ।

**କାବ୍ୟର ନାମକରଣ ର ତାତ୍ପର୍ଯ୍ୟ :**

କାବ୍ୟର ଏହିପରି ନାମକରଣ ସମ୍ପର୍କରେ କବି କୁହନ୍ତି ଏକଦା କବି ସ୍ୱାମୀଙ୍କୁ ଶ୍ରୀ କୃଷ୍ଣଙ୍କ ପୂର୍ଣ୍ଣତମ ଲୀଳା ପ୍ରସଙ୍ଗ ପଚାରିଥିଲେ। ବୃନ୍ଦାବତୀଙ୍କ ଏଇ ପ୍ରଶ୍ନର ଉତ୍ତରରେ ତାଙ୍କର ସ୍ୱାମୀ ତାଙ୍କୁ ଶ୍ରୀକୃଷ୍ଣଙ୍କ ପୂର୍ଣ୍ଣ ତମ ଲୀଳାର ତାତ୍ପର୍ଯ୍ୟ ବହୁ ଗ୍ରନ୍ଥ ଆଲୋଚନା କରି ବୁଝାଇଲେ। ତେବେ ଏହି ଗ୍ରନ୍ଥରେ କୃଷ୍ଣଙ୍କ ଦ୍ୱାରିକା ଲୀଳା, ମଥୁରା ଲୀଳା, ଓ ବ୍ରଜ ଲୀଳା ଆଦି ପ୍ରସଙ୍ଗ ଅତି ସରଳ ସାବଲୀଳ ଭାବେ ବର୍ଣ୍ଣିତ ହୋଇଛି। କୃଷ୍ଣ ରୂପକ ଚନ୍ଦ୍ରର ଉଦୟ ଓ ତାର ପରିପୂର୍ଣ୍ଣତା ପ୍ରତିପାଦନ କାବ୍ୟର ଉଦ୍ଦେଶ୍ୟ ହୋଇଥିବାରୁ ଏହାର ଏହିପରି ନାମକରଣ ହୋଇଛି।

**ପୂର୍ଣ୍ଣତମ ଚନ୍ଦ୍ରୋଦୟ କାବ୍ୟ ସମ୍ପର୍କରେ :**

କବିଙ୍କ ମତରେ କୃଷ୍ଣଚନ୍ଦ୍ର ଦ୍ୱାରକାରେ ପୂର୍ଣ୍ଣ, ମଥୁରାରେ ପୂର୍ଣ୍ଣତର, ଓ ବ୍ରଜରେ ପୂର୍ଣ୍ଣତମ। ଏହି ଗ୍ରନ୍ଥରେ କୃଷ୍ଣଙ୍କର ଗୋପଲୀଳାର ମହତ୍ୱ ଅଧିକ ପ୍ରତିପାଦିତ ହୋଇଛି। ଗ୍ରନ୍ଥଟିରେ ପ୍ରଥମ ଅଧ୍ୟାୟରେ ରୀତି କାବ୍ୟାଦର୍ଶ ଅନୁଯାୟୀ ଶବ୍ଦାଳଂକାରର ବ୍ୟବହାର କରି କୃଷ୍ଣ ସ୍ତୁତି କରିଛନ୍ତି। ସେହିପରି ଦ୍ୱିତୀୟ ଅଧ୍ୟାୟର ଏକ ପଂକ୍ତିରୁ କବିଙ୍କ ପ୍ରତିଭାର ପରିଚୟ ମିଳେ।

"ନିତ୍ୟଗୋଲକ ପୂର୍ଣ୍ଣତମ, ଅଟନ୍ତି ପୁରୁଷ ଉତ୍ତମ / ପ୍ରଭୁ ରହିଣ ମର୍ତ୍ତ୍ୟପୁର, ଲୀଳା ଯା କଲେ ତିନି ଠାକୁର / ଏ ତିନି ଠାରୁ କେଉଁ ଠାରେ, ପୂର୍ଣ୍ଣ ତମତା ପ୍ରକାଶିଲେ / ରହିଣ କେବେଣ ହିଁ ଦେଶେ, ଆବର କେବଣ ବୟସେ।"

କବି ବୃନ୍ଦାବତୀ ଦାସୀ କୃଷ୍ଣଚନ୍ଦ୍ରଙ୍କର ପ୍ରତ୍ୟଙ୍ଗ ନିର୍ଣ୍ଣୟ, ଶୋଭା ବର୍ଣ୍ଣନାରେ ସ୍ୱକୀୟ ବର୍ଣ୍ଣନା ଚାତୁରୀ ଦର୍ଶାଇଛନ୍ତି। ଚତୁର୍ଥ ଅଧ୍ୟାୟରେ ସପତ ଆବରଣ ଧ୍ୟାନ, ସପ୍ତମ ଅଧ୍ୟାୟରେ ଲକ୍ଷଣ ଧ୍ୟାନ, ଅଷ୍ଟମ ଅଧ୍ୟାୟରେ ବେଶ ଧ୍ୟାନ, ନବମ ଅଧ୍ୟାୟରେ ଚରିତ ଧ୍ୟାନ, ଦଶମ ଏବଂ ଏକାଦଶ ଅଧ୍ୟାୟରେ ସେବା ଧ୍ୟାନ, ଦ୍ୱାଦଶ, ତ୍ରୟୋଦଶ, ଚତୁର୍ଦ୍ଦଶ, ପଞ୍ଚଦଶ, ଷୋଡଶ ଅଧ୍ୟାୟରେ ଗୁଣ ଧ୍ୟାନ, ସପ୍ତଦଶ ଏବଂ ଅଷ୍ଟାଦଶ ତଥା ଉନ୍ନବିଂଶ ଅଧ୍ୟାୟରେ ନିର୍ଦ୍ଦୋଷ ଧ୍ୟାନ ବିଷୟରେ ଅତି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା ରହିଛି। କାବ୍ୟରେ ପଦ୍ମପୁରାଣ, ଭାଗବତ, ଭକ୍ତି ରସାମୃତ ସିନ୍ଧୁ ଆଦିର ପ୍ରଭାବ ପଡିଛି। ଗ୍ରନ୍ଥରେ କୃଷ୍ଣଚନ୍ଦ୍ରଙ୍କର ଯୌବନ ଓ ବୃଦ୍ଧାବସ୍ଥାଠାରୁ ବାଲ୍ୟ, ପୌଗଣ୍ଡ ଓ କୈଶୋର ଅବସ୍ଥା ଶ୍ରେଷ୍ଠ ବୋଲି ପ୍ରମାଣ କରାଯାଇଛି। କାରଣ ଏହି ଅବସ୍ଥା ରେ କୃଷ୍ଣ ଚନ୍ଦ୍ର ମାଧୁର୍ଯ୍ୟମୟ।

ଗ୍ରନ୍ଥରେ ଶ୍ରୀକୃଷ୍ଣଙ୍କ ହ୍ଲାଦିନୀ ଶକ୍ତି ରୂପେ ଶ୍ରୀରାଧା ଏବଂ ମହାଭାବ ସ୍ୱରୂପିଣୀ ଗୋପୀମାନଙ୍କ ସହ ନିତ୍ୟ ଲୀଳା ବର୍ଣ୍ଣନା ହୋଇଛି।

କାବ୍ୟରେ କବି ପଞ୍ଚ ଉପାସନା ବିଧି ଯଥା ମାଧୁର୍ଯ୍ୟ, ସଖ୍ୟ, ବାତ୍ସଲ୍ୟ,ଦାସ୍ୟ, ଓ ଶାନ୍ତର ବର୍ଣ୍ଣନା କରିଛନ୍ତି। ସୁନ୍ଦର ପଦ ସଂଯୋଜନା, ଅର୍ଥ ଗୌରବ, ବିଷୟର ଔଚିତ୍ୟ ହେତୁ ଏହି ଗ୍ରନ୍ଥଟି ଏକ ଲବଣ୍ୟମୟୀ କାବ୍ୟରେ ପରିଣତ ହୋଇଛି। ଶ୍ରୀକୃଷ୍ଣଙ୍କ ନିର୍ଦ୍ଦୋଷ ଧ୍ୟାନ ପ୍ରସଙ୍ଗରେ ସପ୍ତଦଶ ଅଧ୍ୟାୟରେ କବି ଅଷ୍ଟାଦଶ ଦୋଷ କଥା କହିବାର ଲାଳିତ୍ୟ ପୂର୍ଣ୍ଣ ଶୈଳୀକୁ ଲକ୍ଷ୍ୟ କରାଯାଇ ପାରେ।

"ପ୍ରଥମ ଦୋଷ ମୋହ ଯାଣ, / ଦ୍ୱିତୀୟେ ତନ୍ଦ୍ରା ଏ ପ୍ରମାଣ / ଭ୍ରମ ହେବାର ତୃତୀୟରେ / ରୁକ୍ଷ କହିବା ଚତୁର୍ଥରେ *** ସପ୍ତଦଶରେ ବିଷମତ୍ୱ / ୧୮ରେ ପରାପେକ୍ଷାକୃତ / ଏ ଭାବେ ଅଷ୍ଟାଦଶ ଦୋଷ / ମହୀରେ ହୋଇଛି ପ୍ରକାଶ।"

କବି ଗ୍ରନ୍ଥର ଏହି ଅଧ୍ୟାୟରେ ସଂସାରରେ ମୋହ, ତନ୍ଦ୍ରା, ଭ୍ରମ, ରୁକ୍ଷ, ଉଦ୍ଧତ, ଲୋଭ, ମଦ, ମାତ୍ସର୍ଯ୍ୟ, ହିଂସା, ଖେଦ, ଅସତ୍ୟ ବଚନ, କ୍ରୋଧ, ଆକାଂକ୍ଷା, ଆଶଙ୍କା, ଚିତ୍ତଭ୍ରମ, ବିଷମତ୍ୱ, ପରାପେକ୍ଷା, ଇର୍ଷା ଆଦି ଦୋଷ ଥିବାର ବର୍ଣ୍ଣନା କରିଛନ୍ତି ଏବଂ ଏହି ସବୁ ଦୋଷର ନିବାରଣ ଲୀଳାମୟ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ଲୀନ ହେଲେ ସମ୍ଭବ ବୋଲି ଦର୍ଶାଇଛନ୍ତି। କବି ବୃନ୍ଦାବତୀ ଦାସୀ ମଧ୍ୟ ଯୁଗୀୟ କାବ୍ୟାଦର୍ଶର ଅନୁସରଣରେ ଭଣିତା କ୍ରମରେ ରାଜା ଦିବ୍ୟସିଂହ ଦେବ ଙ୍କୁ ସ୍ଥାନିତ କରିଛନ୍ତି। ଯଥା,

"ଦିବ୍ୟସିଂହ ଦେବ ରାଜନ / ତ୍ରିଦଶ ଅଙ୍କେ ଏ
ରଚନ / ଶୁଭ ହୋଇଲା ଗ୍ରନ୍ଥ ଶେଷ /
ଶୁଣି ସକଳ ପାପନାଶ /କହଇ ଦାସୀ ବୃନ୍ଦାବତୀ /
କୃଷ୍ଣ ଚରଣେ ଦେଇ ମତି ।।"

ପ୍ରକୃତରେ ପ୍ରେମ ଭକ୍ତିର ଭାବର ପ୍ରତିଧ୍ୱନି ବୃନ୍ଦାବତୀ ଦାସୀଙ୍କ ଏହି କାବ୍ୟର ସ୍ପଷ୍ଟ ପରିଲିକ୍ଷିତ।

**ପୂର୍ଣ୍ଣତମ ଚନ୍ଦ୍ରୋଦୟ କାବ୍ୟର ବୈଶିଷ୍ଟ୍ୟ :**

୧. ଏହାର ଅନ୍ୟତମ ବୈଶିଷ୍ଟ୍ୟ ରୀତି କାବ୍ୟଦର୍ଶଠାରୁ ସାମନ୍ୟ ଭିନ୍ନ ଭାବରେ ନାରୀ ସୁଲଭ ନମନୀୟତା ପ୍ରକାଶ ପୂର୍ବକ କବି ଖଳ ନିନ୍ଦା ନ କରି ଖଳ ଜନ ମାନଂକୁ ସ୍ତୁତି କରିଛନ୍ତି।

୨. ପରକୀୟା ପ୍ରୀତି ସମ୍ବଳିତ ରାଧାକୃଷ୍ଣ ପ୍ରେମ ତତ୍ତ୍ୱର ଏହି କାବ୍ୟ ରଚନା ପାଇଁ ତତ୍କାଳୀନ ସମୟର ସମାଜ ଚକ୍ଷୁର ସମାଲୋଚନାରୁ ବର୍ତ୍ତିବା ପାଇଁ କବି ବୃନ୍ଦାବତୀ ଦାସୀ ନବମ ଅଧ୍ୟାୟରେ କୈଫୟତ ଦେଇଛନ୍ତି।

କବିଙ୍କ ମତରେ ଗୋପଲୀଳା ପୂର୍ଣ୍ଣତମ ଥିବାରୁ ଶ୍ରୀକୃଷ୍ଣ ସେଠାରେ ପୁରୁଷୋତ୍ତମ। ଏହିସବୁ ନିଗୁଢ଼ ତତ୍ତ୍ୱକୁ ଏକତ୍ର କରି କବି 'ପୂର୍ଣ୍ଣତମଚନ୍ଦ୍ରୋଦୟ' କାବ୍ୟ ରଚନା କରିଛନ୍ତି।

**ଉପସଂହାର**

ଶ୍ରୀକୃଷ୍ଣଙ୍କର ପରିପୂର୍ଣ ଲୀଳା କଥା ବର୍ଣ୍ଣିତ ହୋଇଛି ଉକ୍ତ କାବ୍ୟରେ। ଏହାର ଚମତ୍କାର ବର୍ଣ୍ଣନା ଶୈଳୀ, ଲାଳିତ୍ୟପଦ ସଂଯୋଜନା, ଏବଂ ଉପସ୍ଥାପନା ରୀତି ମଧ୍ୟ ଯୁଗୀୟ କବି ପ୍ରତିଭାର ଉଜ୍ଜ୍ୱଳ ନିଦର୍ଶନ ବୋଲି କୁହାଯାଇପାରେ। ଓଡ଼ିଆ ସାହିତ୍ୟରେ ରୀତି ଯୁଗ ଅଳଙ୍କାର ସର୍ବସ୍ୱ, ଧ୍ୱନି, ଓ ଛାନ୍ଦ ପୂର୍ଣ୍ଣ ରଚନାରେ ମଣ୍ଡିତ ହୋଇଥିଲେ ମଧ୍ୟ ବୈଷ୍ଣବ ଯୁଗର ଚିନ୍ତା ଧାରା ଅନ୍ତଃସ୍ରୋତା ଫଲଗୁ ରୂପେ ପ୍ରବାହିତ ହେବାକୁ ଲାଗିଲା। ଏହିପରି ଏକ ଯୁଗରେ ବୃନ୍ଦାବତୀ ଦାସୀଙ୍କର 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' କାବ୍ୟ ରଚିତ ହୋଇଥିଲା। ରୀତିକାଳୀନ ଆଡମ୍ବରରୁ କାବ୍ୟଟି ମୁକ୍ତ ଥିଲା। କୃଷ୍ଣ ଚରିତର ସହଜ ବୋଧ ପାଇଁ କବି ଶବ୍ଦାଡମ୍ବର ପରିତ୍ୟାଗ ପୂର୍ବକ ସାବଲୀଳ ଓ ସରଳ ଶୈଳୀରେ କାବ୍ୟଟିକୁ ସୁବୋଧ୍ୟ ଓ ସୁଖପାଠ୍ୟ କରି ଅଛନ୍ତି। କବି ବୃନ୍ଦାବତୀ ଦାସୀ ପରିଣତ ବୟସରେ ଏହି କାବ୍ୟଟିକୁ ରଚନା କରିଛନ୍ତି। କାବ୍ୟରେ କବି ଅନୁପ୍ରାସ, ଉପମା, ଉତପ୍ରେକ୍ଷା ଆଦି ଅଳଙ୍କାରମାନଙ୍କର ଯଥାଯଥ ବିନ୍ୟାସ, ଅର୍ଥଗୌରବ ଆଦିର ପ୍ରୟୋଗ ଏ ଗ୍ରନ୍ଥକୁ ଅଭିନବ ରୂପ ପାଟବରେ ରୁପାୟିତ କରିଛି। କବିସମ୍ରାଟ, କବିସୂର୍ଯ୍ୟଙ୍କ ଯୁଗରେ ନାରୀ କବି ଭାବେ ଆତ୍ମ ପ୍ରକାଶ ଲାଭ କରିଥିବା ବୃନ୍ଦାବତୀ ଦାସୀଙ୍କ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' କାବ୍ୟରୁ କବିଙ୍କର ଶ୍ରୀ କୃଷ୍ଣ ଭକ୍ତିପ୍ରାଣତା ଅନୁଭବ କରିହୁଏ।

**ସହାୟକ ଗ୍ରନ୍ଥସୂଚୀ :**


୧. ଓଡ଼ିଆ ସାହିତ୍ୟର ଇତିହାସ, ଦ୍ୱିତୀୟ ଭାଗ, ସୂର୍ଯ୍ୟ ନାରାୟଣ ଦାସ

୨. ଓଡ଼ିଆ ସାହିତ୍ୟରେ ନାରୀ ପ୍ରତିଭା, ସାବିତ୍ରୀ ରାଉତ, କଟକ ଷ୍ଟୁଡେଣ୍ଟ ଷ୍ଟୋର, ୧୯୭୦

୩. ଓଡ଼ିଆ ସାହିତ୍ୟ ରେ ଲେଖିକା, ଗୋପାଳ କୃଷ୍ଣ ଶ୍ରୀ ଚନ୍ଦନ, ଶ୍ରୀ କୃଷ୍ଣ ପ୍ରକାଶନୀ, ବ୍ରହ୍ମପୁର, ୧୯୮୬

୪. ସମୀକ୍ଷାଲୋକ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଦ୍ୟାପୁରୀ, କଟକ।

୫. ପୂର୍ଣ୍ଣତମ ଚନ୍ଦ୍ରୋଦୟ, ବୃନ୍ଦାବତୀ ଦାସୀ, ଶ୍ରୀ ରାଧାନାଥ କୋ.ଅପରେଟିଭ ପ୍ରେସ, କଟକ, ୧୯୨୭


# ପୁସ୍ତକ ସମୀକ୍ଷା

## BOOK REVIEW

## ପ୍ରସଙ୍ଗ ପୁରୁଣା ଭାବନା ନୂଆ

**ଶୁଭଶ୍ରୀ ଜେନା**

ଗବେଷିକା, ଫକୀରମୋହନ ବିଶ୍ୱବିଦ୍ୟାଳୟ




**ପୁସ୍ତକ :** ପ୍ରସଙ୍ଗ ପୁରୁଣା ଭାବନା ନୂଆ

**ପ୍ରାବନ୍ଧିକ :** ଦାଶରଥି ଦାସ

**ପ୍ରକାଶକ :** ସହଦେବ ପ୍ରଧାନ ,ଫ୍ରେଣ୍ଡସ୍ ପବ୍ଲିଶର୍ସ ,ବିନୋଦ ବିହାରୀ ,କଟକ

**ପ୍ରଥମ ପ୍ରକାଶକାଳ :** ୨୦୧୫

**ପୃଷ୍ଠା ସଂଖ୍ୟା :** ୪୨୪

**ମୂଲ୍ୟ :** ୩୦୦

**ଲେଖକ ପରିଚୟ :**

ଗ୍ରନ୍ଥ ରଚୟିତା ପ୍ରଫେସର ଦାଶରଥି ଦାସଙ୍କ ଜନ୍ମ ୧୯୩୬ ମସିହା । ଜଣେ ବୈଦ୍ଧିକ ,ସୂକ୍ଷ୍ମଦର୍ଶୀ ସାହିତ୍ୟ ସାମଲୋଚକ ଓ ଗବେଷକ ଭାବରେ ସେ ବହୁ ଖ୍ୟାତି ଅର୍ଜନ କରଛନ୍ତି । ତାଙ୍କ ସମାଲୋଚନାର ଗୁଣଗ୍ରାହିତା ମୂଲ୍ୟାୟନ ଯୁକ୍ତି ସମ୍ମତ ଓ ତଥ୍ୟ ଭିତିକ । ସଂସ୍କୃତ ,ଇଂରାଜୀ ,ବଙ୍ଗଳା ଓ ଭାରତୀୟ ସାହିତ୍ୟମାନଙ୍କ ସହ ଓଡ଼ିଆ ସାହିତ୍ୟର ତୁଳନାତ୍ମକ ସମାଲୋଚନା କରିବାରେ ସେ ଅସାମାନ୍ୟ କୃତିତ୍ୱ ଅର୍ଜନ କରିଛନ୍ତି । ତାଙ୍କ ସମାଲୋଚନାରେ ଗଭୀର ଅଧ୍ୟବ୍ୟବସାୟ ପ୍ରତି ଆନ୍ତରିକତା ପରିଲକ୍ଷିତ । ନିର୍ଭୀକ ଭାବରେ ସେ ଯେପରି ସୃଷ୍ଟିର ମହତ୍ୱ ଉଦ୍ଘାଟନ କରିଛନ୍ତି ସେହିପରି ନିରପେକ୍ଷ ଭାବରେ ସୃଷ୍ଟିର ଯାବତୀୟ ଦୋଷ ,ଦୁର୍ବଳତା ଦେଖାଇବାକୁ ସଂକୋଚ ବୋଧ କରିନାହାନ୍ତି । ସେ ତାଙ୍କ ସୂକ୍ଷ୍ମ ଅନୁଭବ ଶକ୍ତିରେ ସ୍ରଷ୍ଟାର ଅନ୍ତରକୁ ବୁଝି ତା'ର ସୃଷ୍ଟିର ମହତ୍ୱ ଉପଲବ୍ଧି କରି ସମାଲୋଚନାରେ ମନୋନିବେଶ କରଛନ୍ତି ।

**ଆଲୋଚନା :**

ପ୍ରଫେସର ଦାସଙ୍କର 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପୁସ୍ତକଟି ୧୨ଟି ଭିନ୍ନ ଭିନ୍ନ ବିଷୟକୁ ନେଇ ରଚିତ ହୋଇଥିବା ଏକ ଉଚ୍ଚକୋଟୀର ସମାଲୋଚନା ଗ୍ରନ୍ଥ । ଉକ୍ତ ପୁସ୍ତକଟି ୨୦୧୮ ମସିହାରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ । ୧୯୭୦ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଏହି ପ୍ରବନ୍ଧ ଗୁଡିକ ଝଙ୍କାରରେ ପ୍ରକାଶିତ । ସେ ସ୍ୱୀକାର କରିଛନ୍ତି ଯେ ଅନେକ ପ୍ରସିଦ୍ଧ ଲେଖକଙ୍କ ଗ୍ରନ୍ଥକୁ ଏହି ଆଲୋଚନା ଗୁଡ଼ିକର ଆଧାରଭାବେ ଗ୍ରହଣ କରାଯାଇଛି । ଏହି ସବୁ ଗ୍ରନ୍ଥ ପଢି ଯେଉଁ ଆନନ୍ଦ ପାଇଛନ୍ତି ,ତାହାକୁ ପାଠକଙ୍କ ସହିତ ବାଂଟିଦେବାକୁ ଚାହିଁଛନ୍ତି । ଦୀର୍ଘକାଳର ଜ୍ଞାନ ଅର୍ଜନ ଓ ଅଭିଜ୍ଞତାକୁ ନେଇ ତାଙ୍କର ଏହି ପ୍ରବନ୍ଧ ଗୁଡିକ ରଚିତ । ପୁସ୍ତକର ଭାଷା ସରଳ ଓ ସହଜ ହୋଇଥିବା ବେଳେ ବାକ୍ୟର

ଭାବ ଅତି ସୂକ୍ଷ୍ମ ଓ ଗଭୀର । ପୁସ୍ତକର ଅଧିକାଂଶ ପ୍ରବନ୍ଧ ବିଜ୍ଞାନ ସମ୍ମତ ଧାରାରେ ରଚିତ । ଉକ୍ତ ପୁସ୍ତକରେ କେବଳ ଓଡ଼ିଆ ସାହିତ୍ୟ ନୁହେଁ ସଂସ୍କୃତ ଓ ଇଂରାଜୀ ସାହିତ୍ୟର ପ୍ରଭାବ ପରିଲକ୍ଷିତ ହୋଇଥିଲେ ମଧ୍ୟ ପ୍ରବନ୍ଧ ଗୁଡିକ ସଂପୂର୍ଣ୍ଣ ମୌଳିକ । ଅନିଭବ କରିହୁଏ ସେ ବହୁ ଭାଷାର ପୁସ୍ତକ ପଢୁଥିବାରୁ ତାଙ୍କୁ ଏହିପରି ପ୍ରବନ୍ଧ ଲେଖିବାକୁ ପ୍ରେରଣା ମିଳିଛି ।

ଏହି ପୁସ୍ତକରେ ସ୍ଥାନିତ ହୋଇଥିବା ପ୍ରବନ୍ଧ ମଧ୍ୟରୁ ପ୍ରଥମଟି ହେଲା 'କବିତାର ଅନ୍ତର୍ଦ୍ଦେବତା' । କବିତ୍ୱ ଓ କଳ୍ପନା ଶକ୍ତିର ପରିଚୟ ପ୍ରଦାନକୁ ସକ୍ରିୟ ଭୂମିକା ଦେଇନାହାନ୍ତି ଉକ୍ତ ପ୍ରବନ୍ଧରେ । ସାରଳା ଦାସ ଓ ରାମକୃଷ୍ଣ ପରମହଂସଙ୍କ ଉପଲବ୍ଧି ପ୍ରାୟ ସମାନ । ରାମକୃଷ୍ଣଙ୍କୁ ଦକ୍ଷିଣକାଳି ଲେଖିବା ପାଇଁ ବତାଉଥିଲେ ବୋଲି ସେ ସ୍ୱୀକାର କରିଥିବା ବେଳେ ସାରଳା ଦାସଙ୍କୁ ସାରଳା ଚଣ୍ଡି ଯାହା କୁହନ୍ତି ସେ ଲେଖନ୍ତି ବୋଲି କହିଛନ୍ତି । କେବଳ ଭାରତର ନୁହେଁ ଭାରତ ବାହାରେ କବି ମାନେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ସେମାନେ ନିଜେ କବିତା ଲେଖନ୍ତି ନାହିଁ ; ଏହା ଏକ ପ୍ରକାର ସ୍ୱଭାବିକ ଶକ୍ତି ବା ଦୈବିକ ପ୍ରେରଣା । ଏହି ଶକ୍ତି ସମସ୍ତଙ୍କ ଠାରେ ମଧ୍ୟ ଦେଖାଯାଏ ନାହିଁ । ଏହି ଐଶଶକ୍ତି ସଂପନ୍ନ ଓ ତ୍ରୀକାଳଦର୍ଶୀ ବ୍ୟକ୍ତିଙ୍କ ଠାରେ ଦେଖାଯାଏ । ଗ୍ରୀସର ଦାର୍ଶନିକ ପ୍ଲାଟୋ ସକ୍ରେଟିସ୍‌ଙ୍କ ମୁଖରୁ Entheos ଶବ୍ଦଟି କହିଥିଲେ ଯାହାର ସଂସ୍କୃତ ଅର୍ଥ ଅନ୍ତର୍ଦ୍ଦେବତା । "ଏହାର ଦୁଇଟି ଅର୍ଥ ,ପ୍ରଥମଟି ସ୍ୱର୍ଗୀୟ ଆବେଗ ଓ ଦ୍ୱିତୀୟଟି ଦୈବିକ ଉନ୍ମାଦନ । ଏହି ଦ୍ୱିତୀୟ ଅର୍ଥଟି ଅନ୍ତର୍ଦ୍ଦେବତା ଅର୍ଥରେ ବ୍ୟବହୃତ" । ଆଲୋଚକ ଦାସ କହନ୍ତି ସମସ୍ତେ କବିତା ଲେଖନ୍ତି ହେଲେ ସମସ୍ତେ କବି ନୁହଁନ୍ତି । ଏମାନଙ୍କ ମଧ୍ୟରୁ କବି ବାଛି ହୋଇପଡେ । ତା ଉପରେ ଦୈବି ଶକ୍ତି ରହିଛି । କିଏ ଚାହିଁଲେ ମଧ୍ୟ ସେହି ଦୈବି ଶକ୍ତିକୁ ହାସଲ କରିପାରେ ନାହିଁ । ଏହା ନିଜ ମଧ୍ୟରେ ସଂଯୋଗ ହୋଇ ରହିଥାଏ । ଏହା ପୁଣି ସବୁବେଳେ ପ୍ରକଟ ହୁଏ ନାହିଁ ,ତାହାର ଇଚ୍ଛା ଅନୁସାରେ ହୁଏ ,କିଏ କହିଲେ ମଧ୍ୟ ସେ ପ୍ରକଟ ହୋଇ କବିତା ଲେଖେ ନାହିଁ । କବିଙ୍କୁ ସବୁବେଳେ କବିତା ଲେଖି ଆସେନା ,ତା'ର ମଧ୍ୟ ଉଚିତ ସମୟ ଅଛି ବୋଲି କହିଛନ୍ତି । ଅନ୍ତର୍ଦ୍ଦେବତା ବିଭିନ୍ନ ରୂପରେ ବିଦ୍ୟମାନ । ପ୍ରାଚ୍ୟରେ ସରସ୍ୱତୀ ,ଶିବ ଓ ବିଷ୍ଣୁ ପାଶ୍ଚାତ୍ୟରେ ମିଉଜ୍ । ହେଲେ ଓଡ଼ିଆ ସାହିତ୍ୟରେ ଦେବୀ ନୁହଁନ୍ତି ,ଦେବଙ୍କୁ ବେଶି ପ୍ରାଧ୍ୟାନ୍ୟ ଦିଆଯାଇଛି । ଅନ୍ତର୍ଦ୍ଦେବତା ବହୁରୂପୀ ,ସେ ଏକ ଓ ଅନେକ । କେତେବେଳେ କୁହାଯାଇଛି ଅନ୍ତର୍ଦ୍ଦେବତା ହେଉଛି ପ୍ରେରଣା ,ଆଉକେତେବେଳେ କହିଛନ୍ତି ପ୍ରେରଣା କିଛି ନାହିଁ । "କବିତା ହେଉଛି କବିଙ୍କର ବିପୁଳ ଆତ୍ମ ପ୍ରସ୍ତୁତିର ଫଳଶ୍ରୁତି"। ଭୀମଭୋଇଙ୍କୁ କେହି ଦେବୀ କି ଦେବ ପ୍ରେରଣା ଦେଇନାହାନ୍ତି । ମହିମା ସ୍ୱାମୀ ତାଙ୍କର ଗୁରୁ । ହେଲେ ଫକୀରମୋହନ ଏହାକୁ ସ୍ୱୀକାର କରିନାହାନ୍ତି । ଅନ୍ତର୍ଦ୍ଦେବତା ପାଖକୁ କବି ଯାଏ ନାହିଁ ,ତା ପାଖକୁ ସେ ଖୋଜି ଖୋଜି ଆସନ୍ତି । ଭୀମ ଭୋଇ କହନ୍ତି ମୁଁ କାହା ପାଖକୁ ଯାଇ ନାହିଁ ,ଗୁରୁ ନିଜେ ଆସିଛନ୍ତି । ବହୁ ଲେଖକକୁ ଦେବୀ ସ୍ୱପ୍ନରେ କହିଛନ୍ତି । କବିର କବିତା ଲେଖିବାର କୌଶଳକୁ ଦର୍ଶାଯାଇଛି । କବିତା କବି ହୃଦୟକୁ କିପରି ଆନ୍ଦୋଳିତ କରେ ,କେଉଁଠୁ ସେ ଭାବ ଆସି ତା ପାଖରେ ପହଂଚାଏ ସେ କଥା ସେ ଦର୍ଶାଇଛନ୍ତି । କବି ତା ହୃଦୟର ଭାଷାକୁ ସ୍ୱତଃସ୍ଫୁର୍ତ ଭାବରେ ବ୍ୟକ୍ତ ନକରି ପାଣ୍ଡିତ୍ୟ ଦର୍ଶାଇବାକୁ ଚେଷ୍ଟା କରେ । କବି ଓ ଅନ୍ତର୍ଦ୍ଦେବତା ମଧ୍ୟରେ ସଂପର୍କ କେତେ ଗଭୀର ଓ ସୂକ୍ଷ୍ମ ଭାବରେ ନିଜ ଭିତରେ ରହିଛି ସେ ବିଷୟରେ ଆଲୋଚନା କରି ଏହି ପ୍ରବନ୍ଧଟିକୁ ଶେଷ କରିଛନ୍ତି ।

ଦ୍ୱିତୀୟ ପ୍ରବନ୍ଧଟି ହେଉଛି 'ଶବ୍ଦାର୍ଥ ସାହିତ୍ୟତତ୍ତ୍ୱ' । ଉଚିତ୍ ଶବ୍ଦ ଓ ଉଚିତ ଅର୍ଥ ପ୍ରୟୋଗରେ ସାହିତ୍ୟ ଜୀବନ୍ତ ହୋଇ ଉଠେ ବୋଲି ନାନା ଭାବରେ ଆଲୋଚ୍ୟ । ପଂଚମ ଓ ଷଷ୍ଠ ଶତାବ୍ଦୀର ଭାମହ ଯେଉଁ ସାହିତ୍ୟର ସଂଜ୍ଞା ଦେଇଥିଲେ ତାହା ଯଥାର୍ଥ । "ସହିତ ଶବ୍ଦଟି ଶବ୍ଦ ଓ ଅର୍ଥର ସଂପତି କୁ ବୁଝାଇଥାଏ" । ଶବ୍ଦାର୍ଥ ସାହିତ୍ୟ ଯଥାର୍ଥ ଆଳଙ୍କାରିକ ହେଉଛନ୍ତି କୁନ୍ତକା" ବର୍ତମାନର ସାହିତ୍ୟ ଗଦ୍ୟମୟ । ପୂର୍ବରୁ ଗଦ୍ୟ ଓ ପଦ୍ୟ ଉଭୟ ରଚନା ହେଉଥିଲା ;ହେଲେ ସାହିତ୍ୟିକ ଗଦ୍ୟ ବିଶେଷ ନାହିଁ । କଥୋପକଥନର ଭାଷା ହିଁ ଗଦ୍ୟ । ଶବ୍ଦ ଓ ଅର୍ଥ ମଧ୍ୟରେ ଆତ୍ମା ଖୋଜିଛନ୍ତି । ଭାମହ ଅଳଙ୍କାରକୁ ପ୍ରଧାନ୍ୟ ଦେଇ ଆତ୍ମା ଖୋଜିନଥିଲେ । "ବାମନଙ୍କ ମତରେ କାବ୍ୟର ଆତ୍ମ ରିତୀ" । ଏହା ପରେ ରସ ଓ ଧ୍ୱନୀ କୁ ଆଲୋଚନା କରାଯାଇଛି ,ହେଲେ ଶବ୍ଦ ଅର୍ଥ ବିନା ସାହିତ୍ୟର ଗତି ନାହିଁ । ଶବ୍ଦ ମାନେ ଅର୍ଥ ଯୁକ୍ତ ଧ୍ୱନି । ଏହି ଶବ୍ଦ ଓ

ଅର୍ଥର ମତବ୍ୟକ୍ତି କରିବା ପାଇଁ ଗଠନବାଦର ପ୍ରବର୍ତକ ସୋସୁର କହନ୍ତି ଶବ୍ଦ ଓ ଅର୍ଥ ମଧ୍ୟରେ କୌଣସି ଆତ୍ମିକ ସମ୍ବନ୍ଧ ନାହିଁ । ଏହା ମନଗଢା କଥା , ଶବ୍ଦ ଚିହ୍ନିତ ବସ୍ତୁ ସଂପର୍କରେ ପ୍ରତ୍ୟୟ ସୃଷ୍ଟି କରେ ମାତ୍ର । ସୋସୁର ଆମ ପାଇଁ ଏତିକି ପ୍ରାସଙ୍ଗିକ ଯେ ,ସାହିତ୍ୟ ଗ୍ରନ୍ଥକୁ A language structure ଭାବରେ ଗ୍ରହଣ କରନ୍ତି । ଯାହା ଫଳରେ ଗୋଟିଏ ରଚନା ଏକ ନିର୍ଦ୍ଦିଷ୍ଟ ଅର୍ଥ ପ୍ରକାଶ କରେ । ଏହା ପରେ ଜାକ୍ ଦେରିଦା ଏହି ମତକୁ ଗ୍ରହଣ ନକରି ସେ କହିଲେ କୌଣସି ରଚନା ର ସୁନିର୍ଦ୍ଦିଷ୍ଟ ଅର୍ଥ ନାହିଁ । ବିଭିନ୍ନ ଦିଗରୁ ଅର୍ଥ ବାହାର କରି ବୁଝିବାକୁ ହୁଏ । ଆଲୋଚକ ଭଜ ରାଜଙ୍କ ଉକ୍ତିକୁ ଗ୍ରହଣ କରି ଶବ୍ଦ ଓ ଅର୍ଥ ମଧ୍ୟରେ ୧୨ ପ୍ରକାର ସଂବନ୍ଧ ଅଛି ବୋଲି କହିଛନ୍ତି । ଶବ୍ଦ ଓ ଅର୍ଥ ମଧ୍ୟରେ ୨ ପ୍ରକାର ଅର୍ଥ ରହିଥିବା କଥା ଉଲ୍ଲେଖ । "ମାଳତୀ ମାଧବ" ଓ "ଶିଶୁପାଳ ବଦ୍ଧ" ରୁ ଗୋଟିଏ ଗୋଟିଏ ଶ୍ଳୋକ ଉଦ୍ଧାର କରି ସାହିତ୍ୟ ଭଙ୍ଗ ହେଲେ କିପରି ରସ ଭଙ୍ଗ ହୁଏ ତାହା ଦର୍ଶାଇଛନ୍ତି । ବକ୍ରୋକ୍ତି ଶବ୍ଦ ଓ ଅର୍ଥର ଶୋଭା ଉତ୍ପନ୍ନ କରେ । ଏହି ପ୍ରବନ୍ଧଟିରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାଚୀନ ଠାରୁ ଆରମ୍ଭ କରି ଆଧୁନିକ ଲେଖକ ପର୍ଯ୍ୟନ୍ତ ସମସ୍ତଙ୍କ ମତାମତ ଆଲୋଚନା ଭୁକ୍ତ । କାଳିଦାସ ,କୁନ୍ତକ , ଭଜରାଜ ,ଭାମହ ଠାରୁ ଆରମ୍ଭ କରି ସୋସୁର ,ଦେରିଦା , ଆଇ.ରିଚାର୍ଡ ସମସ୍ତଙ୍କ ଉକ୍ତିକୁ ବାଖ୍ୟା କରିଛନ୍ତି ।

ତୃତୀୟ ପ୍ରବନ୍ଧ ହେଉଛି 'ଲକ୍ଷ୍ମୀ ପୁରାଣ ,ପୁର୍ନପାଠ ଓ ପୁନର୍ବିବେଚନ' । ଏହି ପ୍ରବନ୍ଧଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମାଜ ସଂସ୍କାର ,ଉଚ୍ଚ ନୀଚ ଜାତିପ୍ରଥା ,ନାରୀର ପ୍ରାଧାନ୍ୟ , ପୁରୁଷ ପ୍ରଧାନ ସମାଜର ନାରୀର ପ୍ରତିପାଦିତ ହୋଇଛି । ବଳରାମ ଦାସ ଥିଲେ ଲୋକ ଜୀବନର କବି । ଓଡିଶାର ସାମାଜିକ ଜୀବନର ଯାବତୀୟ ଚଳଣି ,ଆଚାର ବିଚାର ବିଧି ବିଧାନକୁ ସେ ତାଙ୍କର ପୁରାଣରେ ଅତି ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ବୋଲି ଉକ୍ତ ପ୍ରବନ୍ଧରେ ବର୍ଣ୍ଣିତ । ଶ୍ରୀ ଜଗନ୍ନାଥଙ୍କର ପାରିବାରିକ ଜୀବନ ଏହି ଗ୍ରନ୍ଥର ଉପଜୀବ୍ୟ ବିଷୟ । ଲକ୍ଷ୍ମୀଙ୍କର ଚଣ୍ଡାଳ ସାହିର ପ୍ରବେଶକୁ ବଳରାମ ସହ୍ୟ ନକରିପାରି ତୀବ୍ର ଭର୍ତ୍ସନା କରିଛନ୍ତି । ବଡଭାଇଙ୍କର ଆଦେଶ ପାଳନ କରି ଲକ୍ଷ୍ମୀଙ୍କୁ ଜଗନ୍ନାଥ ଶ୍ରୀମନ୍ଦିରରୁ ବାହାର କରିଦେବା ପ୍ରସଙ୍ଗ ବିସ୍ତାରିତ ଭାବରେ ବର୍ଣ୍ଣିତ । ଦୁଇଭାଇ ଲକ୍ଷ୍ମୀଛଡା ହେବା ,ଘରଛାଡି ବାରଦ୍ୱାର ଭିକ୍ଷା ମାଗିବା ,ଭିକ୍ଷା ନମିଳିବାରୁ ଚଣ୍ଡାଳୁଣୀ ଦ୍ୱାରା ଭିକ୍ଷା ମାଗିବା ଇତ୍ୟାଦି ପ୍ରସଙ୍ଗ ଏହି ପ୍ରବନ୍ଧରେ ସ୍ଥାନିତ । ଉଚ୍ଚ କୂଳରେ ଜନ୍ମ ହୋଇଥିବାରୁ ଅହଂକାର ଶେଷରେ କ୍ଷୁର୍ଣ୍ଣ ହୋଇଥିବା ପ୍ରସଙ୍ଗ ମଧ୍ୟ ରହିଛି । ଭକ୍ତି ପାଇଁ ଜାତି ,ବର୍ଣ୍ଣ ଓ ଧର୍ମର ସ୍ଥାନ ନାହିଁ ବୋଲି ମଧ୍ୟ କୁହାଯାଇଛି । ପ୍ରତ୍ୟେକ ସଧବା ନାରୀ ନୀତିନିୟମ ପୂର୍ବକ ମହାଲକ୍ଷ୍ମୀଙ୍କର ପୂଜା କରିବା ପାଇଁ ଉପଦେଶ ମଧ୍ୟ ବର୍ଣ୍ଣିତ । ଜାତି ଧର୍ମର ଭେଦ ଭାବକୁ ଦୂରେଇବା ପାଇଁ ଏଥିରେ ବାର୍ତା ରହିଛି । ଲକ୍ଷ୍ମୀଙ୍କର ଭଉଣୀ ଅଲକ୍ଷ୍ମୀ କଥାକୁ ବର୍ଣ୍ଣନା କରି ଲୋକମାନଙ୍କ ମଧ୍ୟରେ ଏକ ଭକ୍ତି ଭାବନା ସୃଷ୍ଟି କରାଯାଇଛି । ଅବନୀନ୍ଦ୍ର ନାଥ ଠାକୁରଙ୍କର 'ବାଂଲାର ବ୍ରତ' ଗ୍ରନ୍ଥରେ ଆଲପନାର ଭୂମିକା ଦର୍ଶାଯାଇଛି । ଡ. ସୁନୀତ କୁମାର ଚଟ୍ଟୋପାଧ୍ୟାୟ 'ଭାରତ ସଂସ୍କୃତି' ପ୍ରବନ୍ଧରେ କହିଛନ୍ତି ଆର୍ଯ୍ୟ ଓ ଅନାର୍ଯ୍ୟଙ୍କ ମିଶ୍ରଣ ଫଳରୁ ହିନ୍ଦୁ ଜାତିର ଉଦ୍ଭବ ଘଟିଛି । ଲକ୍ଷ୍ମୀଙ୍କର ବ୍ରତକଥାରେ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେଇଛନ୍ତି ,ଆଳସ୍ୟ ପରିହାର କରି ଗୃହ ବିଷୟ କରିବାକୁ ପ୍ରବର୍ତାଯାଇଛି । ସୀତାଙ୍କର ବନବାସ ଯିବା ପ୍ରସଙ୍ଗ ସହିତ ଲକ୍ଷ୍ମୀପୁରଣାର ପ୍ରସଙ୍ଗରେ ସାମଞ୍ଜସ୍ୟ ରହିଛି । ଲକ୍ଷ୍ମୀ ଭାର୍ଯ୍ୟା ନୁହନ୍ତି ,ଭାରିଯା । ରୁଦ୍ରସୁଧାନିଧିରେ ଥିବା ଅଷ୍ଟ ବେତାଳ ପ୍ରସଙ୍ଗ ଏଥିରେ ବର୍ଣ୍ଣିତ । ଫକୀରମୋହନଙ୍କ ସାଆନ୍ତାଣୀଙ୍କ ମୃତ୍ୟୁ ସହିତ ଲକ୍ଷ୍ମୀଙ୍କର ଘର ଛାଡିବା ପ୍ରସଙ୍ଗକୁ ଆଲୋଚକ ଅତି ଚତୁରତାର ସହିତ ସଂଯୁକ୍ତ କରିଛନ୍ତି । ରବୀନ୍ଦ୍ର ନାଥଙ୍କର 'ଅପମାନିତ' ,ରଥଯାତ୍ରା' 'ରଥେରରଶି' 'କବିର ଦୀକ୍ଷା' କବିତା ଗୁଡିକ ପଢିବା ପାଇଁ ପାଠକଙ୍କୁ ପ୍ରେରଣା ଦେଇଛନ୍ତି । ହେନେରିକ୍ ଇବସେନଙ୍କ A Dall's House ରେ ଚରିତ୍ର ନୋରା ଲକ୍ଷ୍ମୀଙ୍କର ଏକ ଭିନ୍ନ ଚିରତ୍ର ବୋଲି ପ୍ରାବନ୍ଧିକ ଉଲ୍ଲେଖ କରିଛନ୍ତି । ଶେଷରେ ସେ ନାରୀଙ୍କୁ ଏହି ପୁରାଣ ପଢିବା ପାଇଁ ପ୍ରଲୋଭିତ କରିଛନ୍ତି । ଏହା ପଢିଲେ ପୁଣ୍ୟଫଳ ମିଳିବ ।

ଚତୁର୍ଥ ପ୍ରବନ୍ଧଟିର ନାମ ହେଉଛି 'ମହୀମଣ୍ଡଳ ଗୀତା ; ଆତ୍ମ କଥନ ଓ ବ୍ରହ୍ମମନନ' । ଏହା କେବଳ ଗୀତା ନୁହେଁ ଆତ୍ମ କଥନ ଓ ଆତ୍ମ କଥା ଅତିକ୍ରମ କରି ବ୍ରହ୍ମମନନ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଯାହା ଲେଖୁ ଲେଖୁ ଲେଖି ହୋଇଯାଏ ,ତାହା

ହେଉଛି ଏହି ଗୀତା । ବଡଖେମୁଣ୍ଡିର ରାଜକୁମାର ବଳଭଦ୍ରଙ୍କ ଘର ଛାଡିବା କଥା ବର୍ଣ୍ଣିତ । ଅରିକ୍ଷିତ ନାମ କିପରି ଲୋକ ଲୋଚନକୁ ଆସିଛି ,ତାହା ମଧ୍ୟ ଆଲୋଚନା ଭୁକ୍ତ । ଘରଛାଡିବାର ବିଭିନ୍ନ କାରଣ ବର୍ଣ୍ଣନା କରି ତାହା ଭିତରୁ ଅରକ୍ଷିତ ଦାସ କେଉଁ କାରଣ ପାଇଁ ଏପରି ପଦକ୍ଷେପ ନେଇଥିଲେ ତାହା ମଧ୍ୟ ବର୍ଣ୍ଣିତ । ପ୍ରତିମା ଦର୍ଶନ କରିବେ ନାହିଁ ବୋଲି ତାହାର କାରଣ ମଧ୍ୟ ଏଥିରେ ରହିଛି । କେଉଁ କେଉଁ ସ୍ଥାନକୁ ସେ ଯାଇପାରିଛନ୍ତି ଆଉ କେଉଁ କେଉଁ ସ୍ଥାନକୁ ଯିବାର ଇଛା ଥିଲା ,ତାହା ମଧ୍ୟ ସ୍ଥାନିତ । "ମହିମଣ୍ଡଳ ଗୀତାଟି ପ୍ରଥମ ୩୫ ଅଧ୍ୟାୟ ଲେଖାଯାଇଛି ଖଣ୍ଡଗିରିରେ । ଅବଶିଷ୍ଟ ଅଂଶ ଅଳାଶୁଣୀରେ " । ସେ ନାରୀ ମାନଙ୍କର ସଂପର୍କରେ ଆସିଥିବା କଥା ଏଥିରେ ରହିଛି । ସେ ବହୁ ଶାସ୍ତ୍ର ପଠନ କରିଥିବା କଥା ଉଲ୍ଲେଖ । ବେଦାନ୍ତସାରର କଥାବସ୍ତୁ ସହିତ ମହିମଣ୍ଡଳ ଗୀତାର କଥାବସ୍ତୁ ମିଶି ଯାଇଥିବା କଥା ମଧ୍ୟ ଦେଖାଯାଏ । ଅରକ୍ଷିତ ଦାସଙ୍କ ଜୀବନର ଅନୁଭୂତି , ଅଭୀଜ୍ଞତା ଓ ଆବେଗ ମନର ଦୃଷ୍ଟିଭଙ୍ଗୀରେ ରଚିତ ହେଉଛି ଏହି ଗୀତାବୋଲି କହି ଆଲୋଚକ ପ୍ରବନ୍ଧଟିକୁ ଶେଷ କରିଛନ୍ତି ।

ପ୍ରାବନ୍ଧିକଙ୍କ ୫ମ ପ୍ରବନ୍ଧର ଶୀର୍ଷକ 'କବି ଭୀମ ଭୋଇଙ୍କ ବେଦାନ୍ତ ମାର୍ଗର ଏକ ସମ୍ଭାବ୍ୟ ଭୂମିକା' । ଶୀର୍ଷକଟିରୁ ହିଁ ଆଲୋଚନା ପ୍ରସଙ୍ଗର ଗଭୀରତା ,ନିଆରାପଣ ସମ୍ବନ୍ଧରେ ଧାରଣା ଜନ୍ମେ । ସାଧାରଣତଃ ଏପରି ବିଷୟବସ୍ତୁକୁ ଆଧାରକରି ସଂପ୍ରତି ଖୁବ୍ କମ୍ ବା ଆଦୌ କୌଣସି ଆଲୋଚନା କରାଯାଉ ନାହିଁ କହିଲେ ଚଳେ । ଏହାର ଏକ ମୁଖ୍ୟ କାରଣ ଗଭୀର ଅଧ୍ୟୟନ ,ସମୟ ସାପେକ୍ଷତା ,ଉଚିତ ଅନୁଶୀଳନ ଇତ୍ୟାଦି ହୋଇପାରେ । ସେହି ତୁଳନାରେ ପ୍ରାବନ୍ଧିକଙ୍କ ଏହି ଉଦ୍ୟମ ସାଂପ୍ରତିକ ସମାଲୋଚନା କ୍ଷେତ୍ରକୁ ଏକ ଅନନ୍ୟ ଉଦାହରଣ । ଆଲୋଚନାଟିରେ ଲେଖକଙ୍କ ଗଭୀର ଅଧ୍ୟବ୍ୟବସାୟ ପରିଲକ୍ଷିତ ।

ପ୍ରବନ୍ଧଟି ମୋଟ ୨୦ ଟି ଭାଗରେ ବିଭକ୍ତ ,ପ୍ରଥମ ଭାଗରେ ପ୍ରବନ୍ଧଟିର ଉଦ୍ଦେଶ୍ୟ ସଂପର୍କରେ ସଂକ୍ଷିପ୍ତ ଧାରଣା ଦେଇଛନ୍ତି । ଯଥା "ତେବେ କାହିଁକି ଭୀମଙ୍କୁ ନିରାକାର ବେଦାନ୍ତ ମାର୍ଗରେ ବୁଝାଇବାରୁ ବୁଝିଲେ ନାହିଁ ? ଉାର୍ଗଟି କଣ ପ୍ରକୃତରେ ଥିଲା ବେଦାନ୍ତ ମାର୍ଗ ? କେଉଁ ମାର୍ଗରେ ବୁଝିଲେ ଏବେ ? କବିଙ୍କ ବେଦାନ୍ତ ଦୃଷ୍ଟି ଭଙ୍ଗୀମା କଣ ପ୍ରଚଳିତ ବେଦାନ୍ତ ଚିନ୍ତାଠାରୁ ଭିନ୍ନ ଥିଲା ? ଏସବୁ ପ୍ରଶ୍ନର ଏଉର ଅନ୍ୱେଷଣ ସହଜ ସାଦ୍ଧ ନୁହେଁ । ଭୀମ ବେଦାନ୍ତ ମାର୍ଗ ପାଇଲେ କେଉଛଠୁ ?କିପରି ତାଙ୍କ ପାଖରେ ଗଡ଼ଜାତର ଅଭ୍ୟନ୍ତର ପ୍ରଦେଶରେ ପ୍ରସ୍ଥାନ ତ୍ରୟ ଉପନିଷଦ ,ବ୍ରହ୍ମସୂତ୍ର ଓ ଗୀତା ପହଞ୍ଚିଲା ସେଦିବ ଉନବିଂଶ ଶତାବ୍ଦୀରେ" ? ଏହିପରି କେତେକ ଅସମାହିତ ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ଦେବାକୁ ଯାଇ ସମାଲୋଚକ ରଚନା କରିଛନ୍ତି ଉକ୍ତ ପ୍ରବନ୍ଧ । ତେଣୁ ପ୍ରବନ୍ଧଟିରେ ମହିମା ଗୋସାଇଁ ଓ ଭୀମ ଭୋଇଙ୍କ ଭେଟ ପ୍ରସଙ୍ଗ ଉପସ୍ଥାପନା କରିବା ସହିତ ଭୀମ ଭୋଇ ଯେ ମୁର୍ଖ ଅପଣ୍ଡିତ ନଥିଲେ ତାହା ଉଲ୍ଲେଖ କରିଛନ୍ତି । ଭୀମଭୋଇଙ୍କ ସମ୍ବନ୍ଧିତ ସମସ୍ତ ମିଥ୍ ,ପୌରାଣିକତାକୁ ଏଡାଇ ଐତିହାସିକତାକୁ ଉଦ୍ଧାର କରିବାର ପ୍ରବଣତା ସମ୍ବନ୍ଧରେ ସୂଚନା ଦେଇ କିପରି ଭୀମଭୋଇଙ୍କ ସମ୍ବନ୍ଧିତ କିମ୍ବଦନ୍ତୀ ,କବୀର ଓ ସୁରଦାସଙ୍କର ସମ୍ବନ୍ଧିତ କିମ୍ବଦନ୍ତୀ ସହ ସମାନତା ରକ୍ଷା କରିଛି ,ଆଶ୍ଚର୍ଯ୍ୟ ଜନକ ଭାବେ ଭୀମଭୋଇ ଅନ୍ଧ ନଥିବା ସତ୍ୱେ କିପରି ସୁରଦାସଙ୍କ ସହିତ ସମାନ କରିବାକୁ ତାଙ୍କୁ ଅନ୍ଧ କୁହାଯାଇଛି । ବ୍ୟଙ୍ଗାତ୍ମକ କଥନ ଶୈଳୀରେ ,ସାମଲୋଚନାତ୍ମକ ଭାଷା ମାଧ୍ୟମରେ ଖଣ୍ଡନ କରିଛନ୍ତି ଉକ୍ତ ପ୍ରବନ୍ଧରେ । ଶେଷରେ ଭୀମଭୋଇ ଯେ ବେଦାନ୍ତ ମାର୍ଗୀ ତାହା ପ୍ରମାଣ କରିଛନ୍ତି ଏବଂ ଆଲୋଚନା ପରିପ୍ରେକ୍ଷୀରେ ପ୍ରାବନ୍ଧିକ ଚୈତନ୍ୟଙ୍କଠାରୁ ଆରମ୍ଭ କରି ରମାକାନ୍ତଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବେଦାନ୍ତମାର୍ଗୀଙ୍କ ସଂପର୍କରେ ଆଲୋଚନା କରିଛନ୍ତି । ପ୍ରସଙ୍ଗ ଅନୁଯାୟୀ ମହିମା ଧର୍ମ ତଥା ତାହାର ଆରମ୍ଭ ,ପ୍ରବର୍ତ୍ତନ ,ପ୍ରବାହ ସମ୍ବନ୍ଧରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି ।

ଫକୀରମୋହନଙ୍କ ୪ଟି ଉପନ୍ୟାସର ୧୧ଟି ଚରିତ୍ରର ମୃତ୍ୟୁକୁ ନେଇ 'ଫକୀରମୋହନ ଉପନ୍ୟାସରେ ମୃତ୍ୟୁ ଶୁଶ୍ରୂଷା' ପ୍ରବନ୍ଧ ରଚିତ । ପ୍ରାବନ୍ଧିକ ମୃତ୍ୟୁ ଓ ପ୍ରେମ ଦୁଇଭାଇ ବୋଲି କହି ଆଲୋଚନା କରିଛନ୍ତି । ସେ ତାଙ୍କ ଉପନ୍ୟାସରେ ଅତିଯତ୍ନ ସହକାରେ ଚରିତ୍ରମାନଙ୍କୁ ମାରିଛନ୍ତି ବୋଲି ଉକ୍ତ ପ୍ରବନ୍ଧରେ ବର୍ଣ୍ଣିତ । ଉପନ୍ୟାସରେ ଚରିତ୍ରମାନଙ୍କର ଅକାଳ ମୃତ୍ୟୁ ହୁଏ ନାହିଁ ,ଔପନ୍ୟାସିକ ସ୍ଥାନ କାଳ ଦେଖି ସାବଧାନରେ ମାରନ୍ତି ବୋଲି ଉଲ୍ଲେଖ କରିଛନ୍ତି । ଫକୀରମୋହନଙ୍କ

ଉପନ୍ୟାସର ଚରିତ୍ର ମାନଙ୍କର ମୃତ୍ୟୁ ବର୍ଣ୍ଣନା କରିବା ସଂଗେ ସଂଗେ ତାଙ୍କ ବ୍ୟକ୍ତିଗତ ଜୀବନରେ ଘଟିଥିବା ଘଟଣାକୁ ପ୍ରାବନ୍ଧିକ ଆଲୋଚନା କରିଛନ୍ତି । ତାଙ୍କ କବିତାରେ ଦେଖାଯାଇଥିବା ମୃତ୍ୟୁକୁ ସେ ସଂକ୍ଷେପରେ କହିଛନ୍ତି । କିଏ ରୋଗ ଭୋଗି ମରିଛି ତ ,କିଏ ମାଡ ଖାଇ ,କିଏ କୁମ୍ଭୀର ମୁହଁରେ ତ ,ଆଉ କାହାକୁ ହତ୍ୟା କରି ,କିଏ ସମାଜ କଥାକୁ ସହ୍ୟ ନକରିପାରି ଆତ୍ମ ହତ୍ୟା କରିଛି ତ ,ଆଉ କିଏ ଦୁଷ୍ଟିକିସ୍ତାରେ ମୃତ୍ୟୁ ପାଇଛି ,ଯାହା ଆଲୋଚନାର ପ୍ରସଙ୍ଗ । ଲେଖକ ଓ ପ୍ରାବନ୍ଧିକ ଚରିତ୍ରକୁ ଅତି ସମ୍ମାନର ସହିତ ମୃତ୍ୟୁ ଦେଇଛନ୍ତି । "ଉପନ୍ୟାସର ଚରିତ୍ର ମାନଙ୍କର ନିୟନ୍ତା କଥନକାର" । ସେ ସେମାନଙ୍କୁ ଗଢିଥିଲେ ଏବେ ମାରିଦେଲେ , ଏହିପରି ଗୋଟେ ପରେ ଗୋଟେ ୬ଟି ଚରିତ୍ରକୁ ପ୍ରାବନ୍ଧିକ ବର୍ଣ୍ଣନା କରିଛନ୍ତି । ଔପନ୍ୟାସିକ "ବାହାରି ଯାଅ" କହିଥିଲାବେଳେ ପ୍ରାବନ୍ଧିକଙ୍କ ଭାଷାରେ "Gate Out" ଶବ୍ଦ ଉଲ୍ଲେଖ । ସାଆନ୍ତାଣୀ ଓ ସାରିଆର ମରିବା ଢଙ୍ଗ ପ୍ରାୟ ସମାନ । ପ୍ରାବନ୍ଧିକ ଚମ୍ପା ଚରିତ୍ର ମାଧ୍ୟମରେ ପାଠକ ସମ୍ମୁଖରେ ଦୁଷ୍କର୍ମର ଫଳ କିପରି ଭୋଗିବାକୁ ହୁଏ ତାହା ଦର୍ଶାଇଛନ୍ତି । ଶେଷ ସମୟରେ ମଙ୍ଗରାଜର ଜୀବନ ଅତି ଦୟନୀୟ ଅବସ୍ଥା ଏବଂ ମୃତ୍ୟୁ ବେଳର ଚିତ୍ର ଅତି କରୁଣ ବୋଲି ପ୍ରାବନ୍ଧିକ ପାଠକ ଆଗରେ ଦର୍ଶାଇଛନ୍ତି । ପ୍ରାବନ୍ଧିକ ଲଛମା ଉପନ୍ୟାସକୁ ଅତି ସଂକ୍ଷିପ୍ତରେ ବର୍ଣ୍ଣନା କରିଛନ୍ତି । ଭାସ୍କର ପଣ୍ଡିତ କଥା ଅତି ସୁନ୍ଦର ଭାବେ ବର୍ଣ୍ଣିତ । ମାମୁଁ ଉପନ୍ୟାସରେ ପ୍ରାବନ୍ଧିକ ୨ଟି ଚରିତ୍ରର ମୃତ୍ୟୁ କୁ ବର୍ଣ୍ଣନା କରିଛନ୍ତି । ପ୍ରାଷ୍ଚିତ ଉପନ୍ୟାସରେ ଚାନ୍ଦମଣିର ବର୍ଣ୍ଣନା ଅତି ସଂକ୍ଷିପ୍ତ । ଇନ୍ଦୁମତୀ ଚରିତ୍ରକୁ ପ୍ରାବନ୍ଧିକ ଓ ଔପନ୍ୟାସିକ ବେଶୀ ପ୍ରାଧାନ୍ୟ ଦେଇଛନ୍ତି । ଇନ୍ଦୁମତୀ ବଂଚିଥିବା ବେଳେ ଯେତିକି ଗୁରୁତ୍ୱ ପାଇନଥିଲା ମୃତ୍ୟୁ ପରେ ତାର ଗୁରୁତ୍ୱକୁ ପ୍ରାବନ୍ଧିକ ପାଠକ ସମ୍ମୁଖରେ ପ୍ରଦାନ କରିଛନ୍ତି । ଇନ୍ଦୁମତୀ ଚମ୍ପା ଚରିତ୍ରକୁ ତୁଳନା କରି ପାଠକକୁ ଦେଖାଇବାକୁ ଚାହିଁଛନ୍ତି । ନାରୀର ରୂପ ବର୍ଣ୍ଣ ଓ ସୌନ୍ଦର୍ଯ୍ୟ ବର୍ଣ୍ଣନାକୁ ପ୍ରବନ୍ଧରେ ସ୍ଥାନ ଦେଇଛନ୍ତି । ଶେଷରେ ପ୍ରାବନ୍ଧିକ କାମୁୟଙ୍କର The Outsider ଉପନ୍ୟାସ ପ୍ରସଙ୍ଗକୁ ଆଣି ପାଠକ ମୁଖରେ ଜଣାଇବାକୁ ଚାହିଁଛନ୍ତି ଯେ ବର୍ତ୍ତମାନ ମୃତ୍ୟୁ ଶୋକାଛନ୍ନ ନୁହେଁ ସୁଖ ସୌଭାଗ୍ୟ ।

ସପ୍ତମ ପ୍ରବନ୍ଧଟି ହେଉଛି' ପରଜାର ଭିନ୍ନ ଏକ ଚରିତ୍ର' ପ୍ରବନ୍ଧଟିରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ପରଜା ଉପନ୍ୟାସର ଚରିତ୍ର ,ଜୀବନ ଶୈଳୀ ,ଭାଷା ଇତ୍ୟାଦି ସମ୍ବନ୍ଧରେ ଆଲୋଚ୍ୟ । ପ୍ରାବନ୍ଧିକ ପ୍ରଥମେ ଉପନ୍ୟାସଟିକୁ ସଂକ୍ଷିପ୍ତରେ ବର୍ଣ୍ଣନା କରିଛନ୍ତି। ରାଜକିଶୋର ମିଶ୍ରର ଆଲୋଚନା "ଗୋପୀନାଥଙ୍କ ଉପନ୍ୟାସର ମରମକଥା" ପଢିବା ପାଇଁ ପାଠକଙ୍କୁ ପ୍ରେରଣା ଦେଇଛନ୍ତି । ମୁଳତଃ ଉପନ୍ୟାସ ଗୋଟିଏ ଜାତିକୁ କେନ୍ଦ୍ରକରି ରଚିତ । ପରଜାର ଜମିକୁ ଝିଅ ସହିତ ତୁଳନା କରାଯାଏ । ୨000 ରେ ପ୍ରକାଶିତ" ସ୍ରୋତସ୍ୱତୀ" କୁ ବର୍ଣ୍ଣନା କରାଯାଇଛି । "Never Trust the Artist, true the tale" ଉପନ୍ୟାସ ଲେଖା ପାଇଁ ଲେଖକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି । ଔପନ୍ୟାସିକ କାଳ୍ପନିକ ଘଟଣାକୁ ପୁନଃକଥନ କରି ଉପନ୍ୟାସ ରଚନା କରେ ବୋଲି ସ୍ୱୀକୃତ । ଉପନ୍ୟାସରେ ପାଠକ ଓ ଲେଖକର ଗୁରୁତ୍ୱ ବର୍ଣ୍ଣନା କରିବା ସହିତ ୬ଟି ସତା କଥା ବର୍ଣ୍ଣନା କରିଛନ୍ତି । ୬ଟି ସତା ମଧ୍ୟରୁ ପ୍ରାବନ୍ଧିକ ୨ଟି ସତ୍ତାକୁ ଗୁରୁତ୍ୱ ଦେଇଛନ୍ତି ଯଥା -୧) ଆଭାସିତ ଲେଖକ ,୨) କଥନ କାରକ । ଆଭାସିତ ଲେଖକ ହେଉଛନ୍ତି ଲେଖକଙ୍କର ୨ୟ ସତା । କଥନକାର ହେଉଛି କାଳ୍ପନିକ ଚରିତ୍ର । ଔପନ୍ୟାସିକ ଦାମ୍ପତ୍ୟ ପ୍ରେମକୁ ଗୁରୁତ୍ୱ ନଦେଇ ଧାଙ୍ଗଡା ଧାଙ୍ଗିଡି ପ୍ରେମକୁ ଅଧିକ ଗୁରୁତ୍ୱ ଦେଇଛନ୍ତି ବୋଲି ପ୍ରାବନ୍ଧିକଙ୍କ ମତ । "ଭାରତୀୟ ଭାରତର ଅଧିକାର ହରାଇ ବିଟ୍ରିଶ ସରକାରଙ୍କ ପାଖରେ ଗୋତି ଖଟିଥିଲେ" ଏହି କଥା ସହିତ ପ୍ରାବନ୍ଧିକ ସୁକୁରଜାନି ଚରିତ୍ରକୁ ଅତିସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ପ୍ରକୃତି ଓ ଜୀବନ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରି କରି ଲାବଣ୍ୟବତୀ ଓ ଶ୍ରୀରାଧା ପାଖକୁ ଆସିଛନ୍ତି ,ଲାବଣ୍ୟବତୀ ଓ ଶ୍ରୀରାଧାର ଯୌବନ ବର୍ଣ୍ଣନା ଉପେନ୍ଦ୍ରଭଞ୍ଜ ଓ କବି ସୂର୍ଯ୍ୟ ଯେଉଁ ରସିକସି ଦେଖାଇଥିଲେ ଗୋପୀନାଥ ମହାନ୍ତି ମଧ୍ୟ ଜିଲି ବିଲିର ସ୍ନାନ ଲୀଳାରେ କମ ରସିକତା ଦେଖାଇ ନାହାନ୍ତି ପ୍ରାବନ୍ଧିକ କହିଛନ୍ତି । ପ୍ରାବନ୍ଧିକ ଜୀବନକୁ ଉପମେୟ ଓ ପ୍ରକୃତିକୁ ଉପମାନ ସହିତ ତୁଳନା କରି ଭାଷାରେ ଚିତ୍ରକଳ୍ପ କିପରି ସ୍ଥାନ ପାଇଛି ତାହାର ବହୁ ଉଦାହରଣ ଉଲ୍ଲେଖ । ଉପନ୍ୟାସଟିର ମୁଖ୍ୟ ଚରିତ୍ର ଜିଲି ଯାହାକୁ ପ୍ରାବନ୍ଧିକ ଅଧିକ ଗୁରୁତ୍ୱ ଦେଇଛନ୍ତି।

ପ୍ରାବନ୍ଧିକ ଜିଲି ଚରିତ୍ରକୁ କାଉ ସହିତ ତୁଳନା କରିଛନ୍ତି । ଧାଙ୍ଗଡା ଧାଙ୍ଗିଡି ମାନେ ନିଜର ମନକଥାକୁ କିପରି ପରଜା ଲୋକଗୀତ ମାଧ୍ୟମରେ କୁହାକୁହି ହୁଅନ୍ତି ତାହା ମଧ୍ୟ ବର୍ଣ୍ଣିତ । ପ୍ରାବନ୍ଧିକ ଶେଷରେ ପରଜାକୁ ରାଜାବୋଲି କହିଛନ୍ତି। ତାଙ୍କ ଜୀବନ ଚଳଣୀକୁ ବାଖ୍ୟା କରି ତାହାଙ୍କୁ ଅମୃତର ସନ୍ତାନ ଉପନ୍ୟାସର ବକ୍ତବ୍ୟ ସହିତ ତୁଳନା କରି ପ୍ରବନ୍ଧଟି ଶେଷ କରିଛନ୍ତି ।

ଓଡିଶାର ଇତିହାସ ଓ ସଂସ୍କୃତି ସଂପର୍କରେ ତାଙ୍କର ପ୍ରବନ୍ଧଟି ହେଉଛି 'କୃଷ୍ଣଚନ୍ଦ୍ର ପାଣିଗ୍ରାହୀ : ବୁଦ୍ଧି ,ବିବେକ ଓ ସୌନ୍ଦର୍ଯ୍ୟବୋଧ । ପ୍ରବନ୍ଧଟି ଜ୍ଞାନ ଚର୍ଚ୍ଚାର ସର୍ବୋତ୍ତମ ଲେଖାବୋଲି କହି ପ୍ରାବନ୍ଧିକ ପ୍ରବନ୍ଧଟିକୁ ଆଲୋଚନ କରିଛନ୍ତି । ପ୍ରତ୍ନତତ୍ତ୍ୱକୁ ନବୁଝିଲେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ବୁଝି ହେବ ନାହିଁ ବୋଲି ପ୍ରାବନ୍ଧିକ କହିଛନ୍ତି । କୃଷ୍ଣଚନ୍ଦ୍ର ଓଡିଶାର ଧର୍ମ , ସଂସ୍କୃତି ,ସାହିତ୍ୟ ,କିମ୍ବଦନ୍ତୀ ଓ ଇତିହାସ ଆଦି ବିଷୟରେ ବହୁ ପ୍ରବନ୍ଧ ଲେଖିଛନ୍ତି । ପ୍ରାବନ୍ଧିକ କହିଛନ୍ତି ଇତିହାସ ଓ ସାହିତ୍ୟ ଅଲଗା ଅଲଗା ହୋଇଥିଲେ ମଧ୍ୟ ଡ. ପାଣିଗ୍ରାହୀଙ୍କ ରଚନାରେ ଦୁହେଁ ହାତଧରା ଧରି ହୋଇ ଚାଲନ୍ତି । ପ୍ରାବନ୍ଧିକ "ମୋ ସମୟର ଓଡିଶା" ଓ "ପ୍ରବନ୍ଧ ମାନସ" ପଢିବା ପାଇଁ ପାଠକଙ୍କୁ କହିଛନ୍ତି । ମୋ ସମୟରେ ଓଡିଶା ପ୍ରବନ୍ଧରେ ୧୯୪୪ ଠାରୁ ୧୯୭୫ ମସିହା ପର୍ଯ୍ୟନ୍ତ ଓଡିଶାର ଚିତ୍ର , ଐତିହାସିକ ,ସାଂସ୍କୃତିକ ଚିତ୍ର ରହିବା ସହିତ ଲେଖକଙ୍କର ଆତ୍ମକଥା ,ସ୍ମୃତିକଥା ଓ ଅମୋ କ୍ତି ରହିଛି ବୋଲି ପ୍ରାବନ୍ଧିକଙ୍କ ମତ । ଲେଖକ ରାଜାରାଣୀ ମନ୍ଦିରକୁ ଚିତ୍ର କଳ୍ପ ଭାବରେ ଗ୍ରହଣ କରିଛନ୍ତି । ସେଥିରେ ପ୍ରାବନ୍ଧିକ ବ୍ୟାକୁଳ ହୋଇ ସମ୍ବନ୍ଧିତ କରିଛନ୍ତି । "ଓଡିଶାର ଇତିହାସ ଓ ଐତିହାସିକ ଉପାଦାନ" ପ୍ରବନ୍ଧରେ ଜାଲ୍ ଶିଳାଲେଖ ,ଜାଲ୍ ଅଭିଲେଖ , ଜାଲ୍ ତାମ୍ର ଶାସନ ,ଜାଲ୍ ପାଞ୍ଜି ,ଜାଲ ପଥି ଇତ୍ୟାଦି ସଂପର୍କରେ ସଂକ୍ଷିପ୍ତରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ସାହିତ୍ୟ ଓ ସଂସ୍କୃତି ,ମୋ ସମୟର ଓଡିଶା , ପ୍ରବନ୍ଧ ମାନସରେ ଐତିହାସିକର ଦାୟିତ୍ୱ ନେଇ ଉଲ୍ଲେଖ କରିଛନ୍ତି । ପ୍ରାବନ୍ଧିକ ଶେଷରେ ଜଗନ୍ନାଥ ଧର୍ମରେ ତ୍ରିମୂର୍ତ୍ତି ହେଉଛି ଯୁକ୍ତି ବିବେକ ଓ ସୌନ୍ଦର୍ଯ୍ୟବୋଧ । ଶିଳ୍ପ ସଂସ୍କୃତିର ଅଗ୍ରଗତି ପାଇଁ ବୁଦ୍ଧି , ବିବେକ ଓ ସୌନ୍ଦର୍ଯ୍ୟବୋଧ ବିକାଶ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଆମାନେ ତାଙ୍କ କଥା ଶୁଣନ୍ତୁ ବୋଲି ଶେଷରେ ପ୍ରାବନ୍ଧିକ କହି ପ୍ରବନ୍ଧଟି ଶେଷ କରିଛନ୍ତି ।

ରାଧାମୋହନ ଗଡନାୟକଙ୍କ କବିତା ରଚନା ଦୃଷ୍ଟିଭଙ୍ଗୀ ଏବଂ କବିତାଗୁଡିକୁ ଆଲୋଚନା କରି ପ୍ରବନ୍ଧଟିର ନାମ ଦେଇଛନ୍ତି 'ରାଧାମୋହନଙ୍କ କବିତାର ଧ୍ୟାନ ଓ ଧ୍ୱନି' । ପ୍ରବନ୍ଧଟି ସମୁଦାୟ ୭ଟି ଭାଗରେ ବିଭକ୍ତ । ପ୍ରାବନ୍ଧିକ ପ୍ରଥମରୁ ୧୯୧୧ରୁ ୨୦୦୦ ମସିହା ପର୍ଯ୍ୟନ୍ତ କବିତାର ରୂପକୁ ପାଠକ ସମ୍ମୁଖ ରେ ଆଙ୍କିଛନ୍ତି । ଇଂରାଜୀ ଲେଖକମାନଙ୍କ ସହିତ ଓଡ଼ିଆ ଲେଖକମାନେ ସମକକ୍ଷ । ବିଂଶ ଶତାବ୍ଦୀରେ କବିତାରେ ଗ୍ରୀକ୍ କିମ୍ବଦନ୍ତୀ ହଇଡ୍ରା ଅସୁର ପ୍ରତୀକ ମାଧ୍ୟମରେ ବୁଝାଇଛନ୍ତି । ଦ୍ୱିତୀୟ ଭାଗରେ ଅପଥଗାମୀ କବିତାରେ କବି କହିଛନ୍ତି "ଅପଥେ ମୁଁ ଯିବି ,ଅପଥେ ମୁଁ ଯିବି କରପଛେ ମୋତେ ତିରସ୍କାର" । ସହଜ ,ସରଳ ,ପରିଚିତ ପ୍ରଚଳିତ ପୁରୁଣା ପଥର କବି ଅଭିଯାତ୍ରୀ ବୋଲି ପ୍ରାବନ୍ଧିକ କହିଛନ୍ତି । ସେହି ସମୟରେ କବି ମାନେ ରବୀନ୍ଦ୍ରନାଥଙ୍କ ଦ୍ୱାରା ଅନୁପ୍ରେରିତ । ରବୀନ୍ଦ୍ରନାଥ ଙ୍କ ସହିତ ମାୟାଧର ମାନସିଂହଙ୍କୁ ତୁଳନା କରାଯାଏ । ପ୍ରାବନ୍ଧିକ କହିଛନ୍ତି ଯେ ଓଡ଼ିଆ କବିଙ୍କ ଭିତରେ ରବୀନ୍ଦ୍ର ନାଥଙ୍କ ଦୃଷ୍ଟି ବିଦ୍ୟମାନ । ରାଧା ମୋହନ ଗଡନାୟକ ରବୀନ୍ଦ୍ରନାଥଙ୍କ ଅନୁଜ ବୋଲି ପ୍ରାବନ୍ଧିକ କହନ୍ତି । ରବୀନ୍ଦ୍ରନାଥଙ୍କ "କଥା ଓ କାହାଣୀ" ସହିତ ଗଡନାୟକ ଜଡିତ ବୋଲି ଉଲ୍ଲେଖ । ତୃତୀୟ ଭାଗରେ ପ୍ରାବନ୍ଧିକ କହନ୍ତି ଗଡନାୟକ ମାର୍କ୍ସ ଓ ଫ୍ରଏଡଙ୍କ ଚେତନା ଦ୍ୱାରା ପ୍ରଭାବିତ , କିନ୍ତୁ ଟି.ଏସ. ଏଲିୟଟଙ୍କ କାବ୍ୟ ଚେତନା ତାଙ୍କ ରଚନାରେ ଦେଖାଯାଏ ନାହିଁ । ତାଙ୍କ ରଚନାରେ ପ୍ରେମ , ବିରହ ,ମିଳନ , ପଲ୍ଲୀ ପ୍ରାଣତା ଇତ୍ୟାଦି ଦିଗଥିଲେ ମଧ୍ୟ ସେ ଧ୍ୱନୀ ଓ ଛନ୍ଦକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ଚତୁର୍ଥ ଭାଗରେ କବିତାକୁ ୨ ଭାଗରେ ବିଭକ୍ତ କରି ଆଲୋଚନା କରିଛନ୍ତି । ୧) ଗୀତି କବିତା ,୨) ଗଳ୍ପ କବିତା । ପଂଚମ ଭାଗରେ ଗୀତି କବିତା ସମ୍ବନ୍ଧରେ ଆଲୋଚନା କରିଛନ୍ତି । ଭାବ ,ଛନ୍ଦ ଓ ଶବ୍ଦ ଉପରେ ଅଧିକ ଗୁରୁତ୍ୱ ଦେବା ଓ ପାଠକଙ୍କୁ ଉଦାହରଣ ସହ ବୁଝାଇଛନ୍ତି । ପଠନ ଯୋଗ୍ୟ ଅପେକ୍ଷା ଆବୃତି ଯୋଗ୍ୟ ଅଧିକ ଗୁରୁତ୍ୱ । ଷଷ୍ଠ ଭାଗରେ ଗଳ୍ପ କବିତାର ପ୍ରାବନ୍ଧିକ ବେଶୀ ଗୁରୁତ୍ୱ ଦେଇଛନ୍ତି । ଗଡନାୟକଙ୍କର ବହୁ କବିତା ଏଥିରେ

ଉଦାହରଣ ସ୍ୱରୂପ ଗ୍ରହଣୀୟ । ଶେଷରେ ପ୍ରାବନ୍ଧିକ ସୂର୍ଯ୍ୟ ଓ ଅନ୍ଧକାର ସଂକଳନଟି ଧୀରେ ଧୀରେ ପାଠକପ୍ରିୟତା ହରାଉଛି ବୋଲି କହିଛନ୍ତି । ରବୀନ୍ଦ୍ରନାଥ ବହୁ ଉକ୍ତିକୁ ପ୍ରାବନ୍ଧିକ ଉଦାହରଣ ସ୍ୱରୂପ ଗ୍ରହଣ କରିଛନ୍ତି ।

ପ୍ରାବନ୍ଧିକ ରମାକାନ୍ତ ରଥଙ୍କୁ ସାରସତ୍ୱର ସମ୍ମାନର କୃତଜ୍ଞତା ପ୍ରଦାନ କରି ତାଙ୍କ କବିତା ଲେଖିବାର କୌଶଳ ଶବ୍ଦ ପ୍ରୟୋଗ ଇତ୍ୟାଦିକୁ ଆଲୋଚନା କରି ପ୍ରବନ୍ଧଟିର ନାମ ରଖିଛନ୍ତି "ରମାକାନ୍ତ ରଥଙ୍କ କବିତା; ଏପାଖ ସେପାଖର କ୍ରିୟା ପ୍ରତିକ୍ରିୟା" ପ୍ରଥମ ସଂକଳନ କେତେଦିନର ପାଠକ ଆବୃତ ପାଇବା ସହିତ ଜୀବନ ଓ ମୃତ୍ୟୁ ର କ୍ରିୟା ପ୍ରତିକ୍ରିୟା ବର୍ଣ୍ଣିତ। ଶ୍ରୀରଥ କେବଳ କବିତା ନୁହେଁ ଗଳ୍ପ ରଚନା କରିଛନ୍ତି। ପ୍ରାବନ୍ଧିକ କୁହନ୍ତି ଶ୍ରୀରଥ ମୁଖବନ୍ଧ ନଲେଖି ପୃଷ୍ଠବନ୍ଧ ଲେଖନ୍ତି । ଶ୍ରୀରଥ ସଂକଳନଟି ଅଧିକ ପାଠକପ୍ରିୟତା ଅର୍ଜନ କରିଛି । Yves Bonnefoyଙ୍କ ଗୋଟିଏ କବିତାର "Here forever here " ସବୁଦିନ ଏପାଖ ଶ୍ରୀରଥଙ୍କର ସବୁଦିନ ସେପାଖ ଏକ ସଂକଳନ ରହିଥିବା କଥା ଉଲ୍ଲେଖ । ଏପାଖ ଆଲୋକିତ ଓ ସେ ପାଖ ଅନ୍ଧକାରଚ୍ଛନ୍ନ । ଶ୍ରୀ ପଳାତକର କାବ୍ୟ ନାୟକ ଲେଖକ ନିଜେ । ଶ୍ରୀରାଧା , ଶ୍ରୀପଳାତକ ,ଶ୍ରୀମାନ୍ତ ଦାସ ଓ ସେଦିନ ସେ ପାଖକୁ ଛାଡିଦେଲେ ଅନ୍ୟ ସଂକଳନକୁ ଆଲୋଚନ କରିନାହାନ୍ତି । ତାଙ୍କ କବିତାରେ ଅତି ସାଧାରଣ ଶବ୍ଦ ବ୍ୟବହାର କରନ୍ତି । ଶବ୍ଦ ସରଳ ହେଲେ ଅର୍ଥ ବହୁସ୍ତରୀ । ପ୍ରାବନ୍ଧିକ କୃତ ଜ୍ଞତା ଦେବା ସହିତ ତାଙ୍କ କବିତାରେ ଯେଉଁ ସ୍ତ୍ରୀଲୋକମାନଙ୍କୁ ଭଲ ପାଇଛନ୍ତି ସେ ତାଙ୍କ ସ୍ତ୍ରୀ ବୋଲି କହିଛନ୍ତି । ଶେଷରେ ଦୀର୍ଘାୟୁ କାମନା କରି ସେ ଅଧା ଲେଖିଥିବା କବିତାକୁ ଶେଷ କରିବା ପାଇଁ କହିଛନ୍ତି ।

ପ୍ରାବନ୍ଧିକଙ୍କ ଦୃଷ୍ଟିକୋଣ କେବଳ ଭାରତୀୟ ସାହିତ୍ୟରେ ସୀମିତ ନଥିଲା । ସେ ଭାରତ ବାହାରେ ପ୍ରକାଶ ପାଉଥିବା ପୁସ୍ତକ ଗୁଡିକୁ ଅଧ୍ୟୟନ କରିଥିବା ପ୍ରମାଣ ମଧ୍ୟ ତାଙ୍କ ପ୍ରବନ୍ଧରେ ରହିଛି । ସେ ପ୍ରବନ୍ଧଟିର ନାମକରଣ ମଧ୍ୟ ସେହି ଦୃଷ୍ଟିରୁ ଦେଇଛନ୍ତି । "ଆମେରିକାରେ ଫକୀରମୋହନ" ହେଉଛି ତାଙ୍କ ପ୍ରବନ୍ଧର ଶୀର୍ଷକ । ନାମକରଣରୁ ପ୍ରବନ୍ଧଟି ପଢିବାର ଉତ୍ସାହ ପାଠକ ଭିତରେ ଦେଖାଯାଏ । ଫକୀର ମୋହନ ଓଡ଼ିଆ ମାଟିରେ ଜନ୍ମହୋଇ ଏକବିଂଶ ଶତାବ୍ଦୀ ବେଳକୁ ଆମେରିକାରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛନ୍ତି । ପ୍ରବନ୍ଧଟିକୁ ପାଠକରି ଲେଖକଙ୍କ ଦୃଷ୍ଟିଭଙ୍ଗୀ ,ଗଭୀର ଅଧ୍ୟୟନର ଫଳସ୍ୱରୁପ ଏହି ଲେଖାଟି ବୋଲି ଧରିନେବାକୁ ହେବ ।

ପ୍ରାବନ୍ଧିକ ଏହି ପ୍ରବନ୍ଧଟିକୁ ୫ଟି ଭାଗରେ ବିଭକ୍ତ କରିଛନ୍ତି । ପ୍ରଥମ ଭାଗରେ ଗୋଟିଏ ଦେଶରେ ରଚିତ ସାହିତ୍ୟ ଅନ୍ୟ ଭାଷା ପାଖରେ ପହଂଚିବାର ଏକମାତ୍ର ମାଧ୍ୟମ ଅନୁବାଦ ସାହିତ୍ୟକୁ ଗୁରୁତ୍ୱ ଦିଆଯାଇଛି । ଇଂରାଜୀରେ ପ୍ରକାଶ ପାଇଥିବା ୩ଟି ପ୍ରବନ୍ଧର ନାମ ସହିତ ଦେଶ ବିଦେଶର ବିଶିଷ୍ଟ ଲେଖକଙ୍କର ନାମ ଉଲ୍ଲେଖ । ଉକ୍ତ ପ୍ରବନ୍ଧରେ ପ୍ରାବନ୍ଧିକ କେଉଁ କେଉଁ ପ୍ରଶ୍ନର ସମାଧାନ କରିଛନ୍ତି ,ତାହା ସଂକ୍ଷିପ୍ତରେ ଦର୍ଶାଇଛନ୍ତି ଯଥା- "ଆମେରିକା ଦୃଷ୍ଟିରେ ଛମାଣ ଆଠଗୁଣ୍ଠ" । ଦ୍ୱିତୀୟ ଭାଗରେ ଛମାଣ ଆଠଗୁଣ୍ଠ ସହିତ ଅନ୍ୟ ଭାଷାର ସାହିତ୍ୟ ସହିତ ତୁଳନାକୁ ଗୁରୁତ୍ୱ ଦିଆଯାଇଛି । ପ୍ରବନ୍ଧ ୩ଟିକୁ କେଉଁ ଦୃଷ୍ଟୀଭଙ୍ଗୀରେ ଆଲୋଚନା କରିଛନ୍ତି ତାହା ସଂକ୍ଷିପ୍ତରେ ଦର୍ଶାଯାଇଛି । ତୃତୀୟ ଭାଗରେ ଜଗତ ଓ ଜଗତତଳୁ "form below" ଉକ୍ତିକୁ ଆଲୋଚନା କରି ଉପନ୍ୟାସ ତତ୍ତ୍ୱବିତ୍ ବାକଟିନ୍‌ଙ୍କ ତତ୍ତ୍ୱକୁ ଛମାଣ ଆଠଗୁଣ୍ଠରେ କିପରି ପ୍ରୟୋଗ କରିଛନ୍ତି ତାହା ଆଲୋଚ୍ୟ । ଫକୀର ମୋହନଙ୍କ ଉପନ୍ୟାସକୁ କିଏ କେଉଁ ଦୃଷ୍ଟିରେ ବର୍ଣ୍ଣନା କରିଛନ୍ତି ,ତାହା ବର୍ଣ୍ଣିତ । ଚତୁର୍ଥ ଭାଗରେ ୩ଟି ପ୍ରବନ୍ଧକୁ ବିଶ୍ଲେଷଣ କରାଯାଇ ପ୍ରଥମଟି ବେଶୀ ଆକର୍ଷଣୀୟ ବୋଲି କୁହାଯାଇଛି । ପଂଚମ ଭାଗରେ ଆଲୋଚକକୁ ପ୍ରଶଂସା କରିବା ସତ୍ତ୍ୱେ ଛମାଣ ଆଠଗୁଣ୍ଠ ବିଶ୍ୱ ସାହିତ୍ୟରେ ତା'ର ସ୍ଥାନ ଆହୁରି ଗୁରୁତ୍ୱ ପାଉ ବୋଲି କୁହାଯାଇଛି ।

ପ୍ରାବନ୍ଧିକଙ୍କ ଶେଷ ପ୍ରବନ୍ଧ ହେଉଛି 'ବିଷୁବ ଭାଷଣ ପାଠକର ଦାୟ ଓ ଦାୟିତ୍ୱ' । ଏହି ପ୍ରବନ୍ଧଟି ୨୦୧୧ରେ ଝଙ୍କାର ପତ୍ରିକାର ଜନ୍ମଦିନ ଅବସରରେ ସଭାପତିଙ୍କ ଅଭିଭାଷଣ । ସାହିତ୍ୟକୁ ସମୃଦ୍ଧ କରିବାରେ ଝଙ୍କାର ପତ୍ରିକାର ଅବଦାନ ବହୁ ପରିମାଣରେ ରହିଛି । ଏହି ଅଭିଭାଷଣରେ ତାଙ୍କ ସହିତ ଜଡିତ ଥିବା ସମସ୍ତ ସାହିତ୍ୟିକ ମାନଙ୍କୁ ଶୁଭେଚ୍ଛା ଜଣାଯାଇଛି । ସଭାପତି ଆସନରେ ଉଠି କହିବା କେତେକଷ୍ଟ

ତାହାକୁ ସେ ଫକୀର ମୋହନଙ୍କ ଉଦାହରଣ ଦେଇ କହିଛନ୍ତି । ନୂଆ ପ୍ରଦେଶ ସୃଷ୍ଟି ହେବା ପରେ କିପରି ସମସ୍ତେ ଏକ ହୋଇ ରହିବେ ତାହା ଆଲୋଚ୍ୟ । ସମସ୍ତେ ଏକ ହୋଇ ରହିବାର ଯେଉଁ ମାଧ୍ୟମ ଗଢା ଯାଇଥିଲା ତାହା ଧୀରେ ଧୀରେ ନଷ୍ଟ ହେଉଛି ବୋଲି କେତେକ ପ୍ରଶ୍ନ ମାଧ୍ୟମରେ କୁହାଯାଉଛି । ଓଡିଶାରେ ବିଷୁବ ସଂକ୍ରାନ୍ତିରେ କି କି ପୂଜା ପର୍ବ ପର୍ବାଣୀ ପାଳିତ କରାଯାଏ ତାହା ବର୍ଣ୍ଣିତ । ପ୍ରାବନ୍ଧିକ ପାଠକମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଲେଖକର ଲେଖାପାଇଁ ପାଠକର ଗୁରୁତ୍ୱ ବେଶୀ । ପାଠକମାନେ ଦାୟିତ୍ୱ ସଂପୂର୍ଣ୍ଣ ସୂକ୍ଷ୍ମ ଦୃଷ୍ଟି ପଢିବା ପାଇଁ କୁହାଯାଇଛି । ପୁଣି କେତେ ପ୍ରକାର ପାଠକ ଅଛନ୍ତି ବୋଲି ସାହିତ୍ୟ ପାଇଁ କେଉଁ ପାଠ ଅତ୍ୟନ୍ତ ଗୁରୁତ୍ୱ ତାହା ଦର୍ଶାଯାଇଛି । ଶେଷରେ ଭଲ ପାଠକ ହେବା ପରେ ତାର ଦାୟିତ୍ୱ ଏବଂ କେତେ ପ୍ରକାର ସଂଜ୍ଞା ଉଲ୍ଲେଖ । ଧନ୍ୟବାଦ ଜଣାଇ ପ୍ରବନ୍ଧଟି ଶେଷ କରିଛନ୍ତି ।

**ନିଷ୍କର୍ଷ ବିନ୍ଦୁ ଆଲୋଚନା :**

- ପୁସ୍ତକର ନାମ "ପ୍ରସଙ୍ଗ ପୁରୁଣା ଭାବନା ନୂଆ" ରହିବାର ତାତ୍ପର୍ଯ୍ୟ ପୁରୁଣା ପୁସ୍ତକ ଉପରେ ନୂତନ ଦୃଷ୍ଟୀ ଭଙ୍ଗୀରେ ଆଲୋଚନା କରାଯାଇଛି ।
- ପୁସ୍ତକଟିରେ କେତେକ ସ୍ଥାନରେ ମୁଦ୍ରଣଗତ ତୃଟି ପରିଲକ୍ଷିତ ହୁଏ । ଏହା ସହିତ କମା ବ୍ୟବହାରରେ ମଧ୍ୟ ତୃଟି ଦେଖାଯାଏ ।
- ଉକ୍ତ ପୁସ୍ତକରେ ୧୨ଟି ବିଷୟକୁ ନେଇ ୧୨ଟି ପ୍ରବନ୍ଧ ସ୍ଥାନିତ। ୨ଟି ପ୍ରବନ୍ଧରେ ୮୦ ରୁ ଅଧିକ ପୃଷ୍ଠା ଦୀର୍ଘ ବର୍ଣ୍ଣନା ରହିଥିବା ବେଳେ ୩ଟି ପ୍ରବନ୍ଧରେ ୫୦ ରୁ ଅଧିକ ପୃଷ୍ଠା ରହିଛି ।
- ସମସ୍ତ ପ୍ରବନ୍ଧର ବିଭାଗୀକରଣ କରାଯାଇଥିବା ସ୍ଥଳେ ୨ଟି ପ୍ରବନ୍ଧରେ ବିଭାଗୀ କରଣ କରାଯାଇନାହିଁ । ସହାୟକ ଗ୍ରନ୍ଥ ସୂଚୀର ତାଲିକା ପ୍ରଦାନ କରାଯାଇନାହିଁ ।
- ଏହି ପ୍ରବନ୍ଧଗୁଡିକ ବହୁ ଉଚ୍ଚକୋଟୀର । ନିଃସନ୍ଦେହରେ କୁହାଯାଇପାରେ ଏହା ଛାତ୍ର ଛାତ୍ରୀ ଓ ଗବେଷକ ମାନଙ୍କୁ ଦିଗଦର୍ଶନ ଦେବ ।
- ପ୍ରବନ୍ଧଗୁଡିକରେ ଯାହା ବ୍ୟକ୍ତ କରିଛନ୍ତି ତାହା ଯୁକ୍ତି ମାଧ୍ୟମରେ ଦୃଷ୍ଟାନ୍ତ ସହିତ ଉପସ୍ଥାପନା କରିଛନ୍ତି ।
- ଗୋଟିଏ ଗୋଟିଏ ଶବ୍ଦ ଲେଖି ପୂର୍ଣ୍ଣଚ୍ଛେଦ ଦେଇଛନ୍ତି ।
- ହୀନ୍ଦି ,ଇଂରାଜୀ ଓ ବଙ୍ଗଳା ଭାଷାର ବହୁଳ ବ୍ୟବହାର ଦେଖାଯାଏ ।
- କର୍ତ୍ତାକର୍ମ, କ୍ରିୟାର ପରିବର୍ତ୍ତନ କରି ଇଂରାଜୀ ବାକ୍ୟ ଗଠନ ଦେଖାଯାଏ ।



# କବି ତୁହିନାଂଶୁ ରଥଙ୍କ ସହିତ ପତ୍ରାଳାପ

**ପରିଚୟ**

କବି ସର୍ବଦା ଗୋଟିଏ ଆଲୋକବର୍ତ୍ତିକା ପରି ଉଜ୍ଜ୍ୱଳ ଓ ଦୀପ୍ତିବନ୍ତ ହେଲେ ତା'ର ଜୀବନର ସଦା ଅନ୍ଧକାର ଭିତରେ ଜର୍ଜରିତ । ସେହିପରି ଜଣେ କବି ହେଉଛନ୍ତି ଶ୍ରୀଯୁକ୍ତ ତୁହିନାଂଶୁ ରଥ ଉତ୍ତର-ଅଶୀ ଦଶକର କାବ୍ୟ ଜଗତରେ ଜଣେ ପରିଚିତ ତଥା ପ୍ରତିଷ୍ଠିତ କବି ପ୍ରତିଭା । ଯାହାଙ୍କ ନିରଳସ ସାହିତ୍ୟ ସାଧନାରେ ବାଣୀ ଭଣ୍ଡାର ହୋଇଛି ବପୁଷ୍ଟମା ଶ୍ରୀ ରଥ ୧୯୬୪ ମସିହା ଜାନୁଆରୀ ମାସ ୩ ତାରିଖ ଶୁକ୍ରବାର ଦିନ ଯାଜପୁର ଜିଲ୍ଲାର କଣ୍ଟିଗଡ଼ିଆରେ ଜନ୍ମଗ୍ରହଣ କରିଥିଲେ । ପିତା ବୈକୁଣ୍ଠନାଥ ଥିଲେ ଜଣେ ଆଦର୍ଶବାଦୀ ଶିକ୍ଷକ ତଥା ଅଦ୍ୱିତୀୟ ପ୍ରାବନ୍ଧିକ ଓ ମାତା ପଦ୍ମିନୀ ଦେବୀ ଜଣେ ସୁଗୃହିଣୀ । ଜଣେ ଶିକ୍ଷକର ସନ୍ତାନ ହିସାବରେ ସେ ଥିଲେ ଜ୍ଞାନପିପାସୁ । ଏହି ଗଭୀର ଅନୁସନ୍ଧିତ୍ସା ଓ ଜ୍ଞାନପିପାସା ହେତୁ ସେ ସମାଜବିଜ୍ଞାନରେ ସ୍ନାତକୋତ୍ତର ଶ୍ରେଣୀରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ମଧୁପୁର ମହାବିଦ୍ୟାଳୟରେ ଅଧ୍ୟାପନା କ୍ଷେତ୍ରରେ କର୍ମମୟ ଜୀବନ ଆରମ୍ଭକରି ଅଧକ୍ଷ ଭାବରେ ଅବସର ଗ୍ରହଣ କରିଛନ୍ତି ।

ତାଙ୍କର ଲେଖନୀରୁ ଝରିପଡ଼ିଥିବା ଶବ୍ଦ ଗୁଡ଼ିକ ଯେଉଁ ଜୀବନର ମହାର୍ଘ୍ୟ ସଂଗୀତ ଗାନ କରନ୍ତି, ତାହାହିଁ ତାଙ୍କ ସାରସ୍ୱତ ସାଧନାର ସ୍ୱତନ୍ତ୍ର୍ୟତା ଭାବରେ ପରିଚିତି ଲାଭ କରିଛି । ତାଙ୍କ ପ୍ରଥମ ସୃଷ୍ଟି ଭାବରେ ଓଡ଼ିଆ ସାହିତ୍ୟକୁ ପ୍ରଦାନ କରିଛନ୍ତି 'ନାଭିନକ୍ଷତ୍ର'(୧୯୯୯) କବିତା ସଂକଳନ । ଯାହା ତାଙ୍କୁ ପ୍ରବିଷ୍ଟ କରାଏ ଓଡ଼ିଆ ସହିତ୍ୟ ଜଗତରେ । ଏବଂ ଏହି ପୁସ୍ତକର ପୁର୍ଣ୍ଣାଙ୍ଗ ସଫଳତା ପରେ, ତାଙ୍କର ଦ୍ୱିତୀୟ କବିତା ସଂକଳନ 'ଅତୁଠଶିଳା'(୨୦୦୩) ପ୍ରକାଶିତ ହୋଇ ଲୋକପ୍ରିୟତା ହାସଲ କରେ । ଏହା ପରଠାରୁ ସେ ଆଉ ପଛକୁ ବୁଲି ଚାହିଁ ନାହାନ୍ତି । ତାଙ୍କ ଲେଖନୀରୁ ବିଦଗ୍ଧ ପାଠକଙ୍କ ପାଇଁ ଅବାରିତ ଭାବରେ ସୃଷ୍ଟି ଲାଭ କରେ ଗୋଟିଏ ପରେ ଗୋଟିଏ କାବ୍ୟ କୁସୁମ 'ଆଖି ଅକ୍ଷର'(୨୦୦୫), 'ଶୋଷ ସନ୍ତକ'(୨୦୦୮), 'ମେଘ ଆଳାପ'(୨୦୧୦) ଓ 'ଉଦ୍ଭିଦଗର୍ଭ'(୨୦୧୩) ଆଦି କବିତା ଗ୍ରନ୍ଥ ପ୍ରକାଶିତ ହୋଇଛି । ଜଣେ ଉତ୍ତମ କବି ବ୍ୟତିତ ଜଣେ ଉତ୍କୃଷ୍ଟ ଅନୁବାଦକ ଭାବେ ମଧ୍ୟ ସେ ବିଖ୍ୟାତ । ତାଙ୍କର ଅନୁବାଦିତ ଗ୍ରନ୍ଥ 'ଜାପାନ(NBT)' ଓଡ଼ିଆ ପାଠକକୁ ବିମୁଗ୍ଧ କରିବା ସହିତ ସାରସ୍ୱତ ଭଣ୍ଡାରକୁ କରିଛି ବଳିଷ୍ଠ।

ଜଣେ ସମାଜବିଜ୍ଞାନୀ ଭାବରେ ସେ ସର୍ବଦା ସମୟ ଓ ସମାଜ ସଚେତନ। ଜଗତ ଓ ଜୀବନର ସମସ୍ତ ଘଟଣା ତାଙ୍କ ଲେଖନୀରେ ପ୍ରକାଶିତ ହେବା ଏକ ସାଧାରଣ ଘଟଣା, କିନ୍ତୁ ଜଗତ ପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀ ଅନ୍ୟ ଅପେକ୍ଷା ସ୍ୱତନ୍ତ୍ର ଓ ଶାଣିତ । ଜଗତ ଓ ଜୀବନକୁ ନେଇ ସେ ସୃଷ୍ଟି କରିପାରନ୍ତି କବିତାର ବିଳାସମୟ ସୌଧ ଜୀବନର ଚନ୍ଦ୍ରଭାଗାରେ ପାପ ଛଡ଼ା ମାଘ ସପ୍ତମୀର ବୁଡ଼ । ଜଣେ ସୁଦକ୍ଷ କବି, ଅନୁବାଦାକ ଓ ସଂପାଦକ ଭାବରେ ଓଡ଼ିଆ ସାହିତ୍ୟରେ ସେ ସୃଷ୍ଟି କରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ । ତାଙ୍କର ଅନନ୍ୟ ରଚନା ଶୈଳୀ ଓ ଚମତ୍କାର ସଂପାଦନା ପତ୍ରପତ୍ରିକାକୁ କରିଥାଏ ଅକର୍ଷଣୀୟ । ତାଙ୍କର ସଂପାଦନାରେ ଅଦ୍ୟାବଧି ପ୍ରକାଶିତ ପତ୍ରପତ୍ରିକାଗୁଡ଼ିକ ତାଙ୍କୁ ଜନବିଦିତ

କରିଛି । ପ୍ରସିଦ୍ଧ 'ଗୋକର୍ଣ୍ଣିକା' ସହିତ୍ୟ ପତ୍ରିକାର ସେ ସହସଂପାଦକ ଭାବରେ କାର୍ଯ୍ୟରତ। 'ଉମାୟନ' ପତ୍ରିକାର ସେ ମୁଖ୍ୟ ସଂପାଦକ ଭାବରେ କାର୍ଯ୍ୟ କରି ନିଜର ଦକ୍ଷତାର ପରିଚୟ ଦେଇଛନ୍ତି। ଏହା ବ୍ୟତିତ ଜାଗରଣ, ଅନିଶା ଓ ବୈକୁଣ୍ଠନାଥ ସୃଷ୍ଟି ସଂଭାର ଆଦି ପତ୍ରିକାଗୁଡ଼ିକରେ ସେ ସହ-ସଂପାଦକ ଭାବରେ ନିଜର ପଟୁତା ପ୍ରତିପାଦନ କରିଛନ୍ତି। ଯାହା ତାଙ୍କର ସାରସ୍ୱତ ଜ୍ଞାନ କଳେବରକୁ ବିପୁଳ ମାତ୍ରାରେ ପ୍ରଭାବିତ ଓ ବିକଶିତ କରିଛି। ଯେଉଁଥିପାଇଁ ସେ ହୋଇଛନ୍ତି ଅନେକ ପୁରସ୍କାର ଓ ସମ୍ମାନରେ ବିମଣ୍ଡିତ । ତାଙ୍କର ସାଧନା ଓ ସମର୍ପଣ ପାଇଁ ସେ ବିଭିନ୍ନ ସ୍ଥାନରୁ ପ୍ରାୟ ୨୫ରୁ ଉର୍ଦ୍ଧ ପୁରସ୍କାର ପ୍ରାପ୍ତ କରିଛନ୍ତି ।

୧. ମିଳନୀ ସାହିତ୍ୟ ସଂସଦ, ଦୁର୍ଗେଶ ପ୍ରସାଦ ଖାଡ଼ଙ୍ଗା ସ୍ମୃତି ପୁରସ୍କାର, କେନ୍ଦୁଝର

୨. ସାଥୀ ସାରଥୀ କବିତା ସମ୍ମାନ, ଦରିପୁର, ସୁକିନ୍ଦା, ଯାଜପୁର

୩. ଆହତ ପ୍ରଜାପତି କବିତା ସମ୍ମାନ, ଦଶରଥପୁର ଯାଜପୁର

୪. ଅନନ୍ତ ଭାରତୀ କବିତା ସମ୍ମାନ, ଶିଶୁ ଅନନ୍ତ ଅଶ୍ରମ, ଜଗତସଂହପୁର

୫. କବିତା ସମ୍ମାନ, ଗଣ ସାହିତ୍ୟ ପରିଷଦ, ନୃତ୍ୟାଙ୍ଗ, କଟକ

୬. ରବୀନ୍ଦ୍ର ପାଢ଼ୀ ସ୍ମୃତି ପୁରସ୍କାର, ଅଖିଳଚନ୍ଦ୍ର, ଅରେଇ, ଯାଜପୁର

୭. କବିତା ସମ୍ମାନ ମାହାଙ୍ଗା ସଂସ୍କୃତି ପରିଷଦ, ବନବିହାର, କୁଆଁପାଳ, କଟକ

୮. ବସନ୍ତ ମୁଦୁଲି କବିତା ପୁରସ୍କାର ଭଦ୍ରକ

୯. କବିତା ସମ୍ମାନ- ଓଡ଼ିଆ ଯୁବ ଲେଖକ ସମ୍ମେଳନ, ଓଡ଼ିଶା

୧୦. ସ୍ୱାଗତିକା କବିତା ସମ୍ମାନ, କଟକ

ଏପରି ଅନେକ ସମ୍ମାନ ଓ ପୁରସ୍କାର ଦ୍ୱାରା ସେ ବିଭୂଷିତ ହୋଇଛନ୍ତି । ଜଣେ ବାଣୀ ସାଧକ ହିସାବରେ ସେ ଗୋକର୍ଣ୍ଣିକା ସାହିତ୍ୟ ସଂସଦର ଉପସଭାପତି, ନବ ଜାଗରଣ ପରିଷଦ ଚଣ୍ଡିଖୋଲର ସଦସ୍ୟ ଓ ଯାଜପୁର ଜିଲ୍ଲା ଲେଖକ ସମ୍ମିଳନୀର ସଦସ୍ୟ ଓ କର୍ମୀ ଭାବରେ କାର୍ଯ୍ୟ କରିଛନ୍ତି ।

ତାଙ୍କର ସାହିତ୍ୟ ପ୍ରେରଣାଦାୟୀ ଓ ଏକ ଉଚ୍ଚ ସାହିତ୍ୟିକ ମୂଲ୍ୟରେ ଭୂଷିତ ହୋଇଛି । ଶ୍ରୀ ରଥଙ୍କର ସମୟ ୧୯୮୦ ପରବର୍ତ୍ତୀ ହୋଇଥିବାରୁ ତାଙ୍କର କବିତା ମଧ୍ୟରେ ସମୟ ସୁଲଭ ଗୁଣାବଳୀଗୁଡ଼ିକ ବିକାଶ ଲାଭ କରିବାରେ ସକ୍ଷମ ହୋଇଛନ୍ତି । ତେବେ ଜନଜାତୀୟ ଗବେଷଣାତ୍ମକ କବିତା ପାଇଁ ତାଙ୍କ ସହିତ ଆମର ଏହି ପତ୍ରାଳାପ ଆପଣମାନଙ୍କ ନିକଟରେ ପ୍ରସ୍ତୁତ କରୁଛୁ ।

**ପତ୍ର ଆଳାପ**

**ପ୍ରଶ୍ନ-** ଜନଜାତି ସମୁଦାୟ ବିଷୟରେ ଆପଣଙ୍କ ଅବଧାରଣା କ'ଣ ?

**ଉତ୍ତର-** ପ୍ରକୃତିର ନୈସର୍ଗିକ ସନ୍ତାନ ଭାବେ ମୁଁ ଜନଜାତି ସମୁଦୟାକୁ ବୁଝେ। ତାଙ୍କର ଜୀବନ ସ୍ୱତସ୍ଫୂର୍ତ, ପ୍ରାକୃତିକ, ସରଳ ଓ ସ୍ୱାଭାବିକ। ସମୂହ ଜୀବନ ଓ ସହପ୍ରଣତା ତାଙ୍କ ବଞ୍ଚିବାର କଳା। ପ୍ରକୃତି ସହ ସହବନ୍ଧନ ତାଙ୍କ ଜୀବନର ଧାରା। ମୁଁ ଗୋଟିଏ କବିତାରେ ତାଙ୍କ ସମ୍ପର୍କରେ ମୋ ଧାରଣାକୁ ପ୍ରକାଶ କରିଛି। "ଅନେକ ଦିନରୁ ସେ ଜୀବନକୁ ଧର୍ମ ବୋଲି ବୁଝିଥିଲେ / ବୁଝିଥିଲେ, ଜଙ୍ଗଲର ଝୁମାଝୁମା ମକର ମେଳରେ / ଡଙ୍ଗରର ଡିବିଡିବି ମାଦଳା ମାଡରେ / ଝରଣାର ଝରଝର ନାଚରେ / ଜୀବନ ଗୋଟେ ମଉଜ / ମୃତ୍ୟୁ ତାର ରଙ୍ଗ ରସ" (କନ୍ଧମାଳ, ପୃଷ୍ଠା, ୩୭,

ମେଘଆଳପ)

**ପ୍ରଶ୍ନ-** ଭାରତରେ ବସବାସ କରୁଥିବା ଜନଜାତି ସମୁଦାୟଙ୍କ ମଧ୍ୟରୁ କେଉଁ ସମୁଦାୟ ସହିତ ଆପଣ ପ୍ରତ୍ୟକ୍ଷ ଭାବରେ ପରିଚିତ ?

**ଉତ୍ତର-** ପ୍ରତ୍ୟକ୍ଷ ସମ୍ପର୍କ ନାହିଁ କହିଲେ ଚଳେ। କିନ୍ତୁ ଭ୍ରମଣ ଅବକାଶରେ, ଅଧ୍ୟୟନ ଭ୍ରମଣ(Study Tour) ବେଳେ ସେମାନଙ୍କ ଜୀବନକୁ ଦେଖିଛି। ଆମ ଗାଁ ପାଖରେ ଏକ ଶବର ବସ୍ତି ଅଛି। ଯେଉଁମାନେ ଘୁମୁର ନାଚ ନେଇ ପ୍ରସିଦ୍ଧ। ଧୂମ ଖରାବେଳେ ମୁଣ୍ଡ ପୋତା କେଳାଙ୍କ ସମ୍ପର୍କରେ ଆସିଛି। ତାକୁ ନେଇ କବିତା ଲେଖିଛି।

**ପ୍ରଶ୍ନ-** ଆପଣ କେବେ ଜନଜାତି ସମୁଦାୟ ବିଷୟରେ ପ୍ରଥମ କବିତା ରଚନା କରିଥିଲେ ?

**ଉତ୍ତର-** ହଁ, ପ୍ରାୟ ୧୯୮୭ ବେଳେ ବଣଭୋଜି କଲାବେଳେ ଗନ୍ଧମାର୍ଦ୍ଦନ ପାହାଡ଼ ନିକଟରେ ଦେଖିଥିଲି କିପରି ଲଙ୍ଗଳା, ରୁଗ୍ଣ, ଆଦିବାସୀ ପିଲାମାନେ ଛିଡ଼ାଥିବା ମାଂସ ଓ ମୁଠିଏ ଭାତପାଇଁ ତହଳ ବିକଳ ହୋଇ ଚାହିଁ ରହିଥାନ୍ତି। ମୋ ଭିତରେ ଖୁବ୍ ପ୍ରତିକ୍ରିୟା ହୋଇଥିଲା। ଥିଲା-ନଥିଲା ଲୋକଙ୍କ ଭିତରେ ଥିବା ଏହି ଭେଦ ଭାବର ପାଚେରି ଦେଖି। 'ସୂର୍ଯ୍ୟାସ୍ତ'(ପୃ- ୨୯, ନାଭିନକ୍ଷତ୍ର) କବିତାରେ ଏ ବେଦନା ପ୍ରକଟିତ। ପରେ ଗୋପୀନାଥ ମହାନ୍ତିଙ୍କ 'ପରଜା' ପଢ଼ିଲା ପରେ ଆଦିବାସୀମାନେ କିପରି ଶୋଷଣର କ୍ରମବର୍ଦ୍ଧିଷ୍ଣୁ ଅତ୍ୟାଚାରରେ ଲୁଣ୍ଠିତ ହୁଅନ୍ତି, ତାକୁ ନେଇ 'ଶୁକ୍ରୁଜାନି' କବିତା ଲେଖିଥିଲି(ପୃ- ୭୩, ଅତୁଠଶିଳା) ପରେ ପରେ, 'ବାଉଁଶରାଣୀ', 'କନ୍ଧମାଳ', 'ମାଟିଆ କେଳା', 'ଅମ୍ବାଟାକୁଆ', 'କଳାହାଣ୍ଡି', 'ପଥରକାବ୍ୟ' ଇତ୍ୟାଦି ଲେଖିଛି।

**ପ୍ରଶ୍ନ-** ଜନଜାତି ସମୁଦାୟ ବିଷୟରେ କବିତା ରଚନା କରିବାପାଇଁ ଆପଣଙ୍କ ପ୍ରେରଣାର ସ୍ରୋତ କ'ଣ ଥିଲା ?

**ଉତ୍ତର-** ସେମାନଙ୍କର ପ୍ରକୃତି ସହିତ ସଂପୋଷଣୀୟ ସମ୍ପର୍କ କେମିତି ସଭ୍ୟତା ଚାପରେ, ସେମାନଙ୍କ ଜୀବନକୁ ଉପାନ୍ତ କରିଦେଇଛି ! ଯିଏ କେନ୍ଦ୍ରରେ ଥିଲା, ସେମାନେ କିପରି ଅବହେଳିତ ଶୋଷିତ ହୋଇ ସାଂସ୍କୃତିକ ଉପାନ୍ତୀକରଣ ପ୍ରକ୍ରିୟାରେ ନିଜକୁ ହରାଇ ଦେଉଛନ୍ତି, ତାକୁ ଅନୁଭବ କରି ମୁଁ କବିତା ଲେଖିଛି। ଏକପ୍ରକାରେ କହିଲେ 'ସାମାଜିକ ବହିଷ୍କରଣ'ର ପ୍ରଭାବକୁ ନେଇ ମୁଁ କବିତା ଲେଖିଛି।

**ପ୍ରଶ୍ନ-** ଓଡ଼ିଶାର ଜନଜାତି ସମୁଦାୟର ସ୍ଥିତି ବିଷୟରେ ଆପଣ ଅଭିମତ କ'ଣ ?

**ଉତ୍ତର-** ସେମାନଙ୍କ ସ୍ଥିତି ଏବେ ବହୁ ପରିବର୍ତ୍ତନ ସ୍ରୋତରେ ବିଭିନ୍ନ ରୂପରେ ପ୍ରକଟିତ। ସଂସ୍କୃତିକରଣ ଧାରାରେ, ପଶ୍ଚାତ୍ୟକରଣ ଧାରାରେ, ଜଗତୀକରଣ ଧାରାରେ ସେମାନଙ୍କର ଜୀବନ ଏତେ ବେଶି ପ୍ରଭାବିତ ଯେ ସେମାନଙ୍କ ବାସ୍ତବ ସ୍ଥିତି ସମ୍ପର୍କରେ ସ୍ପଷ୍ଟ କହିବା କାଠିକର ପାଠ।

**ପ୍ରଶ୍ନ-** ଓଡ଼ିଶାର ଜନଜାତି ସମୁଦାୟ ସଂସ୍କୃତିର ପ୍ରଚାର ଓ ଏହାର ସୁରକ୍ଷା ପାଇଁ ସାଧାରଣରେ ଆମେ କେତେ ସଚେତନ ବୋଲି ଆପଣଙ୍କର ଧାରଣା ?

**ଉତ୍ତର-** ଆମ ସଚେତନତା କଥା ଉଠିଲେ ଗୋଟିଏ କଥା ସ୍ପଷ୍ଟ ଯେ ଆମପାଇଁ ସେମାନେ 'ପ୍ରଦର୍ଶନୀୟ ଯାଦୁଘର'। ସେମାନଙ୍କ ସୁରକ୍ଷାକୁ ନେଇ ଏକ ଉପରଠାଉରୀୟ ପଦକ୍ଷେପ ନିଆଯାଉଛି ଉଭୟ ସରକାର ଓ ବେସରକାରୀ ସ୍ତରରେ। ଜଣେ ସମାଜବିଜ୍ଞାନର ଛାତ୍ର ଭାବରେ ସେମାନଙ୍କ ସୁରକ୍ଷା ଓ ସମାଧାନ ପାଇଁ B.D. Sharma

(୧୯୮୭-୮୯) ଯେଉଁ ରିପୋର୍ଟ ରାଷ୍ଟ୍ରପତିଙ୍କୁ ଲେଖିଥିଲେ ତାହା କ'ଣ ବାସ୍ତବ ରୂପ ନେଇପାରିବା ?

**ପ୍ରଶ୍ନ-** ଜନଜାତି ସମୁଦାୟର ସାମାଜିକ ଓ ସାଂସ୍କୃତିକ ବିକାଶ ଓ ସୁରକ୍ଷା ପାଇଁ ସାହିତ୍ୟ କିପରି ଭାବରେ ସହାୟତା କରିପାରିବ ?

**ଉତ୍ତର-** ସାହିତ୍ୟର ଏକ 'ସଞ୍ଚାରୀ ଭାବ' ଅଛି। ଏହା ସଂବେଦନ ପ୍ରସ୍ତୁତ କରେ ଓ ସୁରକ୍ଷାପାଇଁ ସଚେତନତା ଓ ପ୍ରତିବଦ୍ଧତା ସୃଷ୍ଟି କରିପାରେ ବୋଲି ମୋର ବିଶ୍ୱାସ ଅଛି।

**ପ୍ରଶ୍ନ-** ଆପଣ ଆପଣଙ୍କ କବିତାରେ ଜନଜାତି ସମୁଦାୟଦ୍ୱାରା ବ୍ୟବହୃତ ଭାଷା ବା ଶବ୍ଦର ବ୍ୟବହାର କରନ୍ତି କି ? ବା(କିପରି ବ୍ୟବହାର କରନ୍ତି।)

**ଉତ୍ତର-** 'ଝୋଲା', 'ଗୋଡି', 'କୋରେଇ ଫୁଲ', 'ମାଦଳ', 'ମହୁଲି', 'ମାଟିଆ କେଳା' ଇତ୍ୟାଦିର ପ୍ରୟୋଗ ହୋଇଛି। 'ମାଟିଆ କେଳା' ଅସମାନତାପାଇଁ ଏକ ଚିତ୍ରକଳ୍ପ।

**ପ୍ରଶ୍ନ-** ଆପଣ ନିଜକୁ ଜନଜାତି ସମୁଦାୟର ସଂସ୍କୃତି ଦ୍ୱାରା ପ୍ରଭାବିତ ବୋଲି ମନେକରନ୍ତି କି ? (ଯଦି ହଁ ତେବେ କାହିଁକି ?)

**ଉତ୍ତର-** ହଁ, ସେମାନଙ୍କ ଗୋଷ୍ଠି ଜୀବନ ସହ ମୁଁ ଭାରି ପ୍ରଭାବିତ। ସେମାନଙ୍କ ଜୀବନ ଗୋଟିଏ ଧର୍ମ ସମ୍ପର୍କର, ଅନୁଗତ୍ୟର, ଜୀବନର ନାନାଦି ଯନ୍ତ୍ରଣା ଭିତରେ ଅଭିଳାଷୀ ହେବାର। ଏବେ ଆପଣାର ଲକ୍ଷ୍ୟ କରିବା। ଆମ ଜୀବନରେ ଆମେ 'ଭାବ ଜଗତରୁ' 'ଭୋକ ଜଗତ'କୁ ନିକ୍ଷିପ୍ତ। ଆଦିବାସୀଙ୍କର ଜୀବନଧାରାରେ 'ଭାବ ଜଗତ'ର ଐଶ୍ୱର୍ଯ୍ୟ ଅଧିକ ଥାଏ। ଯାହା ମୋତେ ଆକୃଷ୍ଟ କରିଥାଏ।

**ପ୍ରଶ୍ନ-** ଆପଣ ଜନଜାତି ସମୁଦାୟକୁ ଉପାନ୍ତିତ(ଉପେକ୍ଷିତ) ବୋଲି ମାନେକରନ୍ତି କି ? (ଯଦି ହଁ ତେବେ କାହିଁକି ?)

**ଉତ୍ତର-** ହଁ, ସେମାନେ ଏବେ ଉପେକ୍ଷିତ ଓ ଉପାନ୍ତିତ। ପରିବର୍ତ୍ତନର ଧାରା ଏବେ ଏତେ ପ୍ରଖର ଯେ ସେମାନେ ଜାଣିପାରୁନାହାନ୍ତି ସେମାନଙ୍କ ଜୀବନର ସଙ୍ଗୀତ କ'ଣ ? ଜୀବନର ଶୃଙ୍ଖଳା କ'ଣ ? ସତ କହିଲେ ସେମାନେ ପୂର୍ଣ୍ଣ ଭାବରେ ଜୀବନ ଘଟଣାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଉନାହାନ୍ତି ବୋଲି ମୋର ଧାରଣା।

**ଡ. ତୁହିନାଂଶୁ ରଥ**

**କଣ୍ଟିଗଡ଼ିଆ, ଯାଜପୁର**

□□□

“କୌଣସି ସାଧୁ କାର୍ଯ୍ୟରେ ନିଃସ୍ୱାର୍ଥ ଭାବରେ ପ୍ରାଣପଣେ ଲାଗି ପଡ଼ିଲେ ଦୟାମୟ ପ୍ରଭୁ ସହାୟ ହୁଅନ୍ତି”

**-ବ୍ୟାସକବି ଫକୀରମୋହନ ସେନାପତି**

**ବାଲେଶ୍ୱରରେ ପ୍ରଥମ ଛାପାଖାନା, ଆତ୍ମଜୀବନୀଚରିତ**

ଆମ ସହିତ ଯୋଡ଼ି ହୁଅନ୍ତୁ ଓ ନିଜର ମତାମତ ପ୍ରଦାନ କରନ୍ତୁ ।

ଇ-ମେଲ୍- bindubimarsha@gmail.com

ଦୂରଭାଷ- ୯୪୩୯୫୧୫୫୭୯

www.bindubimarsha.in